ଧରିତ୍ରୀ
DHARITRI

୪୯ତମ ଜନ୍ମଦିନ ବିଶେଷାଙ୍କ



# ଓଡ଼ିଶାରେ ଫୁଟ୍‌ବଲ





ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସରେ
ବିନମ୍ର ଶ୍ରଦ୍ଧାଞ୍ଜଳି ଓ ପ୍ରଣତି
ତା ୨୪।୧୧।୨୦୨୨

ବାହ୍ୟ ଘଟଣାଗୁଡ଼ିକୁ ଆଧାର କରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ–ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। **–ଶ୍ରୀମା**

କୌଣସି ସମାଜରେ ଇତର ଭାବେ ବଞ୍ଚି ରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ। କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଉର୍ଦ୍ଧ୍ୱଗାମୀ ନ ହୁଏ, ତା' ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚି ନାହିଁ। ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ। **–ଶ୍ରୀଅରବିନ୍ଦ**

ପ୍ରିୟ ପାଠିକାପାଠକ,

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କକୁ ଆପଣ ଗତ କିଛିବର୍ଷ ହେଲା ବହି ଆକାରରେ ଦେଖି ଆସିଛନ୍ତି। ଏଥର ଭିନ୍ନ ଭାବେ ଆପଣମାନଙ୍କ ନିକଟତର ହେବାକୁ ପ୍ରୟାସ କରିଛୁ। ଓଡ଼ିଶାରେ ଫୁଟ୍‌ବଲକୁ ପ୍ରୋତ୍ସାହନ ଦିଆଯିବା ପରେ ଏଥିପ୍ରତି ଉତ୍ସାହ ବଢ଼ିଲାଣି। ଉକ୍ତ ବିଷୟବସ୍ତୁ ସହ ପରିବେଶ–ପର୍ଯ୍ୟଟନ, ସୋସିଆଲ ମିଡିଆ, ଅର୍ଥନୀତି, ଗୁଣିଗାରେଡ଼ି, ଜୀବନଶୈଳୀ, ମନୋରଞ୍ଜନ ଏବଂ ସାହିତ୍ୟର ବିଭିନ୍ନ ବିଭାବକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଆଶା କରୁଛୁ, ଆପଣମାନଙ୍କୁ ଏହା ଛୁଇଁବ।

ତଥାଗତ ସତପଥୀ
ସମ୍ପାଦକ

## ଶ୍ରଦ୍ଧାଞ୍ଜଳି





ଧରିତ୍ରୀ ପ୍ରାଣ ପ୍ରତିଷ୍ଠାତା ସମାଜବାଦୀ ସୋସାଇଟିର ପୂର୍ବତନ ସଭାପତି କାଳିନ୍ଦୀଚରଣ ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀ, ପ୍ରେରଣାଦାତ୍ରୀ ନନ୍ଦିନୀ ଶତପଥୀଙ୍କ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି।

**ସମ୍ପାଦକ**
ତଥାଗତ ସତପଥୀ

**ଦିଗ୍‌ଦର୍ଶନ**
ଆଦ୍ୟାଶା ସତପଥୀ

**ସମ୍ପାଦନା ମଣ୍ଡଳୀ**
ହୃଷୀକେଶ ମଲ୍ଲିକ
ବୀରଭଦ୍ର ବିଶ୍ୱାଳ
ଜିତେନ୍ଦ୍ର କୁମାର ନାୟକ

**ଅଲଙ୍କରଣ**
ନବକୃଷ୍ଣ ସାହୁ
ସତ୍ୟଜିତ୍ ସାହୁ

## ସୂଚୀପତ୍ର


- ଓଡ଼ିଶାରେ ଫୁଟ୍‌ବଲ : ୩
  ରାମସର୍ ମାନ୍ୟତା: ଓଡ଼ିଶାର ୬ ଆର୍ଦ୍ରଭୂମି : ୭
- ଗୋଟିଏ କାବ୍ୟଗ୍ରନ୍ଥର ଜୀବନୀ: ୱେଷ୍ଟଲ୍ୟାଣ୍ଡର ଶତବର୍ଷ : ୯
- ବିଶ୍ୱାସ–ଅନ୍ଧବିଶ୍ୱାସର ଦୋଛକିରେ ମଣିଷ : ୧୦
- ସାହିତ୍ୟ–ନୋବେଲ: ରବୀନ୍ଦ୍ରୋତ୍ତର ବିଡ଼ମ୍ବନା : ୧୨
- ଲୋଡା ନୂଆ ଆଲ୍‌ଗୋରିଦମ୍ : ୧୪
- ଓଡ଼ିଆ ସିନେମାର ନୂଆଯୁଗ : ୧୬
- ଘାସ, ସ୍ୱୟଂସଂପୂର୍ଣ୍ଣା,ମୋ ଦେଶ : ୧୮
- ବୟସ ହେଲାଣି : ୧୯
- ଟ୍ରକ୍ ଚାଳକଙ୍କ ଗାଁ ବିରାଡ଼ିଆ : ୨୦
- ମାନ୍ଦାବସ୍ଥା ଆସିଲାଣି : ୨୧
- ଖୋଲା ଝରକା : ୨୩
- ଦିନେ ଥିଲେ ଐଶ୍ୱର୍ଯ୍ୟର ଅଧିକାରୀ : ୨୪
- ପାହା ପାହା ରାତିରେ, ଭଲ କବିତା, ନାଟକ : ୨୬
- ଅନେକ ଆହ୍ୱାନ : ୨୭
- ପାପୀ ନୁହେଁ ପାପକୁ : ୨୮
- ଜିମ୍ ଜୀବନ : ୩୦
- ମଡେଲ : ୩୨


Printed and Published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15 Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ଧରିତ୍ରୀ
DHARITRI

ବିଶ୍ୱର ସର୍ବାଦ୍ଭୁତ କ୍ରୀଡ଼ା ଫୁଟ୍‌ବଲ। ଫିଟ୍‌ନେସ ପାଇଁ ହେଉ କି ସ୍ପିଡ୍ କିମ୍ବା ଷ୍ଟାମିନା ବୃଦ୍ଧିଲାଗି ପ୍ରାୟ ସବୁ କ୍ରୀଡ଼ାର କ୍ରୀଡ଼ାବିତ୍ କେବେ ନା କେବେ ଫୁଟବଲ ସହ ଅଭ୍ୟାସ କରୁଥିବା ନଜରକୁ ଆସେ। କେବଳ ଫୁଟ୍‌ବଲକୁ କ୍ୟାରିୟର କରୁଥିବା ଖେଳାଳିଙ୍କ ପାଇଁ ନୁହେଁ , ସାଧାରଣ ଜନଜୀବନ ସହ ମଧ୍ୟ ଜଡ଼ିତ। ଓଡ଼ିଶାରେ ଏହାର ଆଦର କ୍ରମେ ବଢ଼ୁଛି। କଳିଙ୍ଗ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ମ୍ୟାଚ ଆୟୋଜନ ଏହାର ଉଦାହରଣ। କାତାରଠାରେ ଫିଫା ବିଶ୍ୱକପ ନଭେମ୍ବର ୨୦ରୁ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାରେ ଫୁଟ୍‌ବଲ କ୍ରେଜ୍‌କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

–ତପନ ସ୍ୱାଇଁ

# ଓଡ଼ିଶାରେ ଫୁଟ୍‌ବଲ

କ୍ରୀଡ଼ା ଜଗତର ସବୁଠାରୁ ସୁନ୍ଦରତମ ଖେଳ ହେଉଛି ଫୁଟ୍‌ବଲ। ବିଶ୍ୱର ଏହା ସର୍ବାଦ୍ଭୁତ କ୍ରୀଡ଼ା। କାରଣ ଫିଟ୍‌ନେସ ପାଇଁ ହେଉ କି ସ୍ପିଡ୍ କିମ୍ବା ଷ୍ଟାମିନା ବୃଦ୍ଧିଲାଗି ପ୍ରାୟ ସବୁ କ୍ରୀଡ଼ାର କ୍ରୀଡ଼ାବିତ୍ କେବେ ନା କେବେ ଫୁଟ୍‌ବଲ ସହ ଅଭ୍ୟାସ କରୁଥିବା ନଜରକୁ ଆସେ। ଫୁଟ୍‌ବଲ କେବଳ ଏହାକୁ କ୍ୟାରିୟର କରୁଥିବା ଖେଳାଳିଙ୍କ ପାଇଁ ନୁହେଁ, ସାଧାରଣ ଜନଜୀବନ ସହ ମଧ୍ୟ ଜଡ଼ିତ। କୌଣସି ଖେଳାଳି କିମ୍ବା ଆଥ୍‌ଲେଟ ଏକ ନିର୍ଦ୍ଦିଷ୍ଟ କ୍ରୀଡ଼ାରେ ପ୍ରତିଷ୍ଠାଲାଭ କରିଥାଇପାରେ, ମାତ୍ର ଶୈଶବ ଅବସ୍ଥାରେ ତାଙ୍କର ଫୁଟ୍‌ବଲ ସହିତ ନିଶ୍ଚିତ ସମ୍ପର୍କ ଥିବ। କାରଣ ଏହା ଏପରି ଏକ ଖେଳ, ଯାହା କି ବାଲ୍ୟାବସ୍ଥାରେ ଆମୋଦ ପ୍ରଦାନ କରିଥାଏ ଏବଂ ସୁସ୍ଥ ଶରୀର ଗଠନରେ ସହାୟକ ହୋଇଥାଏ। ଗ୍ରାମାଞ୍ଚଳରେ ମଧ୍ୟ ଏହାର ବେଶ୍ ଆଦର ରହିଛି। ଦକ୍ଷିଣ ଆମେରିକା, ୟୁରୋପ ଏବଂ ଆଫ୍ରିକା ଦେଶଗୁଡ଼ିକ ଭଳି ଭାରତ ଯଦିଓ ଫୁଟବଲରେ ବିଶେଷ ଆଗକୁ ବଢ଼ି ପାରିନାହିଁ ତେବେ ଗତ କିଛିବର୍ଷ ମଧ୍ୟରେ ଇଣ୍ଡିଆନ ସୁପରଲିଗ୍, ଆଇ–ଲିଗ୍ ଆଦିର ପ୍ରଚଳନ ଫଳରେ ଦେଶରେ ଫୁଟ୍‌ବଲର ଲୋକପ୍ରିୟତା ବେଶ୍ ବୃଦ୍ଧିପାଇଛି। ଓଡ଼ିଶା ପ୍ରସଙ୍ଗ ଉଠିଲେ ଏଠାରେ କ୍ରୀଡ଼ାର ଆଦର କ୍ରମେ ବଢ଼ୁଛି। ବିଭିନ୍ନ କ୍ରୀଡ଼ା ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହେବା ସହ ଏଠାରେ ଡଜନରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ କ୍ରୀଡ଼ା ସମ୍ଭବ ହୋଇ ପାରିଛି। ୨୦୧୭ରେ ଏସିଆନ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ହେଉ କି ୨୦୧୮ରେ ହକି ବିଶ୍ୱକପ ସବୁ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରି ଓଡ଼ିଶା ସରକାର ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛନ୍ତି। ଏହା ବ୍ୟତୀତ ଇଣ୍ଡିଆ ଏଫ୍–୧ ଫ୍ୟୁଚର ଟେନିସ, ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ସେଭେନ୍ସ, ହକି ଚାମ୍ପିୟନ୍ସ ଟ୍ରଫି, ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍, ଏଫ୍‌ଆଇଏଚ୍ ହକି ସିରିଜ ଫାଇନାଲ୍ସ, ଏଫ୍‌ଆଇଏଚ୍ ହକି କ୍ୱାଲିଫାୟର୍ସ (ମହିଳା ଓ ପୁରୁଷ), ଜୁନିୟର ହକି ବିଶ୍ୱକପ ଆଦି ମଧ୍ୟ ସଫଳ ଆୟୋଜନର ପଦଚିହ୍ନ ଛାଡ଼ିଛି। ଓଡ଼ିଶା କ୍ରୀଡ଼ା ଇତିହାସରେ ଫୁଟବଲ ଯୋଡ଼ିଛି ନୂଆ ଅଧ୍ୟାୟ। କେବଳ ୨୦୨୨ରେ ଓଡ଼ିଶାରେ ୨ଟି ଏଜ୍ ଗ୍ରୁପ୍ ଅନ୍ତର୍ଜାତୀୟ ଫୁଟବଲ ପ୍ରତିଯୋଗିତା/ମ୍ୟାଚ ଅନୁଷ୍ଠିତ ହୋଇଛି। ଜୁଲାଇ–ଅଗଷ୍ଟରେ ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍ ଏବଂ ଅକ୍ଟୋବରରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଗ୍ରୁପ୍ ମ୍ୟାଚ ସଫଳତାର ସହ ସମ୍ପନ୍ନ ହୋଇଛି। ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀର ମାନ୍ୟତା ପାଇଛି ଓଡ଼ିଶା। ଦେଶ ବିଦେଶର ଖେଳାଳିଙ୍କଠାରୁ ଆରମ୍ଭ କରି ବିଭିନ୍ନ ଫେଡେରେଶନର କର୍ମକର୍ତ୍ତା ଏବଂ ମ୍ୟାଚ ଅଫିସିଆଲ୍ସ ଓଡ଼ିଶାରେ ଉପଲବ୍ଧ ଭିତ୍ତିଭୂମି, ପରିବେଶ, ଦର୍ଶକଙ୍କ ସମାଗମ ଏବଂ ଆତିଥେୟତାରେ ଶତମୁଖ ହୋଇଛନ୍ତି।

## ଓଡ଼ିଶାର ଶକ୍ତି ମହିଳା ଫୁଟ୍‌ବଲ

ଓଡ଼ିଶାରେ ମହିଳା ଫୁଟ୍‌ବଲର ଅୟମାରମ୍ଭ ହୋଇଥିଲା ୧୯୯୨ ମସିହାରେ। ଆରମ୍ଭରେ ଅନେକ ଘାତ ପ୍ରତିଘାତ ମଧ୍ୟରେ ଦଳ ଗତି କରିଥିଲେ ହେଁ ସମୟ ସ୍ରୋତରେ ଏବେ ଦେଶରେ ଅନ୍ୟତମ ଶକ୍ତିଶାଳୀ ଦଳର ମାନ୍ୟତା ପାଉଛି। ଓଡ଼ିଶା ମହିଳା ଫୁଟ୍‌ବଲର ପ୍ରଥମ ଅଧିନାୟିକା ଗୀତାଞ୍ଜଳି ସାମନ୍ତରାୟ ଓ ତାଙ୍କ ଭଉଣୀ ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଅଭିଯାନ ଏବେ କ୍ରମେ ମହାଦ୍ରୁମରେ ପରିଣତ ହୋଇଛି। ରାଜ୍ୟରେ ଅନେକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ସୃଷ୍ଟି ହୋଇଛନ୍ତି। ଜାତୀୟ ଦୃଶ୍ୟପଟରେ ଓଡ଼ିଶା ମହିଳା ଦଳ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିପାରିଛି। ନିକଟରେ ଗୁଜରାଟରେ ଅନୁଷ୍ଠିତ ୩୬ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ଫାଇନାଲରେ ଶକ୍ତିଶାଳୀ ମଣିପୁରକୁ କଡ଼ା ଟକ୍କର ଦେଇ ମନ ଜିତିଥିଲା ଓଡ଼ିଶା ଦଳ। ମହାରାଷ୍ଟ୍ର ବିପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପୂରା ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଫାଇନାଲରେ ମଣିପୁରଠାରୁ ହାରି ଯାଇଥିଲା। ଜାତୀୟ କ୍ରୀଡ଼ାରେ ଓଡ଼ିଶା ୨ ଥର ସ୍ୱର୍ଣ୍ଣ ପଦକ



ପ୍ୟାରୀ ଖାଖା



ପାଇଥିଲା। ୨୦୦୭ରେ ଆସାମର ଗୁଆହାଟୀ ଏବଂ ୨୦୧୧ରେ ଝାଡ଼ଖଣ୍ଡର ରାଞ୍ଚିଠାରେ ଚାମ୍ପିୟନ ହୋଇଥିଲା। ୨ ଥର ୨୦୧୫ ଓ ୨୦୨୨ରେ ରୌପ୍ୟ ପଦକ ହାସଲ କରିଥିବାବେଳେ ୨୦୦୨ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଅର୍ଜନ କରିଥିଲା। ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ମଧ୍ୟ ଓଡ଼ିଶା ନିଜ ଉପସ୍ଥିତି ଜାହିର କରିବାରେ ସକ୍ଷମ ହୋଇଛି। ୨୦୧୦-୧୧ରେ ଦଳ ଚାମ୍ପିୟନ ହୋଇଥିବାବେଳେ ୨୦୦୧-୦୨, ୨୦୦୭-୦୮, ୨୦୦୯-୧୦, ୨୦୧୩-୧୪ ଏବଂ ୨୦୧୮-୧୯ରେ ରୌପ୍ୟ ପଦକ ହାସଲ କରିଛି। ୨୦୨୧ ଗତ ସଂସ୍କରଣରେ ମଧ୍ୟ ଓଡ଼ିଶା ଭଲ ଖେଳିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଆନ୍ଧ୍ର ପ୍ରଦେଶ, ଗୁଜରାଟ ଓ ହରିୟାଣାକୁ ହରାଇବାପରେ କ୍ୱାର୍ଟର ଫାଇନାଲରେ ତାମିଲନାଡୁକୁ ପରାସ୍ତ କରିଥିଲା। ସେମିଫାଇନାଲରେ ମଣିପୁରକୁ କଡ଼ା ଟକ୍କର ଦେଇଥିଲେ ମଧ୍ୟ ଶୁଟ୍‌ଆଉଟ୍‌ରେ ହାରି ଯାଇଥିଲା।

ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ଏବଂ ଜାତୀୟ କ୍ରୀଡ଼ାକୁ ଛାଡ଼ିଦେଲେ ଓଡ଼ିଶା ଦଳ ୨୦୦୯ରେ ସିକ୍କିମର ଗ୍ୟାଙ୍ଗଟକ୍‌ରେ ଅନୁଷ୍ଠିତ ପ୍ରେମ ଦୋରାଜୀ ମେମୋରିଆଲ କପ୍ ପ୍ରଥମ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ମଧ୍ୟ ଚମକପ୍ରଦ ପ୍ରଦର୍ଶନ କରିଥିଲା। ମଣିପୁର ସହ ଫାଇନାଲ ଗୋଲଶୂନ୍ୟ ଡ୍ର ରହିବାପରେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୨-୩ ଗୋଲରେ ହାରି ଅଳ୍ପକେ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଥିଲା। ଏଥିରେ ସସ୍ମିତା ମଲିକ ଓ ସୀତା ଶର୍ମା ଯଥାକ୍ରମେ ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପାଇଥିଲେ।

ଜୁନିୟର ସ୍ତରରେ ମଧ୍ୟ ଓଡ଼ିଶାର ଦବ୍‌ଦବା ରହିଛି। ଜାତୀୟ ସବ୍‌ଜୁନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ୨୦୦୬-୦୭ ସଂସ୍କରଣରେ ଓଡ଼ିଶା ଚାମ୍ପିୟନ ହୋଇଥିବାବେଳେ ୭ ଥର ୨୦୦୩-୦୪, ୨୦୦୪-୦୫, ୨୦୦୭-୦୮, ୨୦୦୮-୦୯, ୨୦୦୯-୧୦,


ଗୁଜରାଟରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ମହିଳା ଫୁଟବଲ ଦଳ।

୨୦୧୦-୧୧ ଏବଂ ୨୦୧୮-୧୯ରେ ଦଳ ରନର୍ସଅପ୍ ପୁରସ୍କାର ହାସଲ କରିଥିଲା। ଜାତୀୟ ଜୁନିୟର ଫୁଟବଲରେ ଓଡ଼ିଶା ଦଳ ଯଦିଓ ଟାଇଟଲ ହାସଲ କରିପାରିନାହିଁ ତେବେ ୮ ଥର ୨୦୦୨-୦୩, ୨୦୦୫-୦୬, ୨୦୦୭-୦୮, ୨୦୦୮-୦୯, ୨୦୦୯-୧୦, ୨୦୧୦-୧୧ ଓ ୨୦୧୮-୧୯ରେ ରନର୍ସଅପ୍ ହେବାର ଗୌରବ ପାଇଛି।

ଜାତୀୟ ଦୃଶ୍ୟପଟରେ ଯଦି ହକି ପରେ କୌଣସି ଖେଳରେ ଓଡ଼ିଶାକୁ ଏକ ଶକ୍ତିଭାବେ ବିବେଚନା କରାଯାଏ ତେବେ ତାହା ମହିଳା ଫୁଟ୍‌ବଲ ହିଁ ହେବ ଏଥିରେ କୌଣସି ସନ୍ଦେହ ନାହିଁ। କାରଣ ହକି ଭଳି

## କିମ୍ବଦନ୍ତୀ ପୁରୁଷ ଖେଳାଳି

୩୦ ଓ ୪୦ ଦଶକ: ବିଜୁ ପଟ୍ଟନାୟକ, ଜର୍ଜ ପଟ୍ଟନାୟକ, ମନୀନ୍ଦ୍ର ନାଥ ଗୁହ, ଫେଲୁ ମହାପାତ୍ର, ବସନ୍ତ ସାଠିଆ, ଡଗ୍‌ଲାସ ଓ କ୍ଲାରି ବର୍ନେଟ।

୫୦ ଦଶକ: ଦୀନବନ୍ଧୁ ଯାଦବ (ପ୍ରଥମ ସନ୍ତୋଷ ଟ୍ରଫି ଅଧିନାୟକ-୧୯୪୮), ସେକ୍ ମଜିଦ (ବଚନ-୧୯୫୧ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ), ଗୋଲକ ସାମଲ (ଭାରତକୁ କାବୁଲରେ ପ୍ରତିନିଧିତ୍ୱ, ୧୯୫୫), ସୟେଦ ଅଲୀ ୟୁନୁସ, ଏମ୍.ଏସ୍. ଆଲାମ, ସେକ୍ ବାବୁ, ନିର୍ମଳ ଚକ୍ରବର୍ତ୍ତୀ, ଡ. ସଚ୍ଚି ଦାସ, ଅବଦୁଲ ଜବାର (ଗିଟୁ-ଗୋଲକିପର), ପ୍ରଶାନ୍ତ ପାତ୍ର (ଲାଲା-ଗୋଲକିପର), ବ୍ରଜ ଦାସ, ଆଲା ରଖା (ମହମ୍ମଡାନ ସ୍ପୋର୍ଟିଂ)।

୬୦ ଓ ୭୦ ଦଶକ: ଭାରତୀ ମିଶ୍ର (ଗୋଲକିପର), ଦେବ ସିଂ, ଲକ୍ଷ୍ମୀକାନ୍ତ ବୋଷ (ଖୁଟୁ), ମନ୍ମଥ ସିଂ (ଶିରୁ), ସୁଦାମ ସାହୁ, ବିଜୟ ଦାସ, ଶ୍ରୀରାମ, ସେକ୍ ଜାନି, ଜାଫର, ମାର୍ଶାଲ, ବାବୁଲି ବିଶ୍ୱାସ।

# ରୋଚକ କାହାଣୀ

ଦିନଥିଲା ଓଡ଼ିଶାରେ ମହିଳା ଫୁଟବଲ ବୋଲି କିଛି ନ ଥିଲା। ୧୯୯୨ ମସିହାର କଥା। ଆସାମର ହାଫ୍‌ଲଙ୍ଗ୍‌ଠାରେ ଜାତୀୟ ମହିଳା ଫୁଟ୍‌ବଲର ପ୍ରଥମ ଫେଡେରେଶନ କପ୍ ଅନୁଷ୍ଠିତ ହେଉଥାଏ । ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଏକ ଦଳ ଅଂଶଗ୍ରହଣ ପାଇଁ ଅନୁରୋଧ ଆସିଲା ରାଜ୍ୟ ସରକାରଙ୍କ ନିକଟକୁ । ମାତ୍ର ସେତେବେଳେ ରାଜ୍ୟରେ ମହିଳା ଫୁଟ୍‌ବଲ ଦଳ ତ ଦୂରର କଥା ଏ ସମ୍ପର୍କରେ କାହାରି ଧାରଣା ମଧ୍ୟ ନ ଥାଏ । ମୁଖ୍ୟମନ୍ତ୍ରୀ ଥାଆନ୍ତି ସ୍ୱାଭିମାନୀ ବିଜୁ ପଟ୍ଟନାୟକ। ତାଙ୍କ ନଜରକୁ ଏ ଘଟଣା ଆସିବା ପରେ ଯେ କୌଣସି ପ୍ରକାରେ ଏକ ଦଳ ପଠାଇବା ପାଇଁ ନିର୍ଦ୍ଦେଶ ଦେଲେ। ମାତ୍ର ରାଜ୍ୟରେ ଜଣେ ହେଲେ ମହିଳା ଖେଳାଳି ତ ନ ଥିଲେ, ଦଳ ଆସିବ କେଉଁଠୁ । ସେତେବେଳେ ଓଡ଼ିଶାରେ ଏକ ମହିଳା ଖୋ ଖୋ ଦଳ ବେଶ୍ ନାଁ କରିଥାଏ । ଏହି ଦଳର ନେତୃତ୍ୱ ନେଉଥାଆନ୍ତି ରାଜଧାନୀସ୍ଥିତ ବିଜେବି କଲେଜର ଛାତ୍ରୀ ଗୀତାଞ୍ଜଳି ସାମନ୍ତରାୟ। ସେତେବେଳେ ୟୁନିଟ-୨ ବାଳିକା ହାଇସ୍କୁଲର ୯ମ ଶ୍ରେଣୀରେ ପଢୁଥିବା ତାଙ୍କ ସାନଭଉଣୀ ଶ୍ରଦ୍ଧାଞ୍ଜଳି ମଧ୍ୟ ଦଳର ସଦସ୍ୟ ଥାଆନ୍ତି। ଗୀତାଞ୍ଜଳି ଥିଲେ ଦୃଢ଼ମନା, ସାହସୀ ଓ ରୋକ୍‌ଠୋକ୍ ସ୍ୱଭାବର ଝିଅ। ମୁଖ୍ୟମନ୍ତ୍ରୀଙ୍କ କଥା ରଖିବାକୁ ଯାଇ କ୍ରୀଡ଼ା ନିର୍ଦ୍ଦେଶାଳୟ ପକ୍ଷରୁ ଗୀତାଞ୍ଜଳିଙ୍କୁ ଯୋଗାଯୋଗ କରାଗଲା। ସମ୍ଭବତଃ ଦୁଇ ଭଉଣୀ ଫୁଟ୍‌ବଲରେ ନାଁ କମାନ୍ତୁ ବୋଲି ଥିଲା ଈଶ୍ୱରଙ୍କ ନିର୍ଦ୍ଦେଶ । ଅଣ୍ଟା ଭିଡ଼ିଲେ ଗୀତାଞ୍ଜଳି। ଖୋ ଖୋ ଦଳର ସଦସ୍ୟାଙ୍କୁ ଧରି ମାତ୍ର ୨-୩ ଦିନ ଫୁଟ୍‌ବଲର ମୌଳିକତା(ବେସିକ୍) ସମ୍ପର୍କରେ ଶିକ୍ଷାଲାଭ କରି ଆସାମ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଲେ । ମାତ୍ର ବଲ ଓଡ଼ିଶା ଖେଳାଳିଙ୍କ ବୋଲ ମାନି ନ ଥିଲା । ସବୁଦଳଠାରୁ ଶୋଚନୀୟ ପରାଜୟବରଣ କରି ଓଡ଼ିଶା ଦଳ ରାଜ୍ୟକୁ ଫେରିଲା । ଏହି ପରାଜୟରୁ ହିଁ ଜନ୍ମ ନେଇଥିଲା ଓଡ଼ିଶା ମହିଳା ଫୁଟ୍‌ବଲର ମୂଳଦୁଆ ।


ଗୀତାଞ୍ଜଳି ସାମନ୍ତରାୟ

କୌଣସି କଥା ଯେତେବେଳେ ଅନ୍ତରକୁ ବାଧେ ସେତେବେଳେ କିଛି ନୂଆ କରି ଦେଖାଇବାର ମନୋବୃତ୍ତି ଜନ୍ମନିଏ। ଏହି ମନୋବୃତ୍ତିର ମଙ୍ଗୁଆଳ ସାଜିଲେ ଗୀତାଞ୍ଜଳି । ଭିତ୍ତି ପ୍ରସ୍ତରର ପ୍ରଥମ ଇଟା ଧରିଲେ ମା' ରଶ୍ମି ଏବଂ ପିତା ନେତ୍ରାନନ୍ଦ ସାମନ୍ତରାୟଙ୍କ ଏହି ସୁଯୋଗ୍ୟ ସନ୍ତାନ। ତାଙ୍କ ପଛକୁ ଥିଲେ ପ୍ରତିଭାସମ୍ପନ୍ନ ଶ୍ରଦ୍ଧାଞ୍ଜଳି। ମହିଳା ଫୁଟ୍‌ବଲରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ରାଜ୍ୟଭାବେ ଗଢ଼ି ତୋଳିବା ପାଇଁ ଶପଥ ନେଲେ ଗୀତାଞ୍ଜଳିଙ୍କ ଖୋ ଖୋ ବାହିନୀ। ଗୀତାଞ୍ଜଳି ଓ ଶ୍ରଦ୍ଧାଞ୍ଜଳିଙ୍କ ବ୍ୟତୀତ ଓଡ଼ିଶାର ପ୍ରଥମ ମହିଳା ଫୁଟ୍‌ବଲ ଦଳରେ ସାମିଲ ଥିବା ଅନ୍ୟ ସଦସ୍ୟାମାନେ ହେଲେ ମମତା ମହାନ୍ତି, ସୁଜାତା ପଟ୍ଟନାୟକ, ଶୋଭାରାଣୀ ଦାସ, ପ୍ରଥମା ପ୍ରିୟଦର୍ଶିନୀ, ରଶ୍ମିତା ମହାନ୍ତି, କଳ୍ପନା ସାହୁ, ନିବେଦିତା ପାତ୍ର, ମମତା ପ୍ରଧାନ, ସରିତା ପଣ୍ଡା, ମମତାଜ ବେଗମ । ଖୋ ଖୋ ରହିଲା ପଛରେ, ଆରମ୍ଭ ହେଲା ମହିଳା ଫୁଟବଲର ଜୟଯାତ୍ରା। ଅଭ୍ୟାସସ୍ଥଳ ଥିଲା ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ। ପରେ ଦଳ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ସୁଯୋଗ ପାଇଥିଲା। ସାଇ କୋଚ୍ ଚନ୍ଦନ ଚନ୍ଦାଙ୍କ ଉତ୍ସାହ ଏବଂ ଖେଳାଳିଙ୍କ ଅକ୍ଲାନ୍ତ ପରିଶ୍ରମ ଫଳାଫଳରେ ରୂପାନ୍ତରିତ ହେଲା। ୧୯୯୩ରେ ବିହାରରେ ଆୟୋଜିତ ଦ୍ୱିତୀୟ ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ କଲା। ଏହାପରେ ଓଡ଼ିଶାରେ ମହିଳା ଫୁଟ୍‌ବଲ ଆଉ ପଛକୁ ଫେରି ଚାହିଁନାହିଁ ।


ସସ୍ମିତା ମଲିକ

ମହିଳା ଫୁଟ୍‌ବଲକୁ ଓଡ଼ିଶା ଗତ କିଛିବର୍ଷ ମଧ୍ୟରେ ଅନେକ ତାରକା ଖେଳାଳି ଦେଇଛି। ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଭାରତୀୟ ଦଳର ନେତୃତ୍ୱ ନେଇ ଅନ୍ୟ ଓଡ଼ିଆ ଖେଳାଳିଙ୍କ ପାଇଁ ବାଟ ଫିଟାଇଥିବାବେଳେ ସସ୍ମିତା ମଲିକ ଏହି ଧାରାକୁ ଆଗେଇ ନେଇଛନ୍ତି। କେବଳ ସେତିକି ନୁହେଁ, ସସ୍ମିତା ଏବେ ମଧ୍ୟ ଭାରତର ସର୍ବାଧିକ ଗୋଲ ସ୍କୋରର ମାନ୍ୟତା ପାଉଛନ୍ତି। ଓଡ଼ିଶା ମହିଳା ଫୁଟବଲକୁ ଇତିମଧ୍ୟରେ ତିନି ଦଶନ୍ଧି ପୂରି ଯାଇଛି। ଏହା ମଧ୍ୟରେ ଅନେକ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରତିଭା ଦେଖାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ବିଜୟଲକ୍ଷ୍ମୀ ସାହୁ, ରଶ୍ମିତା ପାତ୍ର, ଗାୟତ୍ରୀ ମଲିକ,



କଳିଙ୍ଗ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଉଦ୍‌ଘାଟନୀ ଅବସରରେ (ବାମରୁ) ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ସଭାପତି କଲ୍ୟାଣ ଚୌବେ, ଫିଫା ମହାସଚିବ ଫାତମା ସମୋଉରା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କ୍ରୀଡ଼ା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର, ଗୋଆ କ୍ରୀଡ଼ାମନ୍ତ୍ରୀ ଗୋବିନ୍ଦ ଗୌଡ଼େ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

ସୁପ୍ରଭା ସାମଲ, ରେଣୁକା ମଲିକ, ଲୋଚନା ମୁଣ୍ଡା, ରଞ୍ଜିତା ମହାନ୍ତି, ଦୀପ୍ତିମୟୀ ସାମଲ, ସୀତା ଶର୍ମା, ଟିଙ୍କିନା ସାମଲ, ସଙ୍ଗୀତା ପାତ୍ର, ପିଙ୍କି ବମ୍ପଲ ମଗର, ପ୍ରତିମା ମିଞ୍ଜ, ସୁଦୀପ୍ତା ଦାଶ ଓ ଆଲୋଚନା ସେନାପତିଙ୍କ ପରି ଅନେକ ଖେଳାଳି। ବର୍ତ୍ତମାନ ପ୍ୟାରୀ ଖାଖା, ଜବାମଣୀ ଟୁଡୁ, ମନୀଷା ପାନ୍ନା, ବନ୍ୟା କବିରାଜ, ସତ୍ୟବତୀ ଖାଡ଼ିଆ ପ୍ରମୁଖ ଏହି ଧାରାକୁ ଆଗକୁ ନେବାରେ ବ୍ରତୀ ଅଛନ୍ତି।

## ସନ୍ତୋଷ ଟ୍ରଫି: ୨ ଥର ସେମିଫାଇନାଲ ଖେଳିଛି ଓଡ଼ିଶା

ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ସର୍ବୋଚ୍ଚ ଘରୋଇ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ ଓଡ଼ିଶା ପ୍ରଥମଥର ପାଇଁ ୧୯୪୮ରେ ଅଂଶଗ୍ରହଣ କରିଥିଲା। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ପ୍ରଥମ ଅଧିନାୟକ ଥିଲେ ଦୀନବନ୍ଧୁ ଯାଦବ। ତା' ପୂର୍ବରୁ ଅର୍ଥାତ୍ ୩୦ ଓ ୪୦ ଦଶକରେ ବିଜୁ ପଟ୍ଟନାୟକ, ଜର୍ଜ ପଟ୍ଟନାୟକ, ମନୀନ୍ଦ୍ର ନାଥ ଗୁହ, ଫେଲୁ ମହାପାତ୍ର, ବସନ୍ତ ସାଠିଆ, ଡଗ୍‌ଲାସ ଓ କ୍ଲାରି ବର୍ନେଟ ପ୍ରମୁଖ କିମ୍ବଦନ୍ତୀ ଖେଳାଳିଙ୍କୁ ନେଇ ଓଡ଼ିଶା ଫୁଟବଲ ସମୃଦ୍ଧ ଥିଲା।
୫୦ ଦଶକରେ ଯେଉଁ ଖେଳାଳିମାନେ ଓଡ଼ିଶା ଫୁଟବଲକୁ ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେମାନେ ହେଲେ ଦୀନବନ୍ଧୁ ଯାଦବ, ସେକ୍ ମଜିଦ (ବଚନ-୧୯୫୧ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ), ଗୋଲକ ସାମଲ (ଭାରତକୁ କାବୁଲରେ ପ୍ରତିନିଧିତ୍ୱ, ୧୯୫୫), ସୟେଦ ଅଲୀ ୟୁନୁସ, ଏମ୍.ଏସ. ଆଲାମ, ସେକ୍ ବାବୁ, ନିର୍ମଳ ଚକ୍ରବର୍ତ୍ତୀ, ଡ. ସଚ୍ଚି ଦାସ, ଅବଦୁଲ ଜବାର (ଗିଟୁ-ଗୋଲକିପର), ପ୍ରଶାନ୍ତ ପାତ୍ର (ଲାଲା-ଗୋଲକିପର), ବ୍ରଜ ଦାସ ଓ ଆଲା ରଖା (ମହମ୍ମଡାନ ସ୍ପୋର୍ଟିଂ)। ସେହିପରି ୬୦ ଓ ୭୦ ଦଶକରେ ଭାରତୀ ମିଶ୍ର (ଗୋଲକିପର), ଦେବ ସିଂ, ଲକ୍ଷ୍ମୀକାନ୍ତ ବୋଷ (ଖୁଚୁ), ମନ୍ମଥ ସିଂ (ଶିରୁ), ସୁଦାମ ସାହୁ, ବିଜୟ ଦାସ, ଶ୍ରୀରାମ, ସେକ୍ ଜାନି, ଜାଫର, ମାର୍ଶାଲ, ବାବୁଲି ବିଶ୍ୱାସ ପ୍ରମୁଖ ବଳିଷ୍ଠ ପ୍ରଦର୍ଶନ କରି କିମ୍ବଦନ୍ତୀ ଖେଳାଳିର ମାନ୍ୟତା ପାଇଛନ୍ତି।

ଇତିହାସ ପୃଷ୍ଠା ଲେଉଟାଇଲେ ଦେଖିବାକୁ ମିଳେ ଯେ, ୨ ଥର ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶା ସେମିଫାଇନାଲ ଖେଳିଛି। ପ୍ରଥମେ ୧୯୬୭-୬୮ରେ କଟକରେ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶା ଚମତ୍କାର ଖେଳି ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ମହୀଶୂରକୁ କଡ଼ା ଟକ୍କର ମଧ୍ୟ ଦେଇଥିଲା। ମାତ୍ର ଶେଷରେ ୧-୨ ଗୋଲରେ ହାରି ଯାଇଥିଲା। ସେହିପରି ୧୯୯୪ରେ ଓଡ଼ିଶା ଦଳ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ନେତୃତ୍ୱରେ ଶ୍ରେଷ୍ଠ ପ୍ରଦର୍ଶନ କରି ସେମିଫାଇନାଲରେ ପହଞ୍ଚିଥିଲା। ମାତ୍ର ସେଠାରେ କେରଳ ସାଜିଥିଲା ପ୍ରତିବନ୍ଧକ। ଫଳରେ ଓଡ଼ିଶାର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଯାଇଥିଲା। ଓଡ଼ିଶା ଯେଉଁ ୨ ଥର ସେମିଫାଇନାଲ ଖେଳିଛି ସେଥିରେ ଏକ ଅପୂର୍ବ ସଂଯୋଗ ରହିଛି। ୧୯୬୭-୬୮ରେ ଓଡ଼ିଶା ଦଳର ନେତୃତ୍ୱ ନେଇଥିଲେ ଦେବ ସିଂ। ୧୯୯୪ରେ ଅଧିନାୟକ ଥିଲେ ରାଜେନ୍ଦ୍ର ପ୍ରସାଦ ସିଂ। ଉଭୟ ହେଉଛନ୍ତି ପିତା-ପୁତ୍ର। ୨୦୨୧-୨୨ ସିଜନରେ ଓଡ଼ିଶା ଭଲ ଖେଳି ସେମିଫାଇନାଲ ସମ୍ଭାବନା ସୃଷ୍ଟି କରିଥିଲା। କର୍ଣ୍ଣାଟକ ବିପକ୍ଷ ମ୍ୟାଚକୁ ଡ୍ର ରଖିବାପରେ ଶକ୍ତିଶାଳୀ ମଣିପୁରକୁ ହରାଇ ଦେଇଥିଲା। ଗୁଜରାଟକୁ ହରାଇବାରୁ ସର୍ଭିସେସ ବିପକ୍ଷ ମ୍ୟାଚକୁ ଅତିକମ୍‌ରେ ଡ୍ର ରଖିବା ଆବଶ୍ୟକ ହେଉଥିଲା। ମାତ୍ର ଏହି ମ୍ୟାଚକୁ ହାରିଯିବାରୁ ଦଳ ଅଳ୍ପକେ ସେମିଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଓଡ଼ିଶା ୭ ଓ କର୍ଣ୍ଣାଟକ ୭ ପଏଣ୍ଟ ପାଇ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଥିଲେ। ମାତ୍ର ଉନ୍ନତ ଗୋଲ ବ୍ୟବଧାନରେ କର୍ଣ୍ଣାଟକ ସେମିଫାଇନାଲରେ ପହଞ୍ଚିଥିଲା ଏବଂ ଓଡ଼ିଶା ଅଭିଯାନ



ରାଜେନ୍ଦ୍ର ପ୍ରସାଦ ସିଂ

# 'ମହିଳା ଫୁଟ୍‌ବଲ ବହୁ ଆଗକୁ ଯିବ'

"୧୯୯୨ରେ ଯେତେବେଳେ ଓଡ଼ିଶାରେ ମହିଳା ଫୁଟ୍‌ବଲ ଆରମ୍ଭ ହେଲା ସେତେବେଳେ ଏହି ଖେଳ ସମ୍ପର୍କରେ ଆମର ବିଶେଷ ଜ୍ଞାନ ନ ଥିଲା। କୋଚ୍ ଚନ୍ଦନ ଚନ୍ଦାଙ୍କ ପ୍ରଶିକ୍ଷଣରେ ଧୀରେଧୀରେ ଆମେ ଖେଳ ସମ୍ପର୍କରେ ଶିଖିଲୁ। କ୍ରମେ ଓଡ଼ିଶା ମହିଳା ଫୁଟ୍‌ବଲ ସମୃଦ୍ଧ ହେଲା ଏବଂ ଆମେ ଜାତୀୟ ଦୃଶ୍ୟପଟରେ ନିଜର ଉପସ୍ଥିତି ଜାହିର କଲୁ। କେବଳ ସେତିକି ନୁହେଁ, ଆମେ ଜାତୀୟ ମହିଳା ଫୁଟ୍‌ବଲ ଏବଂ ଜାତୀୟ କ୍ରୀଡ଼ାରେ ଭାରତର ଅନ୍ୟ ଶକ୍ତିଶାଳୀ ଦଳଗୁଡ଼ିକୁ ଚ୍ୟାଲେଞ୍ଜ ଦେଲୁ ଏବଂ ଚାମ୍ପିୟନ ମଧ୍ୟ ହେଲୁ। ଏବେ ସ୍ଥିତି ବଦଳିଯାଇଛି। ଓଡ଼ିଶା ସରକାର ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଅନ୍ୟ ଖେଳ ଭଳି ଫୁଟ୍‌ବଲକୁ ମଧ୍ୟ ଅଗ୍ରାଧିକାର ଦେଉଛନ୍ତି। ଆମ ନିକଟରେ ଏବେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ନିକଟରେ ଏଠାରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ହେବାଦ୍ୱାରା ଆମ ପିଲାମାନେ ନିକଟରୁ ବିଦେଶୀ ଖେଳାଳିଙ୍କ ଆକ୍ସନ ଦେଖିବାକୁ ପାଇଲେ। ଏହା ସେମାନଙ୍କ କ୍ୟାରିୟରରେ ବିଶେଷ ସହାୟକ ହେବ। କେବଳ ସେତିକି ନୁହେଁ, ଫୁଟ୍‌ବଲକୁ ପ୍ରୋତ୍ସାହନ ମିଳୁଥିବାରୁ ରାଜ୍ୟରେ ଅଧିକରୁ ଅଧିକ ପିଲା ଏହାକୁ କ୍ୟାରିୟର କରିବାକୁ ଆଗେଇ ଆସୁଛନ୍ତି। ତେଣୁ ରାଜ୍ୟରେ ମହିଳା ଫୁଟ୍‌ବଲର ଭବିଷ୍ୟତ ଉଜ୍ଜ୍ୱଳ''ବୋଲି ପୂର୍ବତନ ଭାରତୀୟ ମହିଳା ଫୁଟ୍‌ବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ୧୯୯୨ରେ ଓଡ଼ିଶାରେ ମହିଳା ଫୁଟ୍‌ବଲ ଆରମ୍ଭ କରିଥିଲେ ଶ୍ରଦ୍ଧାଞ୍ଜଳି। ଇତିମଧ୍ୟରେ ୩୦ ବର୍ଷ ବିତିଯାଇଛି। ସମୟ ଆଗେଇ ଚାଲିଛି କିନ୍ତୁ ଫୁଟ୍‌ବଲରେ ଲାଗି ରହିବାର ଝୁଙ୍କ୍ ଏବେ ମଧ୍ୟ ତାଙ୍କ ମନରେ ତାଜା ରହିଛି। ସେ ଜଣେ ଖେଳାଳିଭାବେ ବଲ୍‌କୁ ନେଇ ପ୍ରତିପକ୍ଷ ଗୋଲପୋଷ୍ଟ ନିକଟକୁ ଆଗେଇ ଯାଇଛନ୍ତି, ଅଧିନାୟିକା ଭାବେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଖେଳ ଜୀବନ ପରେ ବିଭିନ୍ନ ଟୁର୍ନାମେଣ୍ଟ ସମୟରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ପକ୍ଷରୁ କେତେବେଳେ ଜଜ୍ ତ କେତେବେଳେ ଚୟନକର୍ତ୍ତାର ଗୁରୁ ଦାୟିତ୍ୱ ସମ୍ଭାଳିଛନ୍ତି। ରାଜ୍ୟ ଦଳ ସହ ଜାତୀୟ ଦଳକୁ କୋଚିଂ ମଧ୍ୟ ଦେଉଛନ୍ତି। ରାଜ୍ୟରେ ଫୁଟ୍‌ବଲ ମଳିନ ନ ପଡ଼ୁ, ଏଥିପାଇଁ ସେ ବ୍ୟକ୍ତିଗତ ଜୀବନରେ ଅନେକ ତ୍ୟାଗ କରିଛନ୍ତି, ବିବାହ ନ କରିବାକୁ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ସକାଳୁ ଶଯ୍ୟା ତ୍ୟାଗ କରିବାଠାରୁ ଆରମ୍ଭ କରି ରାତିରେ ନିଦ୍ରା ଯିବା ପର୍ଯ୍ୟନ୍ତ କେବଳ ଫୁଟ୍‌ବଲ କଥା ହିଁ ଭାବିଛନ୍ତି। ରାଜ୍ୟରେ ମହିଳା ଫୁଟ୍‌ବଲ ଆହୁରି ଆଗକୁ ଯାଉ। ଅଧିକରୁ ଅଧିକ ଝିଅ ଏହି କ୍ରୀଡ଼ାକୁ ଆସନ୍ତୁ ଏବଂ ଓଡ଼ିଶା ଜାତୀୟ ଦୃଶ୍ୟପଟରେ ଆଧିପତ୍ୟ ଅବ୍ୟାହତ ରଖୁ ବୋଲି ସେ ଚାହାନ୍ତି। "କୋଭିଡ୍-୧୯ ଯୋଗୁ ପ୍ରଭାବିତ ହୋଇଥିବା କ୍ରୀଡ଼ା ଏବେ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ରାଜ୍ୟରେ ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍) ଏବଂ ଇଣ୍ଡିଆ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ହେବାଦ୍ୱାରା ଆମ ପିଲାଙ୍କୁ ବହୁତ ଫାଇଦା ମିଳିଛି। ଆଇଡବ୍ଲ୍ୟୁଏଲ୍‌ରେ ଦେଶର ଶ୍ରେଷ୍ଠ ୧୨ଟି ଦଳ ଭାଗ ନେଇଥିଲେ। ଏଥିରେ ବଛାବଛା ଖେଳାଳିମାନେ ଖେଳିଥିଲେ। ସେଥିରେ ଆମ ଓଡ଼ିଶାର ୨ଟି ଦଳ ଅଂଶଗ୍ରହଣ କରିଥିଲା। କ୍ୱାଲିଟି ଖେଳାଳିଙ୍କ ବିପକ୍ଷରେ ଖେଳିଲେ ଆମ ପିଲାଙ୍କର ପ୍ରଦର୍ଶନରେ ଉନ୍ନତି ଆସିବା ସ୍ୱାଭାବିକ। ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସିର ଏକ ମହିଳା ଦଳ ଗଠନ କରାଯାଉଛି। ରାଜ୍ୟରେ ବେବି ଲିଗ୍ ଫୁଟ୍‌ବଲ ଏବଂ ଫୁଟସାଲଭଳି ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପିଲାମାନେ ଯେତେ ଅଧିକ ପ୍ରତିଯୋଗିତା ଖେଳିବେ ପ୍ରଦର୍ଶନ ସେତେ ମାର୍ଜିତ ହେବ। ଓଡ଼ିଶାରେ ଯେ ମହିଳା ଫୁଟ୍‌ବଲ ବହୁ ଆଗକୁ ଯିବ ଏଥିରେ ଦ୍ୱିମତ ନାହିଁ'' ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି।



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

# ‘ବର୍ଷସାରା ଟୁର୍ନାମେଣ୍ଟ ଖେଳିବା ସୁଯୋଗ ଆବଶ୍ୟକ’

“ଫୁଟ୍‌ବଲ ଖେଳର ଅତୀତ ଓ ବର୍ତ୍ତମାନରେ ଆକାଶ ପାତାଳ ପ୍ରଭେଦ ରହିଛି। ସୁବିଧା ସୁଯୋଗର ଧାରା ମଧ୍ୟ ବଦଳିଛି। ଫର୍ମାଟରେ ବ୍ୟାପକ ପରିବର୍ତ୍ତନ ହୋଇଛି। ୧୯୮୦ ମସିହାର କଥା କହିଲେ ସେତେବେଳେ ୪-୨-୪ ଫର୍ମାଟରେ ଖେଳ ହେଉଥିଲା। ଅର୍ଥାତ୍ ୪ ଡିଫେଣ୍ଡ, ୨ ହାଫ୍ ଏବଂ ୪ ଫରୱାର୍ଡଙ୍କୁ ନେଇ ଖେଳ ହେଉଥିଲା। ଫଳରେ ପଡ଼ିଆ ମଝିରେ ଗ୍ୟାପ ରହିଯାଉଥିଲା। ଏହାକୁ ନିରୀକ୍ଷଣ କରାଯାଇ ୧୯୯୫ ବେଳକୁ ପ୍ରାୟତଃ ୪-୩-୩ ଫର୍ମାଟକୁ ଖେଳ ଆସିଲା। ବର୍ତ୍ତମାନ କିନ୍ତୁ ଏହି ପ୍ରକ୍ରିୟାରେ ପୁଣି ପରିବର୍ତ୍ତନ ହୋଇଛି। ସବୁ ମ୍ୟାଚରେ ସମାନ ଫର୍ମାଟ ଅବଲମ୍ବନ କରାଯାଉନାହିଁ। କୋଚ୍ ପ୍ରତିପକ୍ଷ ଦଳର ଶକ୍ତି ଓ ଦୁର୍ବଳତାକୁ ଦୃଷ୍ଟିରେ ରଖି ଦଳର ଲାଇନ୍‌ଅପ୍ କରୁଛନ୍ତି। ପ୍ରାୟତଃ ୫-୩-୨ କିମ୍ବା ୪-୪-୨ ଫର୍ମାଟରେ ଖେଳ ହେଉଛି। ଏହାକୁ ‘ଟୋଟାଲ ଫୁଟ୍‌ବଲ’ କୁହାଯାଉଛି। ଏହାଦ୍ୱାରା ପଡ଼ିଆ ମଝିରେ ଗ୍ୟାପ ରହୁନାହିଁ। ଖେଳ ଅଧିକ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ହେଉଛି” ବୋଲି ୧୯୮୦ରୁ ୧୯୯୨ ପର୍ଯ୍ୟନ୍ତ ଓଡ଼ିଶା ଫୁଟ୍‌ବଲରେ ସକ୍ରିୟ ଥିବା ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ପ୍ରଫୁଲ୍ଲ ମିଶ୍ର ପ୍ରକାଶ କରିଛନ୍ତି। ଘରୋଇ ଫୁଟ୍‌ବଲର ସର୍ବୋଚ୍ଚ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ ଓଡ଼ିଶା ମାତ୍ର ୨ ଥର ସେମିଫାଇନାଲ ଖେଳିଛି। ଏହାର କାରଣ ସମ୍ପର୍କରେ ସେ କୁହନ୍ତି, ଓଡ଼ିଶା ଖେଳାଳିଙ୍କ ପାଇଁ ବାହାରକୁ ଯାଇ ଖେଳିବାର ସୁଯୋଗ ନ ଥିଲା। ଲିଗ୍ ପର୍ଯ୍ୟାୟ ଟପିଲେ ପ୍ରତିଷ୍ଠିତ ଦଳଗୁଡ଼ିକ ବିପକ୍ଷରେ ଖେଳିବାକୁ ପଡ଼ିଥାଏ। ସେ ଦଳଗୁଡ଼ିକରେ ଅନେକ ନାମୀ ଏବଂ ଦକ୍ଷ ଖେଳାଳି ରହିଥାନ୍ତି। ଅନେକ ସମୟରେ ପ୍ରତିପକ୍ଷ ଖେଳାଳିଙ୍କ ନାଁ ଶୁଣିଲେ ସ୍ୱାଭାବିକଭାବେ ଆମେ ଚାପଗ୍ରସ୍ତ ହୋଇଯାଉଥିଲୁ। ଆମେ ଲଢ଼େଇ କରୁଥିଲୁ ସତ, ମାତ୍ର ସେମାନଙ୍କ ସମକକ୍ଷ ପ୍ରଦର୍ଶନ କରିପାରୁ ନ ଥିଲୁ। ବାହାର ପରିବେଶରେ ଖେଳିବା ଅଭିଜ୍ଞତାର ଅଭାବରୁ ଓଡ଼ିଶା ଫୁଟ୍‌ବଲ ଆଗକୁ ଯାଇପାରି ନ ଥିଲା। ଏବେ ଇଣ୍ଡିଆନ ସୁପରଲିଗ୍ ଏବଂ ଆଇ-ଲିଗ୍ ଆସିବା ଫଳରେ ଦେଶରେ ଖେଳର ପରିଭାଷା ବଦଳିଛି। ସେଠାରେ ଘରୋଇ ଖେଳାଳିମାନେ ବିଦେଶୀ ଖେଳାଳିଙ୍କ ସହ ମିଶି ଖେଳିବା ସୁଯୋଗ ପାଉଛନ୍ତି। ଫଳରେ ଭାବର ଆଦାନ ପ୍ରଦାନ ହେଉଛି ଏବଂ ସେମାନଙ୍କ ଖେଳ ଷ୍ଟାଇଲ୍ ସହ ଆମ ଖେଳାଳି ଅଭ୍ୟସ୍ତ ହେଉଛନ୍ତି। ଏବେ ଲାଇସେନ୍ସପ୍ରାପ୍ତ କୋଚ୍ ଉପଲବ୍ଧ ହେଉଛନ୍ତି ଏବଂ ବିଭିନ୍ନ ଗ୍ରେଡ୍‌ର ସାର୍ଟିଫିକେଟଧାରୀ ରେଫରିମାନେ ମ୍ୟାଚ ପରିଚାଳନା କରୁଛନ୍ତି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଭଲ କୋଚିଂ କ୍ୟାମ୍ପ ହେଉଛି। ମାତ୍ର କୋଚିଂ କ୍ୟାମ୍ପ ସରିଗଲେ ଗୋଟିଏ ଟୁର୍ନାମେଣ୍ଟ ଖେଳିଦେଇ ଖେଳାଳିମାନେ ବସି ଯାଉଛନ୍ତି। ଫଳରେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆସିପାରୁନାହିଁ। କ୍ୟାମ୍ପ ପରେ ଓଡ଼ିଶା ଖେଳାଳିଙ୍କୁ ବର୍ଷସାରା ବିଭିନ୍ନ ଟୁର୍ନାମେଣ୍ଟରେ ଖେଳିବା ସୁଯୋଗ ଦିଆଯିବା ଆବଶ୍ୟକ। ଆବଶ୍ୟକସ୍ଥଳେ ନିର୍ଦ୍ଦିଷ୍ଟ କିଛି ଖେଳାଳିଙ୍କ ପାଇଁ ବିଦେଶରେ ଖେଳିବା ସୁଯୋଗ ସୃଷ୍ଟି କରାଯିବା ଉଚିତ। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ଆଗାମୀ ସନ୍ତୋଷ ଟ୍ରଫିକୁ ସୌଦି ଆରବରେ ଆୟୋଜନ କରିବାକୁ ଯୋଜନା କରିଛି। ଏହା ନିଶ୍ଚିତ ଆମ ଖେଳାଳିଙ୍କୁ ଉତ୍ସାହିତ କରିବ ଏବଂ ଭଲ ପ୍ରଦର୍ଶନ ପାଇଁ ପ୍ରେରିତ କରିବ ବୋଲି ପ୍ରଫୁଲ୍ଲ କହିଛନ୍ତି।



ପ୍ରଫୁଲ୍ଲ କୁମାର ମିଶ୍ର

ଶେଷ ହୋଇଯାଇଥିଲା।

ଜୁନିୟର ସ୍ତରରେ ଦଳର ପ୍ରଦର୍ଶନ ଉତ୍ସାହଜନକ ରହିଛି। ଜାତୀୟ ଜୁନିୟର ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ବି.ସି. ରୟ ଟ୍ରଫି ପାଇଁ ଖେଳାଯାଉଥିବା ଟୁର୍ନାମେଣ୍ଟରେ ଓଡ଼ିଶା ୧୯୬୮-୬୯ରେ ଥରେ ଚାମ୍ପିୟନ ହୋଇଥିଲା। ଏହା ବ୍ୟତୀତ ୧୯୬୧-୬୨ ଓ ୧୯୭୬-୭୭ରେ ରନର୍ସଅପ୍ ହେବାର ଗୌରବ ପାଇଥିଲା। ସେହିପରି ଜାତୀୟ ସବ୍‌ଜୁନିୟର ଫୁଟ୍‌ବଲ ପାଇଁ

## ଓଡ଼ିଶା ମହିଳା ଫୁଟ୍‌ବଲ ଦଳର ସଫଳତା ଫର୍ଦ୍ଦ

**ଜାତୀୟ କ୍ରୀଡ଼ା**

୨ ସ୍ୱର୍ଣ୍ଣ: ୨୦୦୭ ଓ ୨୦୧୧

୨ ରୌପ୍ୟ: ୨୦୧୫ ଓ ୨୦୨୨

୧ ବ୍ରୋଞ୍ଜ: ରେ ରୌପ୍ୟ ୨୦୦୨

**ଜାତୀୟ ସିନିୟର ମହିଳା ଫୁଟ୍‌ବଲ**

୧ ସ୍ୱର୍ଣ୍ଣ: ୨୦୧୦-୧୧

୫ ରୌପ୍ୟ: ୨୦୦୧-୦୨, ୨୦୦୭-୦୮, ୨୦୦୯-୧୦, ୨୦୧୩-୧୪ ଏବଂ ୨୦୧୮-୧୯

**ପ୍ରେମ ଦୋରାଜୀ ମେମୋରିଆଲ କପ୍**

୨୦୦୯,ଗ୍ୟାଙ୍ଗଟକ୍: ରନରଅପ୍

ସସ୍ମିତା ମଲିକ ଶ୍ରେଷ୍ଠ ଖେଳାଳି, ସୀତା ଶର୍ମା ଶ୍ରେଷ୍ଠ ଗୋଲକିପର

**ଜାତୀୟ ସବ୍‌ଜୁନିୟର ମହିଳା ଫୁଟ୍‌ବଲ**

୧ ସ୍ୱର୍ଣ୍ଣ: ୨୦୦୬-୦୭

୭ ଥର ରନର୍ସଅପ୍: ୨୦୦୩-୦୪, ୨୦୦୪-୦୫, ୨୦୦୭-୦୮, ୨୦୦୮-୦୯, ୨୦୦୯-୧୦, ୨୦୧୦-୧୧ ଏବଂ ୨୦୧୮-୧୯

**ଜାତୀୟ ଜୁନିୟର ଫୁଟ୍‌ବଲ**

୮ ଥର ରନରଅପ୍: ୨୦୦୨-୦୩, ୨୦୦୫-୦୬, ୨୦୦୭-୦୮, ୨୦୦୮-୦୯, ୨୦୦୯-୧୦, ୨୦୧୦-୧୧ ଓ ୨୦୧୮-୧୯।

ଅନୁଷ୍ଠିତ ମୀର ଇକ୍‌ବାଲ ହୁସେନ ଟ୍ରଫିରେ ଓଡ଼ିଶା ଦଳ ୨୦୧୮-୧୯ରେ ଥରେ ଚାମ୍ପିୟନ ଏବଂ ୪ ଥର ୧୯୯୩-୯୪, ୨୦୦୦-୦୧, ୨୦୧୨-୧୩ ଓ ୨୦୧୫-୧୬ରେ ରନର୍ସଅପ୍ ହୋଇଥିଲା। ପ୍ରତିଭାସମ୍ପନ୍ନ ଚନ୍ଦ୍ରଧର ବାଗ୍, ଭିକି ଓରାମ, ରାକେଶ ଓରାମ, ଏ. ଶିବପ୍ରସାଦ ପ୍ରମୁଖ ଏବେ ଓଡ଼ିଶା ଫୁଟ୍‌ବଲକୁ ଆଗେଇ ନେବାର ପ୍ରତିଶ୍ରୁତି ରଖୁଛନ୍ତି।

## ଫିଫା ଟୁର୍ନାମେଣ୍ଟ ମାଇଲଖୁଣ୍ଟ

ଓଡ଼ିଶାରେ ଫୁଟ୍‌ବଲ ଭିତ୍ତିଭୂମି ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱସ୍ତରୀୟ ଫୁଟ୍‌ବଲ ପଡ଼ିଆ ଉପଲବ୍ଧ ହେବା ଯୋଗୁ କଳିଙ୍ଗ ଷ୍ଟାଡିୟମରେ ଫିଫାର ଏକ ଏଜ୍ ଗ୍ରୁପ୍ ଟୁର୍ନାମେଣ୍ଟ ସମ୍ଭବ ହୋଇପାରିଛି। ନିକଟରେ କଳିଙ୍ଗରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୬ଟି ଗ୍ରୁପ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଆୟୋଜକ ଭାରତ ସମେତ ଆମେରିକା, ବ୍ରାଜିଲ, ମରକ୍କୋ, ନାଇଜେରିଆ ଓ ଚିଲି ଆଦି ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ଖେଳିଥିଲେ। କେବଳ ସେତିକି ନୁହେଁ, ୭ମ ବାଟାଲିୟନ ପରିସରରେ ୨ଟି ଏବଂ କ୍ୟାପିଟାଲ ହାଇସ୍କୁଲ ପଡ଼ିଆକୁ ମଧ୍ୟ ବିଶ୍ୱସ୍ତରୀୟ କରାଯାଇଛି। ଫଳରେ ଫିଫା ଟୁର୍ନାମେଣ୍ଟ ଅବସରରେ ଏହି ୩ ଗ୍ରାଉଣ୍ଡକୁ ଅଭ୍ୟାସ ପାଇଁ ବ୍ୟବହାର କରାଯାଇ ପାରିଥିଲା। ଏହା ବ୍ୟତୀତ କଳିଙ୍ଗରେ ୨୦୧୯ରେ ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ ଏବଂ ୨୦୨୨ରେ ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ) ଫୁଟ୍‌ବଲ ଟୁର୍ନାମେଣ୍ଟ ସମ୍ଭବ ହୋଇପାରିଛି। ଜାତୀୟ ସ୍ତରୀୟ ପ୍ରତିଯୋଗିତା ମଧ୍ୟରେ ଏଠାରେ ୨୦୧୮ ଓ ୨୦୧୯ରେ ଇଣ୍ଡିଆନ ସୁପର କପ୍, ୨୦୧୮-୧୯ରେ ଆଇ-ଲିଗ୍, ୨୦୧୭-୧୮ ଏବଂ ୨୦୧୯-୨୦ରେ ଇଣ୍ଡିଆନ ସୁପରଲିଗ୍, ୨୦୨୧-୨୨ରେ ଇଣ୍ଡିଆନ ଓମେନ୍ସ ଲିଗ୍ ଆଦି ପ୍ରତିଯୋଗିତା ଖେଳାଯାଇଛି। କଟକର ବାରବାଟୀ ଷ୍ଟାଡିୟମରେ ମଧ୍ୟ ସନ୍ତୋଷ ଟ୍ରଫି, ଫେଡେରେଶନ କପ୍ ଫୁଟ୍‌ବଲ ପ୍ରଭୃତି ଅନେକ ସମ୍ମାନଜନକ ଟୁର୍ନାମେଣ୍ଟ/ମ୍ୟାଚ ଅନୁଷ୍ଠିତ ହୋଇଛି।




କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ଆମେରିକା ମଧ୍ୟରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ମ୍ୟାଚ୍।

## ଓଡ଼ିଶା ଏଫ୍‌ସି

ହକିରେ କଳିଙ୍ଗ ଲାନ୍ସର୍ସ ପରି ଫ୍ରାଞ୍ଚାଇଜ୍ ଭିତ୍ତିକ ଟୁର୍ନାମେଣ୍ଟ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଅଂଶଗ୍ରହଣ କରୁଛି। ୨୦୧୪ ଅକ୍ଟୋବର ୧୪ରୁ ଦିଲ୍ଲୀ ଡାଇନାମସ ଏଫ୍‌ସି ନାମରେ ପରିଚିତ ଥିବା ଏହି କ୍ଲବ ୨୦୧୯ ଅଗଷ୍ଟ ୩୧ରେ ଓଡ଼ିଶା ଫୁଟ୍‌ବଲ କ୍ଲବ ନାମରେ ପରିବର୍ତ୍ତିତ ହୋଇଥିଲା। ରାଜ ଅଥଓ୍ୱାଲ କ୍ଲବର ସଭାପତି ଅଛନ୍ତି। ଡେଭିଡ ଭିଲା ବୈଷୟିକ ପରାମର୍ଶଦାତା ଏବଂ ୨୦୨୨-୨୩ ସିଜନ ପାଇଁ ଜୋସେପ ଗୋମ୍ବାଉ ଦଳର କୋଚ୍ ଦାୟିତ୍ୱ ତୁଲାଉଛନ୍ତି।

## ଫୁଟବଲର ବିକାଶ ପାଇଁ ଯୋଜନା

ରାଜ୍ୟରେ ଫୁଟବଲର ବିକାଶ ଲାଗି ଓଡ଼ିଶା ସରକାର ‘ଫୁଟ୍‌ବଲ ଫର ଅଲ୍’ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଫିଫା ସହଯୋଗରେ ଏହି ଯୋଜନାରେ ରାଜ୍ୟର ୨୦୦୦ ସ୍କୁଲରେ ୪୩,୦୦୦ ଫୁଟ୍‌ବଲ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ରାଜ୍ୟରେ ମହିଳା ଏବଂ ପୁରୁଷ ଫୁଟ୍‌ବଲର ବିକାଶରେ ଏକ ବଳିଷ୍ଠ ପଦକ୍ଷେପର ପ୍ରତିଶ୍ରୁତି ରଖୁଛି। ଏହା ବ୍ୟତୀତ ‘ଫୁଟ୍‌ବଲ ଫର ସ୍କୁଲ’ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପକ୍ଷରୁ ଦେଶର ୧୦,୦୦୦ ସ୍କୁଲରେ ୧୦୦ଟି ଲେଖାଏ ଫୁଟ୍‌ବଲ ବଣ୍ଟନ ଯୋଜନାର ମଧ୍ୟ ଶୁଭାରମ୍ଭ ହୋଇଯାଇଛି। ସେ ‘ଫୁଟ୍‌ବଲ ଫର ଅଲ୍’ ହେଉ କିମ୍ବା ‘ଫୁଟ୍‌ବଲ ଫର ସ୍କୁଲ’ ଏପରି ଯୋଜନା ନିଶ୍ଚିତ ଭାରତ ଏବଂ ଓଡ଼ିଶାରେ ଫୁଟ୍‌ବଲକୁ ଲୋକପ୍ରିୟ କରିବା ସୁଯୋଗ ଆଣିବ ବୋଲି କୁହାଯାଇ ପାରିବ।



# ଓଡ଼ିଶାର ୬ ଆର୍ଦ୍ରଭୂମି

## ରାମସର୍ ମାନ୍ୟତା

**ରାମସର୍ ଆର୍ଦ୍ରଭୂମି ତାଲିକାରେ ଭାରତର ୭୫ଟି ସ୍ଥଳୀ ସ୍ଥାନ ପାଇଥିବାବେଳେ ସେଥିରେ ଓଡ଼ିଶାର ୬ଟି ରହିବା ରାଜ୍ୟ ପରିବେଶ ପର୍ଯ୍ୟଟନକୁ ସମୃଦ୍ଧ କରିଛି। ପୂର୍ବରୁ ଚିଲିକା ଓ ଭିତରକନିକା ଏହି ମାନ୍ୟତା ପାଇଥିବାବେଳେ ଚଳିତ ବର୍ଷ ହୀରାକୁଦ, ଅଂଶୁପା, ତାମ୍ପରା ଓ ସାତକୋଶିଆ ଏଥିରେ ସାମିଲ ହୋଇଛନ୍ତି।**

**ଉପସ୍ଥାପନା: ଅସମାପିକା ସାହୁ**

ରାଜ୍ୟରେ ଜଙ୍ଗଲ, ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ସହିତ ଆର୍ଦ୍ରଭୂମି ପାଇଁ ଓଡ଼ିଶା କେବଳ ଦେଶ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରଶଂସା ସାଉଁଟିଛି। ଜଙ୍ଗଲ ବୃଦ୍ଧି ହେଉ କି ନୂଆ ନୂଆ କିମ୍ବା ବିରଳ ପ୍ରଜାତିର ଜୀବଜନ୍ତୁ ଚିହ୍ନଟ ହେଉ, ସବୁ କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ପ୍ରତିବର୍ଷ ଭିତରକନିକାଠାରୁ ଆରମ୍ଭ କରି ଶିମିଳିପାଳ, ଚିଲିକା ଭଳି ସ୍ଥାନକୁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ବିଶେଷ କରି ଶୀତଦିନରେ ପକ୍ଷୀ ଦେଖିବା ପାଇଁ ଲୋକଙ୍କ ଆଗ୍ରହ ଅଧିକ ରହିଥାଏ। ତେଣୁ ଓଡ଼ିଶାରେ ଥିବା ପ୍ରାୟ ୭୦ହଜାରରୁ ଊର୍ଦ୍ଧ୍ୱ ଛୋଟ ବଡ଼ ଆର୍ଦ୍ରଭୂମିରେ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ତେବେ ଏହି ଆର୍ଦ୍ରଭୂମି ପାଇଁ ମଧ୍ୟ ଓଡ଼ିଶା ଗର୍ବ ଅନୁଭବ କରେ। ଆର୍ଦ୍ରଭୂମିର ବିକାଶ କିପରି ହୋଇପାରିବ ସେଥିପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଆଉ ଏଥିପାଇଁ ରାମସର୍ ମାନ୍ୟତା ଗୁରୁତ୍ୱ ବହନ କରିଥାଏ। ତେବେ ପୂର୍ବରୁ ରାଜ୍ୟରେ କେବଳ ଦୁଇଟି ଆର୍ଦ୍ରଭୂମିକୁ ରାମସର୍ ମାନ୍ୟତା ମିଳିଥିବା ବେଳେ ଚଳିତବର୍ଷ ଏହି ତାଲିକାରେ ଆଉ ୪ଟି ସ୍ଥାନ ପାଇଛି। ଫଳରେ ସେହିସବୁ ରାମସର୍ ସ୍ଥଳୀର ସଂରକ୍ଷଣ ଏବଂ ପରିଚାଳନାରେ ସହାୟତା ମିଳିପାରିବ। ଏଥିସହ ସମ୍ବଳର ସୁବିନିଯୋଗ ହୋଇପାରିବ। ଭାରତରେ ପୂର୍ବରୁ ୬୪ଟି ଆର୍ଦ୍ରଭୂମି ରାମସର୍ ତାଲିକାରେ ସ୍ଥାନ ପାଇଥିବା ବେଳେ ଗତ ଅଗଷ୍ଟରେ ଏଥିରେ ଆଉ ୧୧ଟି ସ୍ଥଳ ଯୁକ୍ତ ହେବା ପରେ ସଂଖ୍ୟା ୭୫ରେ ପହଞ୍ଚିଛି। ଯେଉଁଥିରେ ଓଡ଼ିଶାର ୬ଟି ସ୍ଥାନ ରହିଛି। ଓଡ଼ିଶାରେ ପୂର୍ବରୁ ଚିଲିକା ଓ ଭିତରକନିକା ଏହି ତାଲିକାରେ ଥିବା ବେଳେ ୨୦୨୨ ଅଗଷ୍ଟରେ ହୀରାକୁଦ, ଅଂଶୁପା, ତାମ୍ପରା ଆର୍ଦ୍ରଭୂମି ଏବଂ ସାତକୋଶିଆ ଗଣ୍ଡ ସ୍ଥାନ ପାଇଛି। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହିସବୁ ସ୍ଥାନ ରାମସର୍ ମାନ୍ୟତା ପାଇଥିବା ଘୋଷଣା କରାଯିବା ପରେ ପରିବେଶବିତ୍‌ମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟରେ ଅଧିକରୁ ଅଧିକ ଜାଗାକୁ ରାମସର୍ ମାନ୍ୟତା ମିଳୁଛି। ରାମସର୍ ସାଇଟ୍ ମାନେ ସେଠାରେ ଅତିକମ୍‌ରେ ୨୦ହଜାର ପକ୍ଷୀଙ୍କ ସମାଗମ ହେଉଥିବ। ସେହି ମାପଦଣ୍ଡକୁ ରାଜ୍ୟର ଏତେ ସବୁ ଜାଗା ପୂରଣ କରିପାରୁଥିବାରୁ ତାହା ରାଜ୍ୟବାସୀଙ୍କୁ ଗର୍ବିତ କରୁଛି।

**ଚିଲିକା:** ପକ୍ଷୀଙ୍କ ଭୂସ୍ୱର୍ଗ କୁହାଯାଉଥିବା ଚିଲିକାକୁ ୧୯୮୧ରେ ରାମସର୍ ମାନ୍ୟତା ମିଳିଥିଲା; ଯାହା କି ଦେଶର ପ୍ରଥମ ରାମସ୍‌ର ମାନ୍ୟତାପ୍ରାପ୍ତ ଆର୍ଦ୍ରଭୂମି। ସେହିବର୍ଷ ପ୍ରଥମ ଥର ପାଇଁ ଦେଶର ଦୁଇଟି ଆର୍ଦ୍ରଭୂମିକୁ ରାମସର୍ ମାନ୍ୟତା ମିଳିଥିଲା। ଏଥିରେ ରାଜସ୍ଥାନର କିଓଲାଡିଓ ଜାତୀୟ ଉଦ୍ୟାନ ଥିବାବେଳେ ଓଡ଼ିଶାର ଚିଲିକା ସ୍ଥାନ ପାଇଥିଲା। ୧୧୦୦ ବର୍ଗକିମି ପରିବ୍ୟାପ୍ତ ଚିଲିକାରେ ପ୍ରତିବର୍ଷ ଶୀତଦିନରେ ଲକ୍ଷାଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥାଏ। ୨୦୨୧-୨୨ରେ ଏଠାରେ ୧୦୭ ପ୍ରଜାତିର ୧୦ଲକ୍ଷ ୭୪ହଜାର ବିଦେଶୀ ପକ୍ଷୀ ଦେଖାଯାଇଥିବା ଜଣାପଡ଼ିଛି। କେବଳ ପକ୍ଷୀ ନୁହେଁ, ଏଠାରେ ୬ପ୍ରଜାତିର ଡଲ୍‌ଫିନ୍ ମଧ୍ୟ ଦେଖାଯାଆନ୍ତି। ପକ୍ଷୀଙ୍କ ସହିତ ଡଲ୍‌ଫିନ୍ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

**ଭିତରକନିକା:** କେନ୍ଦ୍ରାପଡ଼ା ଜିଲାରେ ଅବସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନକୁ ୨୦୦୨ ଅଗଷ୍ଟ ୧୯ରେ ରାମସର୍ ମାନ୍ୟତା ମିଳିଥିଲା। ରାମସର୍ ମାନ୍ୟତା ପାଇବାରେ ଏହା ଓଡ଼ିଶାର ଦ୍ୱିତୀୟ ଆର୍ଦ୍ରଭୂମି। ୧୪୫ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଜାତୀୟ ଉଦ୍ୟାନରେ ରହିଛି ହେନ୍ତାଳ ବଣ; ଯାହାକି ୬୫୦କିମି ଯାଏ ବ୍ୟାପିଛି। ଏଠାରେ ମଧ୍ୟ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥାଏ। ୨୦୨୧-୨୨ରେ ଏଠାରେ ୧୪୪ ପ୍ରଜାତିର ୧ଲକ୍ଷ

## ରାମସର୍ ସ୍ଥଳ କଣ

ରାମସର୍ ସ୍ଥଳ ହେଉଛି ଏକ ଆର୍ଦ୍ରଭୂମି, ଯାହାକୁ ୟୁନେସ୍କୋ ଦ୍ୱାରା ପ୍ରତିଷ୍ଠିତ 'ରାମସର୍ କନ୍‌ଭେନସନ ଅଫ୍ ୱେଟ୍‌ଲ୍ୟାଣ୍ଡ୍‌ସ' ଅନୁସାରେ ଅନ୍ତର୍ଜାତୀୟ ମାନ୍ୟତା ଦିଆଯାଇଥାଏ। ୧୯୭୧ ଫେବୃୟାରୀ ୨ରେ ଇରାନର ରାମସର୍ ସହରରେ ସ୍ୱାକ୍ଷରିତ ପରିବେଶ ଚୁକ୍ତି ଅନୁସାରେ ଏହାର ନାମକରଣ କରାଯାଇଛି। ପ୍ରତି ୩ବର୍ଷରେ ଥରେ କନ୍‌ଫରେନ୍ସ ଅଫ୍ କଣ୍ଟ୍ରାକ୍ଟିଂ ପାର୍ଟି(ସିଓପି) ପ୍ରତିନିଧିମାନେ ସମ୍ମିଳନୀରେ ସାମିଲ ହୋଇ ସଙ୍କଳ୍ପନାମା ଓ ସୁପାରିସଗୁଡ଼ିକୁ ବିଭିନ୍ନ ମାନଦଣ୍ଡ ଆଧାରରେ ବିଚାରପୂର୍ବକ ନିଷ୍ପତ୍ତି ନେଇଥାଆନ୍ତି। ରାମସର୍ ସାଇଟ୍ସ ଇନ୍‌ଫରମେଶନ ସର୍ଭିସ(ଆର୍‌ଏସ୍‌ଆଇଏସ୍)ରେ ବିଶ୍ୱର ସମସ୍ତ ସ୍ୱୀକୃତିପ୍ରାପ୍ତ ଆର୍ଦ୍ରଭୂମି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପଲବ୍ଧ ରହିଛି।








୩୮ହଜାର ବିଦେଶୀ ପକ୍ଷୀ ଦେଖାଯାଇଥିଲେ। ତେବେ ଏହି ଜାତୀୟ ଉଦ୍ୟାନର ସ୍ୱତନ୍ତ୍ରତା ହେଉଛି ବଉଳା କୁମ୍ଭୀର। ସର୍ବାଧିକ ବଉଳା କୁମ୍ଭୀର ଏଠାରେ ଦେଖାଯାଆନ୍ତି। ୨୦୨୧-୨୨ କୁମ୍ଭୀର ଗଣନା ରିପୋର୍ଟ ଅନୁସାରେ, ଏଠାରେ ୧,୮୧୯ଟି ବଉଳା କୁମ୍ଭୀର ରହିଛନ୍ତି।

**ସାତକୋଶିଆ:** ଅନୁଗୋଳ ଜିଲାର ସାତକୋଶିଆ ଗଣ୍ଡକୁ ୨୦୨୨ ଅଗଷ୍ଟ ୩ ତାରିଖରେ ରାମସର୍ ମାନ୍ୟତା ମିଳିଥିଲା। ୧୯୭୬ରେ ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ପ୍ରତିଷ୍ଠା ହୋଇଥିଲା। ୯୮୧୯୬.୭୨ ହେକ୍ଟର ପରିମିତ ଏହି ଅଭୟାରଣ୍ୟରେ ବିରଳ ଇଣ୍ଡିଆନ ସ୍କିମର ପ୍ରଜାତିର ପକ୍ଷୀ ସହିତ ଘଡ଼ିଆଳ କୁମ୍ଭୀର ଦର୍ଶକଙ୍କୁ ଆକୃଷ୍ଟ କରିଥାଏ।

**ଅଂଶୁପା:** କଟକ ଜିଲା ବାଙ୍କୀରେ ଥିବା ୨୩୧ ଏକର ପରିମିତ ଅଂଶୁପା ହ୍ରଦ ଛୋଟ ହେଲେ ବି ରାଜ୍ୟର ଏକ ପର୍ଯ୍ୟଟନୀ ସ୍ଥଳ ମ୍ୟାପ୍‌ରେ ସ୍ଥାନ ପାଇଛି। ଶୀତ ଋତୁରେ ବିଦେଶୀ ପକ୍ଷୀ ଆଗମନ ଯୋଗୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏଠାରେ ପ୍ରାୟ ୧୯୪ ପ୍ରଜାତିର ପକ୍ଷୀ, ୬୧ ପ୍ରଜାତିର ମାଛ, ୨୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଦେଖାଯାଆନ୍ତି। ହ୍ରଦ ପାର୍ଶ୍ୱରେ ସବୁଜ ବାଉଁଶ ଗଛ ଏବଂ ଆମ୍ବ ଗଛ ଏହାର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଇଥାଏ। ଅଂଶୁପା ହ୍ରଦକୁ ୨୦୨୨ ଅଗଷ୍ଟ ୧୩ ତାରିଖରେ ରାମସର୍ ମାନ୍ୟତା ମିଳିଥିଲା।

**ହୀରାକୁଦ:** ସମ୍ବଲପୁରରେ ଅବସ୍ଥିତ ହୀରାକୁଦ ଜଳଭଣ୍ଡାର ୧୯୪୭ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୧୯୫୭ରେ ଖୋଲିଥିଲା। ୬୫,୪୦୦ ହେକ୍ଟର ପରିମିତ ଏହି ଜଳଭଣ୍ଡାରରେ ୫୪ପ୍ରଜାତିର ମାଛ ମିଳେ; ଯେଉଁଥିରେ ବିପଦରେ ଥିବା ଗୋଟିଏ ପ୍ରଜାତିର ମାଛ ଏବଂ ବିପଦମୁହାଁ ଥିବା ୬ପ୍ରଜାତିର ମାଛ ଏଠାରେ ରହିଛନ୍ତି। ଆଉ ୨୧ପ୍ରଜାତିର ମାଛ ମିଳେ, ଯାହାକି ଅର୍ଥନୈତିକ ଗୁରୁତ୍ୱ ବହନ କରେ। ବର୍ଷକୁ ଏଠାରୁ ୪୮୦ମିଲିୟନ ଟନ୍ ମାଛ ଧରାଯାଏ। ଯେଉଁଥିରେ ପ୍ରାୟ ୭ହଜାର ମତ୍ସ୍ୟଜୀବୀ ପରିବାର ଜୀବିକା ନିର୍ବାହ କରନ୍ତି। ୨୦୨୧-୨୨ ପକ୍ଷୀ ଗଣନା ରିପୋର୍ଟ ଅନୁସାରେ, ଏଠାରେ ୧୦୪ ପ୍ରଜାତିର ୨ଲକ୍ଷ ୮ଶହ ବିଦେଶୀ ପକ୍ଷୀ ଚିହ୍ନଟ ହୋଇଛନ୍ତି। ହୀରାକୁଦ ଜଳଭଣ୍ଡାରକୁ ୨୦୨୨ ଅଗଷ୍ଟ ୧୩ତାରିଖରେ ରାମସର୍ ମାନ୍ୟତା ମିଳିଥିଲା।

**ତାମ୍ପରା:** ବ୍ରହ୍ମପୁରର ଛତ୍ରପୁରରେ ଅବସ୍ଥିତ ତାମ୍ପରା ହ୍ରଦ ୨୦୨୨ ଅଗଷ୍ଟ ୧୩ ତାରିଖରେ ରାମସର୍ ମାନ୍ୟତା ପାଇଥିଲା। ୩୦୦ ହେକ୍ଟର ପରିମିତ ଏହି ହ୍ରଦରେ ପ୍ରାୟ ୬୦ପ୍ରଜାତିର ପକ୍ଷୀ, ୪୬ ପ୍ରଜାତିର ମାଛ ସହିତ ବିଭିନ୍ନ ପ୍ରଜାତିର ଉଦ୍ଭିଦ ଦେଖାଯାଆନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଲେକ୍ ଭ୍ୟୁ ପାର୍କ, ବୋଟିଂ, ୱାଟର ସ୍ପୋର୍ଟସ, ରେଷ୍ଟରୁମ୍, ରିସୋର୍ଟ ଆଦି ରହିଛି।





“ଏଥର ୪ଟି ସ୍ଥାନକୁ ରାମସର୍ ମାନ୍ୟତା ମିଳିବା ନିଶ୍ଚିତ ଭାବେ ଖୁସିର କଥା। ଏହାଦ୍ୱାରା ସଂରକ୍ଷଣକୁ କଡ଼ାକଡ଼ି କରାଯାଇପାରିବ। ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ବଢ଼ିବ। ରାମସର୍ ସାଇଟ୍ ଯେହେତୁ ଏକ ଅନ୍ତର୍ଜାତୀୟ ମାନ୍ୟତା, ତେଣୁ ତାହାର ବିକାଶ ହେବ। ପକ୍ଷୀ ସଂରକ୍ଷଣ ବଢ଼ିଯିବ। ଆମର ପ୍ରାକୃତିକ ସମ୍ପଦ ଯେତେ ଲୋକଲୋଚନକୁ ଆସିବ, ପର୍ଯ୍ୟଟନର ସେତେ ବିକାଶ ହେବ। ତେବେ ପର୍ଯ୍ୟଟନ ବିକାଶ ପାଇଁ ଭିତ୍ତିଭୂମି ଆବଶ୍ୟକ ରହିଛି। କିନ୍ତୁ ପର୍ଯ୍ୟଟନକୁ ଅନ୍ଧଭାବରେ ନ ବଢ଼େଇ ନେଚର୍ ଟ୍ୟୁରିଜମ୍ କିମ୍ବା ଇକୋ ଟ୍ୟୁରିଜମ୍ କରାଗଲେ ଭଲ ହୁଅନ୍ତା। ଯଦି ଅଧିକ ମାତ୍ରାରେ ପର୍ଯ୍ୟଟକ ହୁଅନ୍ତି, ତେବେ ପକ୍ଷୀ ଆସିବା ବି କମିଯାଇପାରେ। ତେଣୁ ଏସବୁକୁ ଧ୍ୟାନରେ ରଖି ପର୍ଯ୍ୟଟନର ବିକାଶ କରିବା ଆବଶ୍ୟକ।

**- ଅଜୟ ଜେନା, ଅବସରପ୍ରାପ୍ତ ବନସଂରକ୍ଷକ**



“ଓଡ଼ିଶାରେ ଆଉ ୪ଟି ରାମସର୍ ସାଇଟ୍ ମାନ୍ୟତା ପାଇବା ନିଶ୍ଚୟ ରାଜ୍ୟ ପାଇଁ ଖୁସି ଖବର। ଆର୍ଦ୍ରଭୂମି ପରିବେଶର ପରିଚାଳନା ପାଇଁ ଅଧିକ ଅନୁଦାନ ମିଳିବା ସହିତ ସେହି ଅଞ୍ଚଳର ଅଧିକ ସଂରକ୍ଷଣ ମଧ୍ୟ ସମ୍ଭବ ହୋଇପାରିବ। ତେବେ ସ୍ଥାନୀୟ ଅଧିବାସୀ ବା କମ୍ୟୁନିଟିଙ୍କୁ ସଚେତନ କରେଇ ସ୍ଥାନୀୟ ପରିବେଶକୁ ସୁରକ୍ଷିତ କରିବା ଜରୁରୀ ହୋଇପଡ଼ିବ। କାରଣ ରାମସର୍ ସାଇଟ୍‌ସ ମାନ୍ୟତା ମିଳିବା ପରେ ସମ୍ପୃକ୍ତ ୱେଟ୍ ଲ୍ୟାଣ୍ଡରେ ଅନ୍‌ସଷ୍ଟେନେବୁଲ ଡେଭଲପମେଣ୍ଟକୁ ସମ୍ପୂର୍ଣ୍ଣ ବାରଣ କରାଯିବ।

**- ସାଧ୍ୱୀ ସିନ୍ଦୂରା, ୱାର୍ଲ୍ଡ ୱାଇଲ୍ଡ ଫଣ୍ଡ(ଡବ୍ଲ୍ୟୁଡବ୍ଲ୍ୟୁଏଫ୍)ର ପ୍ରୋଗ୍ରାମ ସଂଯୋଜକ ତଥା ଓଡ଼ିଶା ମୁଖ୍ୟ**



“ରାମସର୍ ମାନ୍ୟତା ପାଇବା ପରେ ଆର୍ଦ୍ରଭୂମିଗୁଡ଼ିକର ପର୍ଯ୍ୟଟନ ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ। କାରଣ ରାମସର୍ ସାଇଟ୍‌ସ ବିଦେଶୀ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକୃଷ୍ଟ କରିଥାଏ। ତେଣୁ ବନ ବିଭାଗ ସହିତ ପର୍ଯ୍ୟଟନ ବିଭାଗ ମଧ୍ୟ ଏନେଇ ସରକାରଙ୍କୁ ନିଜର ପ୍ରସ୍ତାବ ଦେବା ଉଚିତ। ରାଜ୍ୟସ୍ତରୀୟ ମାନ୍ୟତାପ୍ରାପ୍ତ ଏବଂ ପ୍ରଶିକ୍ଷିତ ଗାଇଡ୍‌ମାନଙ୍କଠାରୁ ସରକାର ମତାମତ ନେଇ ପର୍ଯ୍ୟଟନ ପାଇଁ ଭିତ୍ତିଭୂମିର ବିକାଶ କରେଇଲେ ଅଧିକରୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିବାରେ ସହାୟକ ହୋଇପାରିବେ।

**- ଲଳିତ ମୋହନ ପଣ୍ଡା, ଟ୍ୟୁରିଷ୍ଟଗାଇଡ୍ ତଥା ଜାତୀୟ ପର୍ଯ୍ୟଟନ ପୁରସ୍କାର ବିଜେତା**

## ଗୋଟିଏ କାବ୍ୟଗ୍ରନ୍ଥର ଜୀବନୀ

# ୱେଷ୍ଟ୍‌ଲ୍ୟାଣ୍ଡର ଶତବର୍ଷ

**ପ୍ରଫେସର ବସନ୍ତ କୁମାର ପଣ୍ଡା**

ଶହେ ବର୍ଷ ପରେ ମଧ୍ୟ ସାଂଘାତିକ ଭାବରେ ଜଟିଳ ଓ ରହସ୍ୟମୟ କାବ୍ୟଗ୍ରନ୍ଥ ୱେଷ୍ଟଲ୍ୟାଣ୍ଡ ଯେପରିଭାବେ ଆଜି ନିଜର ଅନନ୍ୟ ଅଭିନବତ୍ୱ ଓ ପ୍ରାସଙ୍ଗିକତା ବଜାୟ ରଖିଛି ତାହା ବିଶ୍ୱପାଠକଙ୍କୁ କରୁଛି ବିସ୍ମିତ। ୧୯୨୨ରେ ପ୍ରକାଶ ପାଇଥିବା ଏହି କବିତାର ଶତବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ମନକୁ ଆସୁଛି ପୃଥିବୀର ଅନ୍ୟତମ ଶ୍ରେଷ୍ଠ କବିତା ୱେଷ୍ଟଲ୍ୟାଣ୍ଡର ଇତିହାସ। ଏହାକୁ ନେଇ ମାଥ୍ୟୁ ହୋଲିସ ରଚନା କରିଛନ୍ତି 'The Westland: A Biography of a poem'.

୧୯୨୧ରେ ସମୁଦ୍ର ଉପକୂଳ ରାଜ୍ୟ ମାର୍ଗାଟରେ କାବ୍ୟ ରଚନା ଆରମ୍ଭ କରିଥିଲେ ଇଲିୟଟ୍। ସେତେବେଳେ ଜଣା ନ ଥିଲା ଏ କ୍ଷୁଦ୍ର କାବ୍ୟଗ୍ରନ୍ଥଟି ପୃଥିବୀର ସମଗ୍ର କାବ୍ୟଜଗତକୁ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଆକ୍ରାନ୍ତ କରି ରଖିବ। କବି ବନ୍ଧୁ ଏଜ୍‌ରା ପାଉଣ୍ଡଙ୍କୁ ଉତ୍ସର୍ଗୀକୃତ ଏହି କାବ୍ୟଗ୍ରନ୍ଥର ପାଣ୍ଡୁଲିପିକୁ ସଂଶୋଧନ ଓ ସଂପାଦନା କରି ଏକ ମାର୍ଜିତ ତଥା ସଂଗଠିତ କବିତାରେ ପରିଣତ କରିଥିଲେ ନିଜେ ପାଉଣ୍ଡ୍। ପାଞ୍ଚଟି ଅଧ୍ୟାୟରେ ସୁବିନ୍ୟସ୍ତ ଏହି କାବ୍ୟଗ୍ରନ୍ଥରେ ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ମାନବଜୀବନରେ ଦେଖାଦେଇଥିବା ନେତିବାଦ ଓ ମୋହଭଙ୍ଗର ମାର୍ମିକ ଚିତ୍ର ପ୍ରକାଶିତ ହୋଇଥିଲା।

ପ୍ରଥମ ଅଧ୍ୟାୟ 'ମୃତର କବର'ରେ ପୂରି ରହିଥିଲା ଭୟ ଓ ହତାଶା। ବସନ୍ତ ଋତୁର ଆବେଶରେ ଆରମ୍ଭ ପ୍ରଥମ କାବ୍ୟପଂକ୍ତି ଏପ୍ରିଲକୁ ଏକ ନିଷ୍ଠୁର ମାସ ଭାବେ ଚିତ୍ରଣ କରି ଆଶା ଓ ବିସ୍ମୟକୁ ଦୂରେଇ ଦେଇ ନୈରାଶ୍ୟର ଅବତାରଣା କରିଥିଲେ କବି। ରୂପ ଦେଇଥିଲେ ଆସନ୍ନ ମୃତ୍ୟୁ ଓ ନିତ୍ୟଭଙ୍ଗୁର ଜୀବନର ବାସ୍ତବତାକୁ। ଦ୍ୱିତୀୟ ଅଧ୍ୟାୟ 'ଚେସ୍ ଖେଳ' ମୁଖ୍ୟତଃ ଜଣେ ପୁରୁଷଙ୍କ ସହିତ ଦୁଇ ପ୍ରଧାନ ନାରୀଚରିତ୍ରଙ୍କ ଗଢ଼ି ଉଠିଥିବା ଅସଫଳ ସମ୍ପର୍କ ଉପରେ ପର୍ଯ୍ୟବସିତ। ଦୁଇ ନାରୀ ଚରିତ୍ର ଯଥାକ୍ରମେ ବିଶ୍ୱସାହିତ୍ୟର ପ୍ରସିଦ୍ଧ ଦୁଇ ଚରିତ୍ର କ୍ଲିଓପାଟ୍ରା ଓ ଓଫେଲିଆଙ୍କ ଜୀବନଶୈଳୀ ସହିତ ସଂପୃକ୍ତ। ତୃତୀୟ ଅଧ୍ୟାୟ ଅଗ୍ନିସ୍ତୋତ୍ରରେ ରହିଛି ବୌଦ୍ଧ ଦର୍ଶନର ପ୍ରଭାବ, ଯାହା ଇନ୍ଦ୍ରିୟଲାଳସା ଓ କାମନାକୁ ପରିତ୍ୟାଗ କରିବା ପାଇଁ ବ୍ୟକ୍ତିକୁ ଅନୁପ୍ରେରିତ କରେ। ଚତୁର୍ଥ କ୍ଷୁଦ୍ରତମ ଅଧ୍ୟାୟଟି ନାବିକ ଫ୍ଲୋବସ୍‌କୁ ନେଇ ରଚିତ, ଯାହା ମୃତର କବର ଅଧ୍ୟାୟରେ ମ୍ୟାଡାମ୍ ସୋସୋଷ୍ଟ୍ରିସ୍‌ଙ୍କ ଦ୍ୱାରା କଥିତ ହୋଇଥିଲା। ଶେଷ ଅଧ୍ୟାୟ 'ବଜ୍ରର ସ୍ୱର'ରେ କବି ଇଲିୟଟ୍‌ଙ୍କ ଉପରେ ଭାରତୀୟ ଦର୍ଶନର ପ୍ରଭାବ ସ୍ପଷ୍ଟ ଓ ସମଗ୍ର କାବ୍ୟଗ୍ରନ୍ଥକୁ ଆଚ୍ଛନ୍ନ କରି ରଖିଥିବା ନୈରାଶ୍ୟ ଓ ବିଚ୍ଛିନ୍ନତାବୋଧକୁ ଦୂରକରି ଏକ ଆଶାର ଆଲୋକରେଖା ବିଚ୍ଛୁରିତ। ଉପନିଷଦର ତିନୋଟି ଉଚ୍ଚାରଣ, 'ଦତ୍ତଃ', 'ଦୟଧ୍ୱମ୍', 'ଦମ୍ୟତାମ୍' ବା ଦାନ, ଦୟା ଓ ଦମନର ବାଣୀ ପ୍ରଚାର କରି ଶାନ୍ତିମନ୍ତ୍ରରେ ପରିସମାପ୍ତି ଘଟିଛି।



ବିଶ୍ୱଯୁଦ୍ଧୋତ୍ତର ଯୁଗରେ ଆଧୁନିକ ମାନବର ମୋହଭଙ୍ଗ ଓ ନିର୍ବୀର୍ଯ୍ୟ ଅଥର୍ବତା, ଅନ୍ତରଙ୍ଗତାର ଅବକ୍ଷୟ ଓ ଅନିକେତ ଭାବ– ଏସବୁର ଗଭୀର ଅନ୍ୱେଷା ୱେଷ୍ଟଲ୍ୟାଣ୍ଡର ଅନ୍ତଃସ୍ୱର। ୱେଷ୍ଟଲ୍ୟାଣ୍ଡ କାବ୍ୟଗ୍ରନ୍ଥ ଆମୂଳାନ୍ତ ପ୍ରତୀକବାଦୀ। ଏହି ପ୍ରତୀକବାଦ ଦ୍ୱନ୍ଦ୍ୱାତ୍ମକ ଓ ଦ୍ୱିଅର୍ଥକ। ଏହାର ଶୀର୍ଷକରୁ ନିସ୍ତରଙ୍ଗ ମରୁ ଓ ପୋଡାଭୂଇଁର ଦୃଶ୍ୟ ସୂଚିତ ହେଉଥିଲେ ମଧ୍ୟ ଏଥିରେ ଭରିରହିଛି ତରଙ୍ଗାୟିତ ପ୍ରତିକୀଭୂତ ଜୀବନଗାଥା। ବୁଦ୍ଧଙ୍କ ଅଗ୍ନିସ୍ତୋତ୍ରରେ ସୂଚିତ ହୋଇଛି– ମାନବର ସମଗ୍ର ଜୀବନ ତ୍ୟାଗ ଓ ସଂଯମର ଅଗ୍ନିରେ କାମନା ଓ ଦୁଃଖ ଶୋକକୁ ଭସ୍ମ କରି ଶାଶ୍ୱତ ଜୀବନର ଅନ୍ୱେଷା ସମ୍ଭବ। ୱେଷ୍ଟଲ୍ୟାଣ୍ଡରେ ମୃତ୍ୟୁର ଭାବକଳ୍ପ ପ୍ରତ୍ୟକ୍ଷ ନହୋଇ ବ୍ୟଞ୍ଜନାଗର୍ଭ। ଏହାର ପ୍ରତ୍ୟେକ ଚରିତ୍ର କୌଣସିନା କୌଣସି ପ୍ରକାରେ ଜୀବନରେ ମୃତ୍ୟୁପୀଡ଼ିତ ବା ଜୀବନ୍ମୃତ। ୧୯୨୨ରେ ପ୍ରକାଶ ପାଇବା ଦିନରୁ ୱେଷ୍ଟଲ୍ୟାଣ୍ଡ ବିଶ୍ୱପାଠକଙ୍କ ପାଖରେ ଏକ କିମ୍ଭୂତକିମିଆ ସୃଷ୍ଟି କରିଥିଲା। ପୁଣି ୧୯୪୮ରେ ନୋବେଲ୍ ପୁରସ୍କାର ପାଇବା ପରେ ଏହା ହୋଇଯାଇଥିଲା ବିଶ୍ୱ କାବ୍ୟଜଗତର ପ୍ରଧାନ ପ୍ରତିଭୂ। ବିଶ୍ୱର ସବୁ ପ୍ରଧାନ ଭାଷାର କବି ଓ କାବ୍ୟସୃଷ୍ଟିକୁ ଏହା କୌଣସିନା କୌଣସି ପ୍ରକାରେ ପ୍ରଭାବିତ କରିଥିଲା। ଏବେ ଦୀର୍ଘ ଏକ ଶତାବ୍ଦୀ ପରେ ମଧ୍ୟ କାବ୍ୟ ପାଠକଙ୍କ ପାଖରେ ଏହା ଅନତିକ୍ରମଣୀୟ କାବ୍ୟସଂପଦ ହୋଇ ରହିଛି। ବିଶ୍ୱସାହିତ୍ୟର ଶ୍ରେଷ୍ଠ କାବ୍ୟପ୍ରସୂନ ଭାବେ ମାନ୍ୟତା ପାଇଛି।



**ପ୍ରତ୍ୟେକ ଚରିତ୍ର କୌଣସିନା କୌଣସି ପ୍ରକାରେ ଜୀବନରେ ମୃତ୍ୟୁପୀଡ଼ିତ ବା ଜୀବନ୍ମୃତ। ୧୯୨୨ରେ ପ୍ରକାଶ ପାଇବା ଦିନରୁ ୱେଷ୍ଟଲ୍ୟାଣ୍ଡ ବିଶ୍ୱପାଠକଙ୍କ ପାଖରେ ଏକ କିମ୍ଭୂତକିମିଆ ସୃଷ୍ଟି କରିଥିଲା। ପୁଣି ୧୯୪୮ରେ ନୋବେଲ୍ ପୁରସ୍କାର ପାଇବା ପରେ ଏହା ହୋଇଯାଇଥିଲା ବିଶ୍ୱ କାବ୍ୟଜଗତର ପ୍ରଧାନ ପ୍ରତିଭୂ**

ଓଡ଼ିଆ ସାହିତ୍ୟରେ 'ୱେଷ୍ଟଲ୍ୟାଣ୍ଡ'ର ପ୍ରଥମ ଅନୁବାଦ କରିଥିଲେ କବି ଜ୍ଞାନୀନ୍ଦ୍ର ବର୍ମା। କାବ୍ୟଗ୍ରନ୍ଥର ନାଁ ଥିଲା 'ପୋଡ଼ାଭୂଇଁ'। ଉଲ୍ଲେଖଯୋଗ୍ୟ, ଏହି ଅନୁବାଦର ପ୍ରକାଶନବେଳେ କବି ଟି.ଏସ୍. ଇଲିୟଟ୍ ଏଥିପାଇଁ ଗୋଟିଏ ଅଗ୍ରଲେଖ ଲେଖିଦେଇଥିଲେ। ସେହି ସମୟରେ ଇଲିୟଟ୍ ଓ ୱେଷ୍ଟଲ୍ୟାଣ୍ଡ ସମ୍ପର୍କରେ ବିଭିନ୍ନ ପତ୍ରିକାରେ କେତୋଟି ରଚନା ପ୍ରକାଶ ପାଇଥିଲା, ପରବର୍ତ୍ତୀ ସମୟରେ ଯେତେବେଳେ ବିଶିଷ୍ଟ କବି ଗୁରୁପ୍ରସାଦ ମହାନ୍ତି ଏହାର ପ୍ରଭାବରେ 'କାଳପୁରୁଷ' ରଚନା କଲେ, ସେତେବେଳେ ୱେଷ୍ଟଲ୍ୟାଣ୍ଡ ଓଡ଼ିଆ ସାହିତ୍ୟରେ ବିଶେଷଭାବରେ ଆଲୋଚିତ ହେଲା। ଅନେକଙ୍କର ଧାରଣାରେ 'କାଳପୁରୁଷ' ୱେଷ୍ଟଲ୍ୟାଣ୍ଡର ଅନୁବାଦ, କିନ୍ତୁ ପ୍ରକୃତରେ ତାହା ଅନୁବାଦ ନୁହେଁ ବରଂ ୱେଷ୍ଟଲ୍ୟାଣ୍ଡର ଜଟିଳ କାବ୍ୟଦର୍ଶନ ଓ ଶିଳ୍ପଚାତୁର୍ଯ୍ୟକୁ ଅବଲମ୍ବନ କରି ତାହା ଥିଲା ଗୁରୁପ୍ରସାଦଙ୍କର ଓଡ଼ିଆ ସାହିତ୍ୟକୁ ନୂତନ କବିତାର ଉପହାର। ୱେଷ୍ଟଲ୍ୟାଣ୍ଡର କାବ୍ୟାନୁଷଙ୍ଗ ଭାବରେ objective co-relative ଓ dissociation of sensibilityର ପ୍ରୟୋଗ ସମକାଳୀନ କାବ୍ୟ ପାଠକଙ୍କ ପାଇଁ ଥିଲା ଏକ ଚମତ୍କାର ଅଭିନବ କାବ୍ୟକୌଶଳ।

ଆଜି ଶହେ ବର୍ଷ ପରେ ମଧ୍ୟ ସମାନଭାବରେ ଆକର୍ଷଣୀୟ ଓ ପ୍ରାସଙ୍ଗିକ ୱେଷ୍ଟଲ୍ୟାଣ୍ଡର ପଂକ୍ତିଗୁଡ଼ିକୁ ପଢ଼ିଲେ ମନେପଡ଼େ ରବୀନ୍ଦ୍ରନାଥଙ୍କ କାବ୍ୟପଂକ୍ତି–

''ଆଜ ହତେ ଶତବର୍ଷ ପରେ
କେ ତୁମେ ପଢ଼ିଛ ବସେ ଆମାର କବିତା ଖାନି
କୌତୂହଳ ଭରେ।''

*– ନିର୍ଦ୍ଦେଶକ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ*
*କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର*

# ବିଶ୍ୱାସ-ଅନ୍ଧବିଶ୍ୱାସର ଦୋଛକିରେ ମଣିଷ



**ଆଜିର ଆଧୁନିକ ମଣିଷ ଚନ୍ଦ୍ରରେ ପାଦ ଥାପି ମଙ୍ଗଳରେ ବସତି ସ୍ଥାପନ କରିବାକୁ ଯୋଜନା କରୁଛି। ହେଲେ ବିଜ୍ଞାନ କ୍ଷେତ୍ରରେ ଶୀର୍ଷକୁ ଛୁଇଁଥିବା ମଣିଷ ସମାଜରେ ଏବେ ବି କୁସଂସ୍କାର ଅନ୍ଧବିଶ୍ୱାସ ଭରି ରହିଛି। ପୃଥିବୀର ବିକଶିତ ଦେଶଠାରୁ ଆରମ୍ଭ କରି ଗରିବ ଦେଶରେ ଏଭଳି ବହୁ କାର୍ଯ୍ୟ ଆଧୁନିକ ବିଜ୍ଞାନର ପର୍ଦ୍ଦାପଛରେ ହେଉଛି। ଏହାର କୌଣସି ସମାଧାନର ପଥ ଏପର୍ଯ୍ୟନ୍ତ ସମ୍ଭବ ହୋଇପାରିନି। ଆଇନ ପ୍ରଣୟନ ହୋଇଛି। ତେବେ ବି ମଣିଷ ନିଜର ସ୍ୱାର୍ଥ ହାସଲ ପାଇଁ କମ୍ ସମୟରେ ସଫଳତା ଛୁଇଁବା ଲାଗି କେତେକ କାର୍ଯ୍ୟ କରିଥାଏ। ସେଭଳି ଏକ କାର୍ଯ୍ୟ ହେଉଛି ଗୁଣି ଗାରେଡ଼ି। ଏହାର କୌଣସି ବୈଜ୍ଞାନିକ ଆଧାର ନାହିଁ ବୋଲି କୁହାଯାଉଥିଲେ ସୁଦ୍ଧା ନିଜର ସ୍ୱାର୍ଥ ହାସଲ, ଅନ୍ୟକୁ କଷ୍ଟ ଦେବା ଆଦି କେତେକ ବିପରୀତ ମାର୍ଗରେ ବ୍ୟବହୃତ କରାଯାଉଛି। ଏହା ମାନବ ସମାଜରେ ଅତ୍ୟଧିକ ପ୍ରଭାବ ବିସ୍ତାର କରିବାରେ ଲାଗିଛି।**

**– ଲାଲା ସୁନିଲ କୁମାର ରଥ, ଏସ୍.ଏ. ହଲିମ୍**

## ୱେବ୍‌ସାଇଟ–ଚଳଚ୍ଚିତ୍ର–ଟିଭି ଧାରାବାହିକ

ଏବେକାର ଇଣ୍ଟରନେଟ୍ ଯୁଗରେ ଏଭଳି ହଜାର ହଜାର ୱେବ୍‌ସାଇଟ ରହିଛି, ଯେଉଁଥିରେ ଗୁଣି ଗାରେଡ଼ି ଅର୍ଥାତ୍ କଳାଯାଦୁ ସମ୍ପର୍କରେ ଉଲ୍ଲେଖ କରାଯାଉଛି। ଫଳରେ ଆଧୁନିକ ମଣିଷ ସମାଜ ବିଜ୍ଞାନ ସହିତ ଆଗକୁ ବଢୁଥିବାବେଳେ ପଛେଇବାରେ ମଧ୍ୟ ଲାଗିଛି। ମଣିଷ ମନରେ ଗୁଣି ଗାରେଡ଼ି, ଭୂତ, ପ୍ରେତ ଓ ଡାହାଣୀର ବିଶ୍ୱାସକୁ ଅନେକ ଟିଭି ଚ୍ୟାନେଲ ଓ ଚଳଚ୍ଚିତ୍ର ନିର୍ମାତାମାନେ ଏହାକୁ ଅଧିକ ଦୃଢ଼ୀଭୂତ କରୁଛନ୍ତି। ଏହାଦ୍ୱାରା ଭାବପ୍ରବଣ ହୋଇ ଲୋକେ ଗୁଣି ଗାରେଡ଼ି ପ୍ରତି ବେଶି ଆକର୍ଷିତ ହେବାରେ ଲାଗିଛନ୍ତି। ସମାଜର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଟିଭି ଚ୍ୟାନେଲ ମାଧ୍ୟମରେ ପ୍ରସାରଣ କରିବାର ଆଇନ ସରକାର ପ୍ରଣୟନ କରିଛନ୍ତି। ସେହିପରି ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ଏହା ଲାଗୁ କରାଯାଇଛି। ମାତ୍ର ଏଭଳି ପ୍ରମାଣ ରହିତ ବିଷୟ ଉପରେ ଧାରାବାହିକ ଅବା ଚଳଚ୍ଚିତ୍ର ନିର୍ମାଣକୁ ସେନ୍‌ସର ବୋର୍ଡ ଦୂରଦର୍ଶନର ବିଭିନ୍ନ ଚାନେଲର ଧାରାବାହିକକୁ ସମୀକ୍ଷା କରୁଥିବା କମିଟି କାହିଁକି ଏଭଳି ବିଷୟଗୁଡ଼ିକୁ ସବୁଜ ସଙ୍କେତ ଦେଉଛନ୍ତି ସେନେଇ ଚିନ୍ତା କରିବାର ସମୟ ଆସିଛି। ଏଣେ ସରକାର ପାଠ୍ୟ ପୁସ୍ତକ, ସଚେତନତା ସଭା, ଗୋଷ୍ଠୀ କାର୍ଯ୍ୟକ୍ରମ ଜରିଆରେ ସମାଜରୁ ଅନ୍ଧ ବିଶ୍ୱାସ ଦୂର କରିବାକୁ ଉଦ୍ୟମ କରୁଥିବାବେଳେ ଚଳଚ୍ଚିତ୍ର, ଧାରାବାହିକ, ୱେବ୍‌ସାଇଟରେ ସମାଜରେ କୁସଂସ୍କାରର ଅଧିକ ପ୍ରଚାର ପ୍ରସାର କରିବା କେତେ ଦୂର ଯୁକ୍ତିଯୁକ୍ତ ତାହା ବିଚାର ଯୋଗ୍ୟ। ତେଣୁ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାର ସମୟ ଆସିଛି।

## ବୁଢ଼ୀ ମା’ କାହାଣୀରେ କୋମଳ ଶିଶୁ ମନରେ ପ୍ରଭାବ

ଘରେ ନାତି ନାତୁଣୀଙ୍କୁ ଗପ ଶୁଣାଇବାକୁ ବସିଥିବା ବୁଢ଼ୀ ମା’ ନିଶ୍ଚିତ ଭାବେ ଗାଁମୁଣ୍ଡ ଝଙ୍କାଳିଆ ବରଗଛ ତଳେ ଭୂତ ରହିଥିବାର କହିବା ପ୍ରାୟତଃ ଶୁଣିବାକୁ ମିଳିଥାଏ। କୋଉ ଗୋଟେ ଗୁଣିଆ ଆସି ତାକୁ ନିଜ ଆୟତ୍ତ କରିଥିବା ମଧ୍ୟ କୁହାଯାଇଥାଏ। ଏହାଦ୍ୱାରା ଗପ ଶୁଣୁଥିବା କୋମଳ ଶିଶୁ ମନରେ ଏହାର ପ୍ରଭାବ ଅଜାଣତରେ ବସା ବାନ୍ଧି ରହିଥାଏ। ଭବିଷ୍ୟତରେ କିଛି ପ୍ରତିକୂଳ ସ୍ଥିତିରେ ଏହା ପୂର୍ଣ୍ଣ ଆକାର ନେଇଥାଏ।

## ଚିକିତ୍ସା ପାଇଁ ଗୁଣିଆଙ୍କ ସାହାରା

ସାମ୍ପ୍ରତିକ ସମାଜରେ ଲୋକେ ସାପ କାମୁଡ଼ିଲେ ଅବା କୌଣସି ଶାରୀରିକ ସମସ୍ୟା ଉପୁଜିଲେ ଡାକ୍ତରଙ୍କ ପାଖକୁ ନ ଯାଇ ଗୁଣି ଗାରେଡିର ଆଶ୍ରୟ ନେଇଥାନ୍ତି। ଫଳରେ ବହୁ ସମୟରେ ଏହା ଯୋଗୁ ଆଧୁନିକ ଡାକ୍ତରୀ ଚିକିତ୍ସା ଅଭାବରୁ ସମ୍ପୃକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥାଏ।

## ଡାହାଣୀ ଭଳି ଆପରାଧିକ କାର୍ଯ୍ୟ

କାହାର ଛୋଟ ଛୁଆଙ୍କ ମୃତ୍ୟୁ ଘଟିଲେ ଲୋକେ ନିରୀହ ଲୋକଙ୍କୁ ଡାହାଣୀ ଆଖ୍ୟା ଦେଇ ବିଭିନ୍ନ ଆପରାଧିକ କାର୍ଯ୍ୟ କରି ବସନ୍ତି। ଡାହାଣୀ ଓ ଗୁଣି ଗାରେଡ଼ି ସନ୍ଦେହରେ ବହୁ ଲୋକଙ୍କୁ ହତ୍ୟା କରାଯାଇଥାଏ। ପରେ ଏହା ପଛର ଅନେକ ସତକଥା ପଦାକୁ ଆସେ। ଅନେକ କ୍ଷେତ୍ରରେ ଗାଁରେ ରହୁଥିବା ବିଧବା ଓ ଅସହାୟ ବୃଦ୍ଧାମାନଙ୍କୁ ସମ୍ପତ୍ତି ଲୋଭରେ ହତ୍ୟା କରାଯାଇ ଡାହାଣୀ ଆଖ୍ୟା ଦିଆଯାଇଥାଏ। କେଉଁଠି ପରିବାର ଲୋକେ ସମ୍ପତ୍ତି ଲୋଭରେ ନିଜ ପରିଜନଙ୍କୁ ହତ୍ୟା କରି ଭାଉଜ, ଖୁଡ଼ୀ, ବୁଢ଼ୀମା’କୁ ଡାହାଣୀ ରୂପ ଦେଇଥାନ୍ତି ତ ଆଉ କେଉଁଠି ଗାଁରେ କିଛି ପରିବାରକୁ ରୋଗ ଲାଗି ରହିଲେ ବିନା କାରଣରେ ଗାଁରେ ରହୁଥିବା ଅସହାୟ ବୃଦ୍ଧା ଉପରେ ସନ୍ଦେହ କରାଯାଇ ନିଆଁ ପାଣି ବାସନ୍ଦ କରାଯାଉଛି। କିଛି ସ୍ଥାନରେ

## ଗୁଣି ଗାରେଡ଼ି ପାଇଁ ଖପୁରି ବଜାର

ଆଫ୍ରିକାରେ ଗୁଣି ଗାରେଡ଼ିକୁ ଅଧିକ ବିଶ୍ୱାସ କରାଯାଇଥାଏ। ତେଣୁ ସେଠାକାର ବହୁ ଅଞ୍ଚଳରେ ଗୁଣି ଗାରେଡ଼ି ଉପକରଣ ମିଳୁଥିବା ସ୍ୱତନ୍ତ୍ର ବଜାର ରହିଛି। ସେସବୁ ବଜାରରେ ମଣିଷ ଖପୁରି ସହିତ ଅନ୍ୟ ଜଙ୍ଗଲୀ ପ୍ରାଣୀଙ୍କ କଙ୍କାଳ ମିଳିଥାଏ, ଯାହା କି ଗୁଣି ଗାରେଡ଼ି ପାଇଁ କରାଯାଉଥିବା କାର୍ଯ୍ୟରେ ବ୍ୟବହୃତ ହୋଇଥାଏ।



# ଓଡ଼ିଶାରେ ଗୁଣି ଗାରେଡ଼ି: ପ୍ରତିବର୍ଷ ଯାଉଛି ୭୦ ଜୀବନ

ପୂର୍ବରୁ ଓଡ଼ିଶାର ଜନଜାତି ବହୁଳ ଜିଲାଗୁଡ଼ିକରେ ବେଶି ଗୁଣି, ଗାରେଡ଼ିର ପ୍ରଭାବ ଦେଖିବାକୁ ମିଳୁଥିଲା। ମାତ୍ର ସମୟ ସହିତ ଧୀରେଧୀରେ ଏବେ ଉପକୂଳ ଓଡ଼ିଶାର ଗାଁଗୁଡିକରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ଚୋର ଧରିବାକୁ ଏବେ ବି ଗାଁରେ ଲୋକମାନେ ଖଟ ବୁଲାଉଛନ୍ତି। ରୋଗ ହେଲେ କି ଘରେ କିଛି ଅସୁବିଧା ଉପୁଜିଲେ ଏହାର ମୂଳକାରଣଗୁଡ଼ିକୁ ନ ଖୋଜି ଗୁଣିଆ ପାଖକୁ ଯାଉଛନ୍ତି। ଦେଶ ତଥା ଆମ ରାଜ୍ୟର ଗୁଣିଆ ଏବଂ ଭଣ୍ଡ ବାବାମାନେ ମଣିଷର ଦୁର୍ବଳତାର ଫାଇଦା ଉଠାଉଛନ୍ତି। ଆଜିର ସ୍ମାର୍ଟ ଯୁଗରେ ବି ଗୁଣିଆ,ବାବା ଓ ମାତାମାନଙ୍କ ଉପରେ ଥିବା ଲୋକମାନଙ୍କ ଅଖଣ୍ଡ ବିଶ୍ୱାସ ଆମ ଶିକ୍ଷା ଓ ଆଧୁନିକତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଡାହାଣୀ ଓ ଗୁଣି ଗାରେଡ଼ିକୁ ନେଇ ହତ୍ୟାର ଖବର ରାଜ୍ୟଠାରୁ ଆରମ୍ଭ କରି ଦେଶର ବିଭିନ୍ନ ପ୍ରଦେଶ ପର୍ଯ୍ୟନ୍ତ ଜାରି ରହିଛି। ଏହା ଦ୍ୱାରା କେବଳ ମାନବ ଅଧିକାର ଉଲ୍ଲଂଘନ ହେଉନି ତାହା ସହିତ ମାନବିକତାର ବି ଏକ ପ୍ରକାର ହତ୍ୟା ହେଉଛି। ଗୁଣି, ଗାରେଡ଼ି, ଭୂତ, ପ୍ରେତ ଓ ଡାହାଣୀର ବିଶ୍ୱାସ ମଣିଷ ସମାଜକୁ ଏପରି ଭାବରେ କବଳିତ କରି ରଖିଛି ଯେ ମଣିଷ ସେଥିରୁ ମୁକୁଳିପାରୁନି।

ଓଡ଼ିଶାରେ ଗୁଣିଗାରେଡ଼ି ସ୍ଥିତିକୁ ନେଇ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଝାଡ଼ଖଣ୍ଡ ପରେ ଓଡ଼ିଶାରେ ଦ୍ୱିତୀୟ ସର୍ବାଧିକ ଗୁଣିଗାରେଡ଼ି ଜନିତ ମୃତ୍ୟୁ ଘଟୁଥିବା ଏନ୍‌ସିଆର୍‌ବି ରିପୋର୍ଟରୁ ଜଣାପଡ଼ିଛି। ୨୦୦୦ରୁ ୨୦୦୬ ମଧ୍ୟରେ ୨,୫୦୦ରୁ ଊର୍ଦ୍ଧ୍ୱ ଲୋକ ଗୁଣିଗାରେଡ଼ି ଜନିତ ଅତ୍ୟାଚାରର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ୨୦୦୮ ପରଠାରୁ ପ୍ରତ୍ୟେକ ବର୍ଷ ୭୦ଜଣଙ୍କ ମୃତ୍ୟୁ ଘଟୁଥିବା କିଛି ରିପୋର୍ଟ କହୁଥିବାବେଳେ ଆଉ କିଛି ରିପୋର୍ଟ ଅନୁସାରେ ବାର୍ଷିକ ୪୮ଜଣଙ୍କ ମୃତ୍ୟୁ ଘଟୁଛି। ରିପୋର୍ଟ ମୁତାବକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ଗଜପତି ଏବଂ ନୂଆପଡ଼ା ପରି ଜିଲାରେ ପ୍ରାୟ ୮୩ ପ୍ରତିଶତ ଗୁଣି ଗାରେଡ଼ି ଭଳି ଅପରାଧ ଘଟୁଛି। ଉପକୂଳବର୍ତ୍ତୀ ଜିଲା ମଧ୍ୟରେ ଗଞ୍ଜାମ ଏବଂ ବାଲେଶ୍ୱରରେ ଏଭଳି ଘଟଣା ଅଧିକ ଘଟୁଛି। ବିଶେଷକରି ପୁରୁଷଙ୍କ କ୍ଷେତ୍ରରେ ଏଭଳି ମାମଲା ୧୦ପ୍ରତିଶତ ଘଟିଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ୯୦ ପ୍ରତିଶତ ରହିଛି। ମୁଖ୍ୟତଃ ମହିଳାମାନଙ୍କୁ ଭୟଭୀତ କରିବା ପାଇଁ ଏଭଳି କରାଯାଉଥିବା ଜଣାପଡ଼ିଛି। ବିଶେଷ କରି ୫୦ରୁ ୬୦ ବର୍ଷର ମହିଳାମାନଙ୍କୁ ଟାର୍ଗେଟ କରାଯାଉଥିବା ବେଳେ ବିଧବାଙ୍କ ସଂଖ୍ୟା ଅଧିକ ରହିଥାଏ। ଏପରି କି ଯେଉଁ ମହିଳାମାନେ ପରିବାରଠାରୁ ଅଲଗା କିମ୍ବା ବାସନ୍ଦ ଏବଂ ମାନସିକ ବିକାରଗ୍ରସ୍ତ ମହିଳା ଗୁଣିଗାରେଡ଼ିର ଶିକାର ହୋଇଥାନ୍ତି। ଶିକ୍ଷାର ଅଭାବ, ଦାରିଦ୍ର୍ୟ, ଜମିବାଡ଼ି ବିବାଦ, ଶାରୀରିକ ଅସୁସ୍ଥତା ଆଦି ବିଭିନ୍ନ କାରଣରୁ ଲୋକମାନେ ଗୁଣିଗାରେଡ଼ିର ଶିକାର ହେଉଛନ୍ତି।



ଆଜିର ଦ୍ରୁତ ପ୍ରଗତିଶୀଳ ସମାଜରେ କେତେକ ମୋହଗ୍ରସ୍ତ ସ୍ୱାର୍ଥପର ମଣିଷ ବିଶ୍ୱାସ ଏବଂ ଅନ୍ଧବିଶ୍ୱାସର ଦୋଛକିରେ ଛିଡ଼ା ହୋଇଛନ୍ତି। ଅନ୍ଧବିଶ୍ୱାସକୁ ଆଧାର କରି ସେମାନେ ବହୁ ଅପରାଧ କରୁଛନ୍ତି। ତେବେ ଆଜି ସମାଜ ପାଦ ଥାପିଥିବା ଅନ୍ଧଗଳି ଯେ କେତେ ଅନ୍ଧାର ତାହା ଚିନ୍ତା କରିବାର ସମୟ ଆସିଛି। ଏହା ସମାଜକୁ କେଉଁ ଆଡକୁ ନେଇ ଯିବ ତାହା ବିଚାର କରି ବିଜ୍ଞାନର ଆଲୋକ ଦ୍ୱାରା ହୃଦୟଙ୍ଗମ କରିପାରିଲେ ପରିବର୍ତ୍ତନର ଅୟମାରମ୍ଭ ହୋଇପାରିବ। ଏଠି ଆଉ ଆଇନ ନୁହେଁ, ମଣିଷର ସୁସ୍ଥ ବୈଜ୍ଞାନିକ ବିଚାର ମାଧ୍ୟମରେ ଅନ୍ଧବିଶ୍ୱାସ ପ୍ରତିଥିବା ଅଯଥା ଦୃଢ଼ ବିଶ୍ୱାସର ମୂଳୋତ୍ପାଟନ କରାଯାଇପାରିବ।

## ୧୯୭୨ରେ ଭାରତରେ ଡାହାଣୀ ସନ୍ଦେହ ହତ୍ୟା ଆରମ୍ଭ



୧୯୭୨ ମସିହା ପୂର୍ବରୁ ଭାରତରେ ଡାହାଣୀ ଖୋଜାର କୌଣସି ଲିପିବଦ୍ଧ ପ୍ରମାଣ ନାହିଁ। ୧୯୭୨ ଭାରତରେ ପ୍ରଥମେ ଜନଜାତି ଲୋକଙ୍କ ମଧ୍ୟରେ ଡାହାଣୀ ଖୋଜା ପ୍ରମାଣ ମିଳିଛି। ବ୍ରିଟିଶ ଶାସନ ସମୟରେ ସିଂହଭୂମ ଜିଲାର ଛୋଟନାଗପୁର ଡିଭିଜନରେ ଡାହାଣୀ ସନ୍ଦେହରେ ବହୁ ଲୋକଙ୍କୁ ହତ୍ୟା କରାଯିବା ସହିତ ସେମାନଙ୍କ ସମସ୍ତ ସମ୍ପର୍କୀୟଙ୍କୁ ମଧ୍ୟ ମାରି ଦିଆଯାଇଥିଲା; ଯେପରି ଭବିଷ୍ୟତରେ ସେମାନେ ପ୍ରତିଶୋଧ ନେଇପାରିବେ ନାହିଁ। ପରବର୍ତ୍ତୀ ସମୟରେ ଏହି ଧାରା ଅନ୍ୟ ଅଞ୍ଚଳକୁ ବ୍ୟାପିଥିଲା।

ଆଇନକୁ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ ଦେଇ ଗୁଣି, ଗାରେଡ଼ି ସନ୍ଦେହରେ ଥାନାକୁ ନ ଯାଇ କଙ୍ଗାରୁ କୋର୍ଟ ବସାଇ ଅମାନୁଷିକ ଦଣ୍ଡାଦେଶ କରାଯାଉଛି।

## ସଇତାନବାଦ-ସଇତାନ ପୂଜା

କେତେକ ସାମାଜିକ ସଂସ୍କୃତି ସଇତାନର ଧାରଣା ସହିତ ଗୁଣି ଗାରେଡ଼ି ପ୍ରତି ଆକର୍ଷିତ କରିବାକୁ ଲୋକଙ୍କୁ ପ୍ରେରିତ କରିଛି। ଗୁଣି ଗାରେଡ଼ିରେ ଭୂତ ବା ଆତ୍ମାମାନଙ୍କ ଆବାହନ ଏକ ଗ୍ରହଣୀୟ ଅଂଶ ହୋଇଥିବାବେଳେ ଏହି କାର୍ଯ୍ୟ ଆଧ୍ୟାତ୍ମିକ ଉପାସନା କିମ୍ବା ଦେବତ୍ୱ ଭାବନାଠାରୁ ଭିନ୍ନ ଅଟେ। ଷୋଡ଼ଶ ଶତାବ୍ଦୀରେ ଏଭଳି ବହୁ କାର୍ଯ୍ୟ କରାଯାଇଥିବା ଉଦାହରଣ ରହିଛି। ଏହା ଆତ୍ମା ଏବଂ ଭୂତମାନଙ୍କ ସହିତ ଯୋଗାଯୋଗର ମାଧ୍ୟମ ପାଲଟିଥିବା ବହୁ ଐତିହାସିକ ଗ୍ରନ୍ଥରୁ ଜଣାଯାଏ।

## ବଳି ଦେଇ ଗୁଣି ଗାରେଡ଼ି

ଅସାଧ୍ୟ ସାଧନ କରିବା ଲାଗି ଲୋକେ ଗୁଣି ଗାରେଡ଼ିର ସାହାରା ନେଇ ବଳି ଦେଇଥାନ୍ତି। ପ୍ରାଣୀଙ୍କ ବଳି ସହିତ ନରବଳି ମଧ୍ୟ ଦେବାକୁ ଲୋକେ ପଛାଇ ନ ଥାନ୍ତି। କେତେକ ଘଟଣାରେ ଉଚ୍ଚ ଶିକ୍ଷିତ ଲୋକେ ମଧ୍ୟ ଏଭଳି ଅନ୍ଧବିଶ୍ୱାସ ଦ୍ୱାରା କବଳିତ ହୋଇ ନିଜ ପ୍ରିୟଜନଙ୍କୁ ବଳି ଦେଉଥିବା ଦେଖାଯାଉଛି। ଏହାକୁ ଆଇନ ତଥା ବିଜ୍ଞାନ ବିକୃତ ମାନସିକତା ବୋଲି କହିଥାଏ। କେତେକେ ଏହାକୁ ମାନସିକ ବିକାରଗ୍ରସ୍ତ ମଣିଷର ହିତାହିତ ଜ୍ଞାନଶୂନ୍ୟ ପଦକ୍ଷେପ ଭାବେ ଅଭିହିତ କରିଥାନ୍ତି।

## ଗରିବ ଦେଶରେ ଅଧିକ କୁସଂସ୍କାର

ପୃଥିବୀର ଗରିବ ଦେଶରେ ଗୁଣି ଗାରେଡ଼ି ଭଳି ସାମାଜିକ କୁସଂସ୍କାର ଅଧିକ ଥିବା ଦେଖାଯାଇଥାଏ। ଗରିବ ଦେଶରେ ସାକ୍ଷରତା ହାର କମ୍ ଥିବାରୁ ଲୋକେ ବିଜ୍ଞାନର ପ୍ରାମାଣିକ ତଥ୍ୟକୁ ସାମାଜିକସ୍ତରରେ ଉପଲବ୍ଧ କରିବାରେ ସକ୍ଷମ ହୋଇପାରି ନ ଥାନ୍ତି। ପାଖରେ ଅର୍ଥର ଅଭାବରୁ ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ନ ଯାଇ ଗୁଣି ଗାରେଡ଼ି ପାଇଁ ଗୁଣିଆଙ୍କ ପାଖକୁ ଯାଇଥାନ୍ତି।

## ଋଷିଆ-ୟୁକ୍ରେନ୍ ଯୁଦ୍ଧରେ ଗୁଣି ଗାରେଡ଼ି

ଋଷିଆ-ୟୁକ୍ରେନ ଯୁଦ୍ଧରେ ଋଷିଆ ଏକ ଅଜବ ଅଭିଯୋଗ ଆଣିଥିଲା। ଋଷିଆ ଗଣମାଧ୍ୟମ କହିଥିଲା ଯେ, ନିଜ ସୈନ୍ୟବାହିନୀକୁ ରକ୍ଷା କରିବା ପାଇଁ ୟୁକ୍ରେନ କଳା ଯାଦୁ ବ୍ୟବହାର କରୁଛି। ବିଶେଷ ଭାବରେ ଓଲେକ୍ସି ଆରେଷ୍ଟୋଭିଚଙ୍କୁ ଜଣେ ଗୁଣିଆ ଭାବେ କୁହାଯାଇଥିଲା। ସେ ଗୁଣି ଗାରେଡ଼ି କରି ରକ୍ତ ଯାଦୁର ବ୍ୟବହାର କରି ୟୁକ୍ରେନ ସୈନ୍ୟଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଏହି ଅଭିଯୋଗ ଅନ୍ତର୍ଜାତୀୟସ୍ତରରେ କିଛି ଦିନ ପାଇଁ ଚର୍ଚ୍ଚାର ବିଷୟ ପାଲଟିଥିଲା।



## ଭୂତ ପିତୁଳା ତିଆରି କରି ଗୁଣି ଗାରେଡ଼ି

ଭୂତ ପିତୁଳା ତିଆରି କରି ଗୁଣି ଗାରେଡ଼ି କରାଯାଇଥାଏ ବୋଲି ଗୁଣିଆ ଦାବି କରିଥାନ୍ତି। ମଣିଷ ଭଳି ଦେଖାଯାଉଥିବା ଭୂତ ପିତୁଳାକୁ ପର୍ଯ୍ୟାୟକ୍ରମେ ବନ୍ଧନ କରାଯାଇ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଗୁଣି କରାଯାଇଥାଏ। ଶେଷରେ ତାଙ୍କର ମୃତ୍ୟୁ ଘଟିଥାଏ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କର ଫଟୋ, ମୁଣ୍ଡ କେଶ, ପୋଷାକ ପତ୍ର, ଫଟୋ ଆଦିକୁ ମଧ୍ୟ ବ୍ୟବହାର କରାଯାଇଥାଏ। କେତେକ କ୍ଷେତ୍ରରେ କଳା ବିଲେଇ ଏବଂ କଳା ଗଞ୍ଜା ଅବା କୁକୁଡା, ଅଣ୍ଡା ଆଦିର ବ୍ୟବହାର କରାଯାଇଥାଏ।

# ସାହିତ୍ୟ-ନୋବେଲ: ରବୀନ୍ଦ୍ରୋତ୍ତର ବିଡ଼ମ୍ବନା


**ଡ. ହୃଷୀକେଶ ମଲ୍ଲିକ**


୧୯୧୩ ପରେ ଭାରତୀୟ ସାହିତ୍ୟସ୍ରଷ୍ଟା ଓ ମାନବସେବୀଙ୍କ ପାଇଁ ନୋବେଲ ପୁରସ୍କାର ଯେ ଏକ ଦୂରନ୍ତ ଆକାଂକ୍ଷା ମାତ୍ର ହୋଇ ରହିଛି, ଏଥିରେ ସନ୍ଦେହ ନାହିଁ। ନୋବେଲପ୍ରାପ୍ତିରୁ ଅନାକାଂକ୍ଷିତ ଭାବେ ଉପେକ୍ଷିତ ହୋଇଛି ଭାରତୀୟ ସାହିତ୍ୟ, ଯଦିଓ ଶାନ୍ତି କ୍ଷେତ୍ରରେ ୧୯୭୯ ପାଇଁ ନୋବେଲ ବିଜୟିନୀ ହୋଇ ଉଭା ହୋଇଛନ୍ତି ମଦର ଟେରେସା। ୧୯୧୦ରେ ଉତ୍ତର ମାସିଡୋନିଆରେ ଜନ୍ମିତା ଏହି ମହତୀ ମହିଳା ୧୯୯୭ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଭାରତକୁ ହିଁ କରି ବସିଥିଲେ ନିଜର ସେବାଭୂମି। ମହାତ୍ମା ଗାନ୍ଧୀ (୧୮୬୯-୧୯୪୮), ଯେ ଥିଲେ ବିଂଶ ଶତାବ୍ଦୀରେ ଅହିଂସାର ସବୁଠୁଁ ସଶକ୍ତ ପ୍ରତୀକ ଓ ଯାହାଙ୍କ ଦ୍ୱାରା ନେଲ୍‌ସନ୍ ମାଣ୍ଡେଲାଙ୍କଠୁଁ ବାରାକ୍ ଓବାମାଙ୍କ ପର୍ଯ୍ୟନ୍ତ ପୃଥିବୀର ବହୁ ରାଷ୍ଟ୍ରପୁରୁଷ ପ୍ରଭାବିତ ହୋଇଥିଲେ, ବାରମ୍ବାର ସୁପାରିସ ସତ୍ତ୍ୱେ ତାଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳି ନ ଥିଲା। ଏହା ଥିଲା ଏହି ପୁରସ୍କାରର ସର୍ବଶ୍ରେଷ୍ଠ ବିଡ଼ମ୍ବନା। ମହାତ୍ମା ଗାନ୍ଧୀଙ୍କ ପରେ ନୋବେଲ-ଶାନ୍ତି-ପୁରସ୍କାର ପାଇଁ ଏକାଧିକ ସୁପାରିସ ସତ୍ତ୍ୱେ ଶ୍ରୀଅରବିନ୍ଦଙ୍କୁ ମଧ୍ୟ ମିଳି ନ ଥିଲା ଏହି ପୁରସ୍କାର।

ସାହିତ୍ୟ-କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଭାରତୀୟ ସ୍ରଷ୍ଟାଙ୍କୁ ମଧ୍ୟ ଅତୁଳନୀୟ ଯୋଗ୍ୟତା ସତ୍ତ୍ୱେ ଅବାଞ୍ଛିତ ପରାଭବ ଭୋଗିବାକୁ ପଡ଼ିଥିଲା। ସାହିତ୍ୟରେ ନୋବେଲ ପାଇଁ ପୃଥିବୀର ବହୁ ବିଶିଷ୍ଟ ନୋବେଲ-ବିଜେତା ଓ ବିଦ୍ୱାନ୍-ବୁଦ୍ଧିଜୀବୀଙ୍କ ଦ୍ୱାରା ଦୁଇ ଦୁଇଥର ମନୋନୀତ ହୋଇ ବି ବିଶ୍ୱବିଦିତ କବି ଓ ଦାର୍ଶନିକ ଶ୍ରୀଅରବିନ୍ଦଙ୍କୁ ନୋବେଲ ପୁରସ୍କାର ମିଳି ନ ଥିଲା। ଏ ବର୍ଷ ତାଙ୍କ ଜନ୍ମର ୧୫୦ତମ ଉତ୍ସବ ପାଳିତ ହେଉଛି। ଏହି ଅବକାଶରେ ମନେହୁଏ, ଯେତେବେଳେ ସାହିତ୍ୟ-ନୋବେଲ ପାଇଁ ଶ୍ରୀଅରବିନ୍ଦଙ୍କ ନାମ ସୁପାରିସ ହେଇଥିଲା, ସେତେବେଳକୁ ଶ୍ରୀଅରବିନ୍ଦଙ୍କ ସାହିତ୍ୟକୁ ବୁଝିବାର ମାନସିକ କ୍ଷମତା ହୁଏତ ବିଚାରକଙ୍କ ମଧ୍ୟରେ ପରିପକ୍ୱତା ଲାଭ କରି ନ ଥିଲା। ୧୯୪୩ ଓ ୧୯୫୦ରେ ସାହିତ୍ୟ-ନୋବେଲ ପାଇଁ ଶ୍ରୀଅରବିନ୍ଦଙ୍କ ନାମ ସୁପାରିସ ହୋଇଥିଲା। ଚିଲିର ନୋବେଲ ଲରେଟ୍ ମାଡାମ୍ ଗ୍ରାବିଏଲା ମିଷ୍ଟ୍ରାଲ ୧୯୫୦ ନୋବେଲ ପାଇଁ ଶ୍ରୀଅରବିନ୍ଦଙ୍କ ନାମର ପ୍ରସ୍ତାବକ ଥିଲେ ଓ ସମର୍ଥକ ଥିଲେ ଆମେରିକାର ନୋବେଲ ଲରେଟ୍ ପର୍ଲ ଏସ୍.ବକ୍।

ଶ୍ରୀଅରବିନ୍ଦଙ୍କ ଏହି ମନୋୟନକୁ ଯେଉଁ ୩୬ ଜଣ ଅଗ୍ରଗଣ୍ୟ ଭାରତୀୟ ବିଦ୍ୱାନ୍ ସମର୍ଥନ କରିଥିଲେ, ସେମାନଙ୍କ ମଧ୍ୟରେ ୧୬ ଜଣ ଥିଲେ କୌଣସି ନା କୌଣସି ଭାରତୀୟ ବିଶ୍ୱବିଦ୍ୟାଳୟର କୁଳାଧିପତି ବା କୁଳପତି। ଅନ୍ୟମାନଙ୍କ ମଧ୍ୟରେ ଥିଲେ 'ଅମୃତବଜାର ପତ୍ରିକା'ର ସମ୍ପାଦକ ତୁଷାରକାନ୍ତି ଘୋଷ, ଭାରତୀୟ ଜାତୀୟ କଂଗ୍ରେସର ପ୍ରାକ୍ତନ ସଭାପତି ଜେ.ବି. କ୍ରିପାଳିନୀ, ଗୋବିନ୍ଦ ବଲ୍ଲଭ ପନ୍ଥ, ଭାରତ ସରକାରଙ୍କ ବାଣିଜ୍ୟମନ୍ତ୍ରୀ କେ.ସି. ନିୟୋଗୀ, ଶିଳ୍ପମନ୍ତ୍ରୀ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ, ପରିବହନ ମନ୍ତ୍ରୀ ଏନ୍. ଗୋପାଳସ୍ୱାମୀ ଆୟଙ୍ଗାର। ଯେଉଁ ଦୁଇଜଣ ପ୍ରମୁଖ ଓଡ଼ିଆ ଶ୍ରୀଅରବିନ୍ଦଙ୍କ ମନୋୟନକୁ ସମର୍ଥନ ଦେଇଥିଲେ, ସେ ଦୁଇଜଣ ହେଲେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡ. ପ୍ରାଣକୃଷ୍ଣ ପରିଜା। ୧୯୪୩ର ନୋବେଲ ପୁରସ୍କାର ପାଇଁ ଶ୍ରୀଅରବିନ୍ଦଙ୍କ ନାମ ସୁପାରିସ କାମରେ ଲାଗି ନ ଥିଲା। କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ କୌଣସି ବିଭାଗରେ ଏ ବର୍ଷର ନୋବେଲ ପୁରସ୍କାର ପ୍ରଦାନ କରାଯାଇ ନ ଥିଲା। ୧୯୫୦ରେ ଶ୍ରୀଅରବିନ୍ଦଙ୍କ ପରିବର୍ତ୍ତେ ବର୍ଟାଣ୍ଡ୍ ଆର୍ଥର ଉଇଲିୟମ୍ ରସେଲ ସାହିତ୍ୟ ପାଇଁ ନୋବେଲ ଲାଭ କରିଥିଲେ। ନୋବେଲ ପ୍ରଶସ୍ତିପତ୍ରରେ କୁହାଯାଇଥିଲା ଯେ, "ମାନବୀୟ ଆଦର୍ଶ ଓ ମୁକ୍ତ ଚିନ୍ତନ କ୍ଷେତ୍ରକୁ ଉଲ୍ଲେଖନୀୟ ଓ ବିବିଧ ଭାବେ ସମୃଦ୍ଧ କରିଥିବା ତାଙ୍କ ସାହିତ୍ୟର ସ୍ୱୀକୃତି ସ୍ୱରୂପ ତାଙ୍କୁ ଏହି ପୁରସ୍କାର ପ୍ରଦତ୍ତ ହେଲା।" ୧୯୫୦ରେ ଶାନ୍ତି ପାଇଁ ବି ଶ୍ରୀଅରବିନ୍ଦଙ୍କୁ ନୋବେଲ ମିଳିଲା ନାହିଁ। ଏ ବର୍ଷ ଏହି ପୁରସ୍କାର ପାଇଲେ ଆଫ୍ରୋ-ଆମେରିକୀୟ ଲେଖକ ରାଲ୍‌ଫ ବୁଞ୍ଚେ, ପାଲେଷ୍ଟାଇନ୍ ବିବାଦର ସମାଧାନ ପାଇଁ ଜାତିସଂଘ ପକ୍ଷରୁ ୧୯୪୮ରେ ତାଙ୍କର ମଧ୍ୟସ୍ଥତାର ସ୍ୱୀକୃତି ସ୍ୱରୂପ। ଇଂଲିଶ୍ ଭାଷାକୁ

> "ସାହିତ୍ୟ ପାଇଁ ଉଦ୍ଦିଷ୍ଟ ପୁରସ୍କାର ମଧ୍ୟରେ ସର୍ବଶ୍ରେଷ୍ଠ ବିବେଚିତ ନୋବେଲ ପୁରସ୍କାର ରବୀନ୍ଦ୍ରନାଥ ଠାକୁରଙ୍କୁ ମିଳିଥିଲା 'ଗୀତାଞ୍ଜଳି' (ଇଂଲିଶ୍ ଭାଷାନ୍ତରିତ ଓ ଲଣ୍ଡନରୁ ପ୍ରକାଶିତ) ପାଇଁ, ୧୯୧୩ରେ। ଭାରତୀୟ ସାହିତ୍ୟକୁ ଏଇ ଥିଲା ପ୍ରଥମ ଓ ଶେଷ ନୋବେଲ ପୁରସ୍କାର। ଶହେଦଶ ବର୍ଷ ଭିତରେ ବହୁ ଭାରତୀୟ ଲେଖିକାଲେଖକ ଖୁବ୍ ଉଚ୍ଚମାନର ସାହିତ୍ୟ ରଚନା କରିଥିଲେ ବି ନୋବେଲ କମିଟିର ନଜରକୁ କୌଣସି ଭାରତୀୟ ଲେଖକଙ୍କ କୃତି ଆସିପାରି ନାହିଁ। ଅବଶ୍ୟ କେତେ ମହାନ୍ ଲେଖକଙ୍କ ନାମ ମଝିରେ ମଝିରେ ନୋବେଲ ପୁରସ୍କାର ପାଇଁ ସୁପାରିସ ହୋଇଛି, କିନ୍ତୁ ସେମାନଙ୍କୁ କେବଳ ମନୋନୟନ ତାଲିକାଭୁକ୍ତ ହୋଇ ରହିବାରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ରବୀନ୍ଦ୍ରଙ୍କ ପରେ ସାହିତ୍ୟ ଓ ଶାନ୍ତି ପାଇଁ ନୋବେଲ ନିମିତ୍ତ ସୁପାରିସ ଲାଭ କରିଥିବା ଭାରତୀୟ ମହାନୁଭବୀ କତିପୟ ବ୍ୟକ୍ତି ଓ ସେମାନଙ୍କ ନୋବେଲ-ହତାଦୃତିର କାରଣ ସମ୍ପର୍କରେ ଏଇ ଆଲେଖ୍ୟଟି..."











ସ୍ୱ-ରଚନାରେ ନବଜନ୍ମ ଦେଇଥିବାର ଗୌରବ ଯେଉଁ ମହାନ୍ ଲେଖକଙ୍କୁ ନୋବେଲ-ବିଜୟୀ ରୋମାରୋଲାଁ ଦେଇଥିଲେ, ସେଇ ଯୁଗଜନ୍ମା ଲେଖକଙ୍କ ସାହିତ୍ୟ ହାୟ ବାଦ୍ ପଡ଼ିଲା ନୋବେଲ-ବିବେଚନାରୁ! ୧୯୫୦ ଡିସେମ୍ବର ୫ ତାରିଖରେ ନାନା ଅଭାବିତ ଉପେକ୍ଷା ଭୋଗି ଶ୍ରୀଅରବିନ୍ଦ 'ୟୁରେମିଆ' (କିଡ୍‌ନୀ ରୋଗ)ରେ ପୀଡ଼ିତ ହୋଇ ଆମ ଗହଣରୁ ବିଦାୟ ନେଇଗଲେ। ପଛରେ ରହିଗଲେ ଦାତାପଣର ଅହମିକାକୁ ଜାବୁଡ଼ି ଧରିଥିବା ନୋବେଲ କମିଟି, ମହାତ୍ମା ଗାନ୍ଧୀ ଓ ଶ୍ରୀଅରବିନ୍ଦଙ୍କୁ ନୋବେଲ ପୁରସ୍କାରରେ ଭୂଷିତ କରିପାରି ନ ଥିବାର ଶେଷହୀନ ପଶ୍ଚାତ୍ତାପ ଭୋଗିବା ପାଇଁ।





ଶ୍ରୀଅରବିନ୍ଦଙ୍କ ନାମ ନୋବେଲ ପୁରସ୍କାର ପାଇଁ ସୁପାରିସ ହେବାର ୨୦ ବର୍ଷ ପରେ ୧୯୭୧ରେ ପ୍ରଖ୍ୟାତ ବଙ୍ଗୀୟ ଲେଖକ ତାରାଶଙ୍କର ବନ୍ଦୋପାଧ୍ୟାୟ (୧୮୯୮-୧୯୭୧)ଙ୍କ ନାମ ସୁପାରିସ କରାଗଲା। କେନ୍ଦ୍ର ସାହିତ୍ୟ ଏକାଡେମୀର ତତ୍କାଳୀନ ସମ୍ପାଦକ କ୍ରିଷ୍ଣା କ୍ରିପାଳିନୀ (୧୯୦୭-୧୯୯୨) କରିଥିଲେ ଏହି ସୁପାରିସ। ଏଥରର ସୁପାରିସ ତାଲିକାରେ ଅନ୍ୟ ପ୍ରମୁଖ ସାହିତ୍ୟିକଙ୍କ ମଧ୍ୟରେ ଥିଲେ ସଲ୍‌ବେଲୋ, ଉଇଲିୟମ୍ ଗୋଲ୍ଡିଂ, ଗୁଣ୍ଟର ଗ୍ରାସ୍, ଗ୍ରାହାମ୍ ଗ୍ରୀନ୍, ଫିଲିପ୍ ଲାର୍‌କିନ୍, ଆର୍ଥର ମିଲର୍, ଭ୍ଲାଡିମିର୍ ନବକୋଭ, ପାବ୍ଲୋ ନେରୁଦା ଓ ଏଜରା ପାଉଣ୍ଡ୍। ମୋଟ ୯୧ ଜଣଙ୍କ ପାଇଁ ୧୩୭ଟି ମନୋନୟନ ପଡ଼ିଥିଲା। ୧୯୭୧ର ନୋବେଲ ପାଇଲେ ଚିଲିର ବିପ୍ଳବୀ କବି ପାବ୍ଲୋ ନେରୁଦା, ଯଦିଓ କମ୍ୟୁନିଷ୍ଟ ମତବାଦ ଓ ଷ୍ଟାଲିନ୍ ସପକ୍ଷବାଦିତା ପାଇଁ ବୋବେଲ ବିଚାରକ କମିଟିର କେତେକ ସଦସ୍ୟ ନେରୁଦାଙ୍କୁ ନୋବେଲ ନ ଦେବାକୁ ଯୁକ୍ତି ବାଢ଼ିଥିଲେ।

ସାହିତ୍ୟରେ ନୋବେଲ ପାଇଁ ଏ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇଥିବା ଲେଖକଙ୍କ ମଧ୍ୟରେ ଶେଷ ପରାଭବ ଭୋଗିଲେ ଭାରତ ଜନ୍ମିତ 'ଦ ସଟାନିକ୍ ଭର୍ସେସ୍'ର ବ୍ରିଟିଶ୍-ଆମେରିକୀୟ ଲେଖକ ସଲ୍‌ମନ ରୁଶ୍‌ଦି, ଚଳିତବର୍ଷ। ୨୦୨୨ ପାଇଁ ରୁଶ୍‌ଦିଙ୍କ ନାମ ସୁପାରିସ ହୋଇଥିଲା। ସମଗ୍ର ବିଶ୍ୱ ପାଇଁ 'ମୁକ୍ତ-ଅଭିବ୍ୟକ୍ତି' (Free-speech) ଓ 'କଲମର ତାକତ' (Power of the Pen)ର ପ୍ରୟୋଜନୀୟତା ଯେତେବେଳେ ସବୁଠୁ ଅଧିକ, ଠିକ୍ ସେହିପରି ଏକ ସମୟରେ ରୁଶ୍‌ଦି ନୋବେଲପ୍ରାପ୍ତିରୁ ବଞ୍ଚିତ ହେଲେ। ରୁଶ୍‌ଦିଙ୍କ ନୋବେଲ ହକ୍ ସପକ୍ଷବାଦୀ କାନାଡ଼ୀୟ ଲେଖିକା ମାର୍ଗାରେଟ୍ ଆଟ୍‌ଉଡ୍‌ଙ୍କ ବକ୍ତବ୍ୟ ଏହି ପ୍ରସଙ୍ଗରେ ଖୁବ୍ ପ୍ରଣିଧାନଯୋଗ୍ୟ। ଆଟ୍‌ଉଡ୍ କହିଲେ: ''ସଲ୍‌ମନ ରୁଶ୍‌ଦି ହିଁ ଦେଖେଇ ଦେଇଛନ୍ତି, ଯଦି 'ମୁକ୍ତ-ଅଭିବ୍ୟକ୍ତି'ର ସପକ୍ଷରେ ଆମେ ଠିଆ ନ ହେବା, ତେବେ ବିଭୀଷିକାମୟ ଜୀବନ ଭୋଗିବା ହେବ ମାନବଜାତିର ଏକମାତ୍ର ନିୟତି।'' ସାହିତ୍ୟରେ ୧୯୨୨ର ନୋବେଲ ପାଇଲେ ଫରାସୀ ଲେଖିକା ଆନି ଏର୍‌ନକ୍ସ, ଭାଷା-ଜାତି ଓ ଲିଙ୍ଗଭେଦର ବୈଷମ୍ୟ ବିପକ୍ଷରେ ଯାହାଙ୍କର ଲେଖନୀ ସଦା ଉଜାଗର। ରୁଶ୍‌ଦିଙ୍କୁ ଆମେ ନୋବେଲ ତ ଦେଲେ ନାହିଁ, କିନ୍ତୁ ଅତ୍ୟନ୍ତ ଲଜ୍ଜାର ବିଷୟ ଯେ, ନ୍ୟୁୟର୍କର ଏକ ସଭାରେ (୧୨ ଅଗଷ୍ଟ, ୨୦୨୨) ପାଟି ଖୋଲିବା ଆଗରୁ ଆମେ ତାଙ୍କୁ ପଛରୁ ଛୁରି ମାରିଲେ।

ତାରାଶଙ୍କରଙ୍କୁ ୧୯୭୧ରେ ଯେତେବେଳେ ନୋବେଲ ପୁରସ୍କାର ମିଳିଲା ନାହିଁ, ସେତେବେଳେ ତା'ର କାରଣ ଅନୁଧ୍ୟାନ କରାଯାଇ ଏକ ସର୍ବସମ୍ମତ ନିଷ୍କର୍ଷରେ ଭାରତୀୟ ବୁଦ୍ଧିଜୀବୀମାନେ ଉପନୀତ ହେଲେ ଯେ, ଏହି ପୁରସ୍କାରପ୍ରାପ୍ତିରେ ତାରାଶଙ୍କରଙ୍କ ପାଇଁ ପ୍ରଧାନ ବାଧକ ହେଲା- ତାଙ୍କ ସାହିତ୍ୟର ଉପଯୁକ୍ତ ଅନୁବାଦର ଅଭାବ। ତାରାଶଙ୍କର ଥିଲେ ତୃଣମୂଳସ୍ତରରେ ଲୋକେ ବ୍ୟବହାର କରୁଥିବା ଭାଷାର ଉପାସକ। ଏ ଭାଷାକୁ ଅବିକଳ ଜନ୍ମଦେବ ଇଂଲିଶ୍‌ରେ, କାହିଁ ସେ ଭାଷାର ସାଧନ? ତେବେ ଭାରତୀୟ ସାହିତ୍ୟର ପ୍ରାଣବନ୍ତ ସୃଷ୍ଟିସବୁକୁ ବିଶ୍ୱସ୍ତରରେ ବିଦିତ କରିବାରେ ଆମେ କ'ଣ ଏମିତି ସାମର୍ଥ୍ୟହୀନ ହୋଇ ରହିଥିବା? ଆସନ୍ତୁ, ଖୋଜିବା ଏହାର ସମାଧାନ ନବପ୍ରଜନ୍ମର ଲୁକ୍କାୟିତ ପ୍ରତିଭା ଭିତରେ!!





ମୋ: ୯୮୫୩୨୮୭୭୫୫



# ଲୋଡ଼ା ନୂଆ ଆଲ୍‌ଗୋରିଦମ୍

**ସୀମାହୀନ ସୋସିଆଲ ମିଡିଆ। ଆକଟ କରିବାକୁ ନାହିଁ ବଳିଷ୍ଠ ନୀତି। ଏହା ଦୁଇପାଖିଆ ଅସ୍ତ୍ର ପାଲଟିଛି। ଯିଏ ଯେମିତି ପାରିଲା ନିଜକୁ ସୁହାଇଲା ଭଳି ବ୍ୟବହାର କରିଚାଲିଛି। ଏହାକୁ ଅନାୟାସରେ ଲଗାଯାଇ ସଂସ୍ଥା ବା ବ୍ୟକ୍ତିକୁ କ୍ଷତାକ୍ତ ମଧ୍ୟ କରାଯାଉଛି। ଅନ୍ତର୍ଜାତୀୟସ୍ତରରେ ତଥ୍ୟ ରକ୍ଷାକାରୀ ଟାଗଡ଼ା ଆଇନ ଅଣାଯାଇ ନୂଆ ଆଲ୍‌ଗୋରିଦମ୍ ସୃଷ୍ଟି କରାଗଲେ ହୁଏତ ତାହା ନିୟନ୍ତ୍ରଣକୁ ଆସିପାରନ୍ତା। ଏହା ଉପରେ ଜିତେନ୍ଦ୍ର କୁମାର ନାୟକଙ୍କ ବିଶ୍ଳେଷଣ।**

କିଛିବର୍ଷ ତଳେ ସୋସିଆଲ ମିଡିଆରେ କବି ସୟଦ ଅହମ୍ମଦ ଜାଭେଦ ଜାଫ୍ରିଙ୍କ ଏକ କବିତା ଭାଇରାଲ ହୋଇଥିଲା। ସେଥିରେ ସେ ପଶୁପକ୍ଷୀ, ପନିପରିବା, ଫଳମୂଳ ଆଦି ଜିନିଷକୁ ଧର୍ମ ନାମରେ ଭାଗ କରିଦିଆଯାଉଥିବା ବିଷୟ ଉଲ୍ଲେଖ କରିଥିଲେ। ସବୁଜ ରଙ୍ଗ ମୁସଲମାନଙ୍କର ଓ ନାଲି ହିନ୍ଦୁଙ୍କ ସଙ୍କେତ ବୋଲି ଅଭିହିତ କରିଥିଲେ। ଗାଈ ହିନ୍ଦୁ ଓ ଛେଳି ମୁସଲମାନ, ନଡ଼ିଆ ହିନ୍ଦୁ ଓ ଖଜୁରି ମୁସଲମାନଙ୍କର ଫଳ ବୋଲି କହିଥିଲେ। ସମୟ ଏଭଳି ଆସିପାରେ, ଯେତେବେଳେ ସବୁ ସବୁଜ ପରିବା ମୁସଲମାନଙ୍କର ହୋଇଯିବ ଏବଂ କେବଳ ଗାଜର ଓ ବିଲାତି ହିନ୍ଦୁଙ୍କ ପାଖରେ ରହିଯିବ ବୋଲି କବିତାରେ ସ୍ଥାନିତ କରିଥିଲେ। କିନ୍ତୁ ବିଚରା ତରଭୁଜ କାହାର ହେବ ସେଥିନେଇ ଜଟିଳ ପ୍ରଶ୍ନ ଛିଡ଼ା କରାଇଥିଲେ। କାରଣ ତରଭୁଜର ଉପରଭାଗ ମୁସଲମାନ ଓ ଆଭ୍ୟନ୍ତରୀଣ ଅଂଶ ହିନ୍ଦୁଙ୍କର କି ବୋଲି ପ୍ରହେଳିକା ସୃଷ୍ଟି କରି ଜାଫ୍ରି ପ୍ରସଙ୍ଗକୁ ଆଲୋଚନା ସ୍ତରରେ ଛାଡ଼ି ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହା ବହୁଳ ପ୍ରସାରିତ ହୋଇଥିଲା। କେତେକେ ସାମ୍ପ୍ରତିକ ସ୍ଥିତିକୁ ଦେଖି କବିଙ୍କ ଠଉରେଇବା ପଣକୁ ପ୍ରଶଂସା କରିଥିବା ବେଳେ ଆଉ କେତେଜଣ କହିଥିଲେ ଏଭଳି ଲେଖା ବିଭାଜନକୁ ଉସୁକାଇଥାଏ। ଅନ୍ୟପକ୍ଷରେ ପୁରୁଣା ଗୀତ ''ସାରେ ଜହାଁ ସେ ଅଚ୍ଛା, ହିନ୍ଦୁସ୍ଥାନ ହମାରା' ଶୁଣିଲା ବେଳେ ତାହା ଭାରତୀୟଙ୍କୁ ଏକତା ସୂତ୍ରରେ ଆବଦ୍ଧ କରେ ବୋଲି କୁହାଯାଏ। ଏହି କବିତାରେ ହିନ୍ଦୁସ୍ଥାନ ଅବଶିଷ୍ଟ ବିଶ୍ୱଠାରୁ ଶ୍ରେଷ୍ଠ ବୋଲି ମହମ୍ମଦ ଇକ୍‌ବାଲ ଲେଖିଥିଲେ। ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବା ଲାଗି ତାଙ୍କର ଏହି ପଙ୍‌କ୍ତି ଦୁନିଆକୁ ସକାରାତ୍ମକ ସନ୍ଦେଶ ଦେଇଥାଏ। ସେହି ବାର୍ତ୍ତା ଅବଶ୍ୟ ପାରମ୍ପରିକ ଗଣମାଧ୍ୟମରେ ସେତେବେଳେ ପ୍ରଚାର ଓ ପ୍ରସାର ହୋଇଥିଲା। ଏବର ସ୍ଥିତି ଦେଖିଲେ ସୋସିଆଲ ମିଡିଆରେ ଯେଉଁ ପ୍ରସଙ୍ଗ ବାରମ୍ବାର ଆସେ, ତାହାକୁ ଟ୍ରେଣ୍ଡିଂ ଆଖ୍ୟା ଦିଆଯାଇଥାଏ। ଏବଂ ବିଶେଷକରି ଯୁବପିଢ଼ିଙ୍କୁ ତାହା ଆବିଷ୍ଟ କରେ। ତେବେ ବୁଦ୍ଧିଜୀବୀମାନେ ସେମାନଙ୍କ ତରିକାରେ ନୂଆ ସୂଚନା ଜାଣିବାକୁ ଚାହିଁଥାଆନ୍ତି ଓ ସ୍ଥଳବିଶେଷରେ ପରବର୍ତ୍ତୀ ପିଢ଼ିକୁ ପରାମର୍ଶ ଦେଇଥାଆନ୍ତି। ଆଜିର ସମୟରେ ପାରମ୍ପରିକ ଗଣମାଧ୍ୟମ ଅପେକ୍ଷା ସୋସିଆଲ ମିଡିଆ ଆଗରେ ରହୁଥିବାରୁ ସେଥିରେ ବିଷୟବସ୍ତୁ ମୁଖ୍ୟ ଆକର୍ଷଣ ପାଲଟିଥାଏ। ହେଲେ ସାମାଜିକ ଗଣମାଧ୍ୟମରେ ରୁଚି ରଖି ନିଜର ବ୍ୟକ୍ତିଗତ ତଥ୍ୟ ଦେଉଥିବା ୟୁଜର୍ସଙ୍କ ମଧ୍ୟରୁ ଅନେକେ ଡେଟା ହାଇଜାକ୍ (ତଥ୍ୟ ଅପହରଣ) ଯନ୍ତାରେ ପଡୁଛନ୍ତି।

ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ଦୁଇପାଖିଆ ଅସ୍ତ୍ର ଭଳି ପ୍ରତୀୟମାନ ହେଉଛି। ବାସ୍ତବରେ ସୋସିଆଲ ମିଡିଆ ଏପରି ଏକ ଯାନ, ଯାହା ଜରିଆରେ ପ୍ରେରିତ ବାର୍ତ୍ତା ଏକ ପ୍ରସଙ୍ଗକୁ ନେଇଯାଇଥାଏ। ତାହାକୁ ମାଧ୍ୟମ ବୋଲି ଧରି ନିଆଯାଉଥିବାରୁ ତାହାର ଅପବ୍ୟବହାର ଉପଯୋଗିତାକୁ ଟପିଯାଇଥିବା ଅନୁଭବ ହେଉଛି। ସାମାଜିକ ଗଣମାଧ୍ୟମର ଅନେକ ପ୍ଲାଟଫର୍ମ ଥିଲେ ମଧ୍ୟ 'ଫେସ୍‌ବୁକ୍' (ଏବେ ମେଟା) ଓ 'ଟ୍ୱିଟର'ର ଆଦୃତି ଅଧିକ। ତୁଳନାତ୍ମକ ଭାବେ ଦେଖିଲେ ଫେସ୍‌ବୁକରେ ସବୁ ବର୍ଗଙ୍କ ଉପସ୍ଥିତି ଥିବାବେଳେ ଟ୍ୱିଟର ଅପେକ୍ଷାକୃତ ସମ୍ଭ୍ରାନ୍ତ ଓ ଉଚ୍ଚଶିକ୍ଷିତଙ୍କ ଦ୍ୱାରା ବହୁଳ ବ୍ୟବହାର ହେଉଥିବା ଲକ୍ଷ୍ୟ କରାଯାଉଛି। ସାମ୍ପ୍ରତିକ ସମୟରେ ଉଭୟ ବିବାଦ ବଳୟରେ ରହିଛନ୍ତି।


ଫେସ୍‌ବୁକ୍‌ର ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କୁ ବ୍ରିଟେନଭିତ୍ତିକ ପରାମର୍ଶଦାତା ସଂସ୍ଥା କେମ୍ବ୍ରିଜ ଆନାଲିଟିକା ଦ୍ୱାରା ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାର ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇଥିବା ସଂକ୍ରାନ୍ତ ଦସ୍ତାବିଜ କେମ୍ବ୍ରିଜ ହାତରେ ଲାଗିବା ଓ ତାହାର ପ୍ରମାଣ ମିଳିବା ପରେ ମାର୍କ କ୍ଷମା ମାଗିଥିଲେ। କିନ୍ତୁ ପ୍ରିଭେସି ବା ମଣିଷର ଅନ୍ତରଙ୍ଗ ତଥ୍ୟ ଯେ ବିପଦରେ ରହିଛି, ତାହାକୁ ଅନେକେ ବିଶ୍ୱାସ କରୁନାହାନ୍ତି। ସମୟ ଏମିତି ହୋଇଛି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ବଳରେ ସେଗୁଡ଼ିକ ଅପହୃତ ହୋଇଯାଉଛି। ମଣିଷ ଉଠିବାଠାରୁ ଶୋଇବା ପର୍ଯ୍ୟନ୍ତ ତା'ର ସବୁ ପ୍ରକାର ପସନ୍ଦକୁ ଫେସ୍‌ବୁକ୍ ନିୟନ୍ତ୍ରଣ କରିବା ବେଶି ଦିନ ନାହିଁ। ଏହି ପ୍ଲାଟଫର୍ମରେ ଅତ୍ୟଧିକ ପର୍ସନାଲ ଡେଟା ଖୁନ୍ଦି ଦିଆଯାଇଥିବାରୁ ମଣିଷ ନିଜେ ନିଜ କାରସାଦିର ଶିକାର ହେଉଛି। ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି କ'ଣ ଖାଇବାକୁ ପସନ୍ଦ କରନ୍ତି, କେଉଁ କମ୍ପାନୀର ପୋଷାକପ୍ରିୟ, କେଉଁ ଯାନ ପ୍ରତି ଆସକ୍ତି ରହିଛି, ସେ କେଉଁ ଧର୍ମ ଓ ବିଚାରଧାରାକୁ ଗ୍ରହଣ କରନ୍ତି ଏବଂ ସର୍ବୋପରେ କେଉଁ ରାଜନୈତିକ ଦଳ ପ୍ରତି ତାଙ୍କର ସମ୍ବନ୍ଧ ରହିଛି ; ସେସବୁ ବିଷୟରେ ଜାଣିବା ଲାଗି ତଥ୍ୟଲୋଭୀମାନେ ଅନାଇ ରହୁଛନ୍ତି। ସୁଯୋଗ ମିଳିବା ପରେ ତାହାକୁ (ଅପ)ବ୍ୟବହାର କରୁଛନ୍ତି। ରାଜନୈତିକ ଦୁନିଆ ସହ ସଂଶ୍ଳିଷ୍ଟ ବ୍ୟକ୍ତି ବିଗ୍ ଡେଟା ଉପରେ ଭରସା କରୁଛନ୍ତି। ଗୋଟେ ଫିଜିକାଲ ରାଲି ଆୟୋଜନ କରିବାରେ ଅର୍ଥ ସହ ଶ୍ରମଦାନ ରହୁଥିବାରୁ ବୃହତ୍ ଭୋଟରଙ୍କ ପାଖରେ ପହଞ୍ଚିବା ସକାଶେ ସେମାନେ ସୋସିଆଲ ମିଡିଆକୁ ଅନିଷା କରୁଛନ୍ତି। ନିଶ୍ଚିତ ଭାବେ ଏହା ଉତ୍ସାହପ୍ରଦ। ଲୋକଙ୍କୁ ସୂଚନା (ଇନ୍‌ଫର୍ମେଶନ) ଦେବା ସହିତ ପୂରା କାମରେ ଲଗାଇ (ଏନ୍‌ଗେଜ୍) ରଖୁଛନ୍ତି। କିନ୍ତୁ ସାମାଜିକ ଗଣମାଧ୍ୟମରେ 'ଫେକ୍ ନ୍ୟୁଜ୍' ବା ମିଥ୍ୟା ଖବରର ବନ୍ୟା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି। ପାରମ୍ପରିକ ଗଣମାଧ୍ୟମ ଭଳି ଏହା ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ରଖାଯାଇପାରୁ ନ ଥିବାରୁ ଆଗାମୀ ଦିନରେ ସ୍ଥିତି ଅଣାୟତ୍ତ ହେବା ଆଶଙ୍କା ସୃଷ୍ଟି ହେଲାଣି।



ଫେସବୁକ୍ କଳେବର ବୃଦ୍ଧି ପାଇ 'ମେଟାଭର୍ସ' ରୂପ ନେଇଛି। ମେଟା ଅର୍ଥ 'ବିୟଣ୍ଡ' ବା ଊର୍ଦ୍ଧ୍ୱ ଏବଂ 'ଭର୍ସ' ୟୁନିଭର୍ସ ବା ବିଶ୍ୱକୁ ବୁଝାଇଥାଏ। ଅଧିକ ବ୍ୟାଖ୍ୟା କଲେ ବିଶ୍ୱବାହାରେ ଏହାର ପହଞ୍ଚ ରହିଥିବା ଦର୍ଶାଉଛି। ମଣିଷ ଏମିତି ଏକ ଭର୍ଚୁଆଲ ବିଶ୍ୱରେ ବାସ କରିବାକୁ ଯାଉଛି, ଯେଉଁଥିରେ ହାତପାହାନ୍ତାରେ ବିଶ୍ୱର ପ୍ରତ୍ୟେକ ବସ୍ତୁ ଓ ବାୟବୀୟ ଅବସ୍ଥାର ଫିଜିକାଲ ଉପସ୍ଥିତି ରହିଥିବା ଅନୁଭବ କରିପାରିବ। 'ମେଟାଭର୍ସ' ସେଭଳି ଏକ ପ୍ରଯୁକ୍ତିକୁ ନେଇ ଆଗକୁ ବଢୁଛି। ଏଭଳି ଅନୁଭୂତିର ରୋମାଞ୍ଚ ମଣିଷକୁ ବିଜ୍ଞାନର ଏକ ନୂଆ ସୋପାନରେ ହାଜର କରାଉଥିଲେ ହେଁ ଏହାର ନକାରାତ୍ମକ ଦିଗ ପ୍ରତି ଆଖିବୁଜି ଦିଆଯାଇ ନ ପାରେ। ପ୍ରଯୁକ୍ତି ସଂଲଗ୍ନ ମଞ୍ଚ ମଣିଷର ସୃଜନଶୀଳତା ଆଗରେ ଚ୍ୟାଲେଞ୍ଜ ଭଳି ଉଭା ହେଲାଣି। କୋଭିଡ୍ ମହାମାରୀ ସମୟରୁ ବିଶ୍ୱବାସୀ ହାଇବ୍ରିଡ୍ (ଉଭୟ ଫିଜିକାଲ ଓ ଭର୍ଚୁଆଲ) ମୋଡ୍ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ସେହି ଦୃଷ୍ଟିରୁ ମେଟା ଭଳି ପରିକଳ୍ପନା ମଣିଷର ମସ୍ତିଷ୍କକୁ ସମ୍ପୂର୍ଣ୍ଣ ଆବୋରି ନ ଯାଇ ଚିନ୍ତାଶକ୍ତି ବୃଦ୍ଧି ଲାଗି ସ୍ଥାନ ଛାଡ଼ିଦେଉ।

ଏକଦା ଜ୍ୟାକ୍ ଡୋର୍ସିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଟ୍ୱିଟର' ଏବେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ହାତକୁ ଚାଲିଯାଇଛି। ଏହି ମାଇକ୍ରୋବ୍ଲଗିଂ ସାଇଟ୍‌କୁ ୪୪ ବିଲିୟନ ଡଲାରରେ ଅଧିଗ୍ରହଣ କରିବା ପରେ ସେ ଏଥିରେ ଅନେକ ପରିବର୍ତ୍ତନ ଆଣିଲେଣି। କିନ୍ତୁ ପରିବର୍ତ୍ତନସବୁ ବିବାଦମୁହାଁ ହୋଇଛି। ତାଙ୍କର ଅତ୍ୟଧିକ ହସ୍ତକ୍ଷେପ 'ଟ୍ୱିଟର'କୁ ରୁଗ୍ଣ କମ୍ପାନୀରେ ପରିଣତ କରିଦେଇଛି। ଯେହେତୁ ସେ ଅପର୍ଯ୍ୟାପ୍ତ ଅର୍ଥ ଦେଇ ତାହାକୁ କିଣି ନେଇଛନ୍ତି, ସେହେତୁ ମୂଳ ସହ ଲାଭ ଫେରିପାଇବା ପାଇଁ ଚେଷ୍ଟା କରୁଛନ୍ତି। ସେଥିମଧ୍ୟରୁ 'ବ୍ଲୁ ଟିକ୍' ପାଇଁ ବ୍ୟବହାରକାରୀଙ୍କ ଉପରେ ଚାର୍ଜ ବସାଇବା ବିଷୟ ମସ୍କ ଘୋଷଣା କରିବା ପରେ ବିବାଦୀୟ ସ୍ଥିତି ଉପୁଜିଥିଲା। ଇତିମଧ୍ୟରେ ମସ୍କ ତାଙ୍କ ମୁଖ୍ୟାଳୟରେ ଥିବା ୫୦ ପ୍ରତିଶତ କର୍ମଚାରୀଙ୍କୁ ବିଦା କରିଦେଇଥିବା ବେଳେ ଟ୍ୱିଟର ଇଣ୍ଡିଆର ୯୦ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରିସାରିଲେଣି। ଏପରି କି ୧୮ ନଭେମ୍ବର ୨୦୨୨ରେ ମସ୍କ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ କଠୋର ସର୍ତ୍ତ ରଖିବାର ଦିନକ ପରେ ଅନେକ ଶହ କର୍ମଚାରୀ ଟ୍ୱିଟରରୁ ଇସ୍ତଫା ଦେଇସାରିଲେଣି। ଟ୍ୱିଟରର ନୂଆ ନୀତିରେ ସେ 'ବାକ୍ ସ୍ୱାଧୀନତା' ଉପରେ ଗୁରୁତ୍ୱ ଦେଇଥିବା ବେଳେ 'ପହଞ୍ଚର ସ୍ୱାଧୀନତା'କୁ ସଙ୍କୁଚିତ କରିଦେଇଛନ୍ତି। ଏ ବିଷୟରେ ବିଶେଷ ଆଲୋଚନା ହୋଇ ନ ଥିଲେ ମଧ୍ୟ କୁହାଯାଉଛି ଯେ ଟ୍ୱିଟର ଚାହିଁଲେ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟ କେତେ ବାଟ ଯିବ ବା କେଉଁ ପରିଧି ମଧ୍ୟରେ ସୀମିତ ରହିବ ତାହା ସ୍ଥିର କରିପାରିବ। କମ୍ପାନୀ ତା'ର ସ୍ଥାୟୀ କାର୍ଯ୍ୟାଳୟକୁ ବିଶ୍ୱବ୍ୟାପୀ ସଙ୍କୁଚିତ କରିଦେଉଥିବା ମଧ୍ୟ ଦେଖାଗଲାଣି। ତେବେ ନକାରାତ୍ମକ ଓ ଘୃଣା ସୃଷ୍ଟିକାରୀ ଟୁଇଟ୍‌କୁ କମ୍ପାନୀ ହତୋତ୍ସାହିତ କରିବ ବୋଲି କହିବା କେତେ ଦୂର କାର୍ଯ୍ୟକାରୀ ହେବ ତାହା ଉପରେ ସମସ୍ତଙ୍କ ନଜର।

ଦେଖିବାକୁ ମିଳିଛି ଆମେରିକା ସମେତ ବିଶ୍ୱ ରାଜନୀତିରେ ଟ୍ୱିଟର ବ୍ୟବହାରର ସଫଳ ପ୍ରୟୋଗ ସକାଶେ ନେତାମାନେ ପାଗ ଭିଡ଼ିଥାଆନ୍ତି। ଏହି ପରିପ୍ରେକ୍ଷୀରେ ୮ ନଭେମ୍ବର ୨୦୨୨ରେ ଆମେରିକାର ମିଡ୍‌ଟର୍ମ ନିର୍ବାଚନ ପୂର୍ବରୁ ମସ୍କ ରିପବ୍ଲିକାନ୍‌ମାନଙ୍କୁ ସମର୍ଥନ କରିବା ଆହ୍ୱାନ ଦେଇ ବିତର୍କିତ ହୋଇଛନ୍ତି। ଇତିମଧ୍ୟରେ ମସ୍କ ପୂର୍ବତନ



ମାର୍କ ଜୁକରବର୍ଗ

ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପଙ୍କ ଟ୍ୱିଟର ଆକାଉଣ୍ଟକୁ ପୁନଃ ଅବସ୍ଥାପିତ କରିଛନ୍ତି। ଏଥିସକାଶେ ସେ ଅନ୍‌ଲାଇନ୍‌ରେ ଜନମତ ଲୋଡ଼ିଥିଲେ। ସେଥିରେ ୫୧.୮ ପ୍ରତିଶତ ୟୁଜର୍ସ ଟ୍ରମ୍ପଙ୍କୁ ଟ୍ୱିଟର ବଳୟକୁ ଫେରାଇ ଆଣିବା ସପକ୍ଷରେ ମତ ଦେଇଥିଲେ। ପ୍ରକାଶଯୋଗ୍ୟ ଯେ, ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ୍ ହିଲ୍ ଦଙ୍ଗାରେ ଟ୍ରମ୍ପଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ଟ୍ୱିଟରର ତତ୍କାଳୀନ ମ୍ୟାନେଜମେଣ୍ଟ ତାଙ୍କ ଆକାଉଣ୍ଟକୁ ସବୁଦିନ ପାଇଁ ବନ୍ଦ କରିଦେଇଥିଲା। ଜଣେ ବ୍ୟକ୍ତି ଘୃଣା ମନ୍ତବ୍ୟ ଓ ଉତ୍ତେଜନା ସୃଷ୍ଟିକାରୀ ବିବୃତି ପୋଷ୍ଟ କଲେ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଆଜୀବନ ବାସନ୍ଦ କରିବା ପାଇଁ ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା, ଯାହାକୁ ନେଇ ବିଶ୍ୱବ୍ୟାପୀ ବିତର୍କ ହୋଇଥିଲା। ଏବେ ଟ୍ରମ୍ପଙ୍କୁ ମସ୍କ ଫେରାଇ ଆଣିବା କେତେ ସମୀଚୀନ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କଲେଣି। ତେବେ ନିଜ ସପକ୍ଷରେ ମତଦାନର ବ୍ୟବହାର ସ୍ୱଳ୍ପ ଥିବାରୁ ଟ୍ୱିଟରକୁ ଫେରାଇ ଆଣିବା ପାଇଁ ଆଗ୍ରହ ନାହିଁ ବୋଲି ନଭେମ୍ବର ୨୦ରେ ଏକ ଭିଡିଓ ଜାରିକରି ଟ୍ରମ୍ପ କହିଛନ୍ତି।

ରାଜନୀତିରେ ଟ୍ୱିଟର ବ୍ୟବହାର ନୂଆ କଥା ନୁହେଁ। ଏହା ମତ ବିନିମୟର ମଞ୍ଚ ହୋଇଥିବାରୁ ତାହାକୁ ବ୍ୟବହାର କରିବାରେ ବାରଣ ନାହିଁ। କିନ୍ତୁ ମାଲିକ ନିଜେ ପଲିଟିକାଲ କ୍ୟାମ୍ପେନ୍‌ରେ ସମ୍ପୃକ୍ତ ହୋଇ ଗୋଟିଏ ରାଜନୈତିକ ଦଳକୁ ସମର୍ଥନ କରିବାକୁ ଖୋଲା ଆହ୍ୱାନ ଦେବା ଏବଂ ଟ୍ୱିଟର ଅଧିଗ୍ରହଣର କିଛି ସପ୍ତାହ ପରେ ଟ୍ରମ୍ପଙ୍କ ଭଳି ବିବାଦୀୟ ବ୍ୟକ୍ତିତ୍ୱଙ୍କୁ ପୁଣି ସୁଯୋଗ ଦେଇଥିବାରୁ ଏହି ସାଇଟ୍ ଗୁରୁତ୍ୱ ହରାଉଥିବା ଦିଶୁଛି। ଅନ୍ୟପକ୍ଷରେ ମସ୍କ ଟ୍ୱିଟରର ମାଲିକ ହେବା ପରେ ଜର୍ମାନ ଟେକ୍ନୋକ୍ରାଟ୍ ୟୁଗେନ୍ ରୋଚକୋଙ୍କ ଦ୍ୱାରା ସୃଷ୍ଟ 'ମାଷ୍ଟୋଡୋନ୍' ଏବଂ ଭାରତର ଅପ୍ରମେୟ ରାଧାକ୍ରିଷ୍ଣନ୍‌ଙ୍କ 'କୂ' ଆପ୍ ମାଇକ୍ରୋବ୍ଲଗିଂ ସାଇଟ୍‌ରେ ଏହାର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେଉଥିବା ଆଲୋଚନା ହେଲାଣି।

ଆଜିର ଅତ୍ୟାଧୁନିକ ଯୁଗରେ 'ଡେଟା ଇଜ୍ ଦି ନ୍ୟୁ ଅଏଲ୍' ବା






ଏଲନ୍ ମସ୍କ

'ତଥ୍ୟ ହେଉଛି ନୂଆ ଇନ୍ଧନ'। ତେଣୁ ମସ୍କ ଓ ମାର୍କଙ୍କ ଭଳି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ହାତରେ ଗୋଟେଗୋଟେ ସାମାଜିକ ପ୍ଲାଟଫର୍ମର ସମ୍ପୂର୍ଣ୍ଣ ମାଲିକାନା ରହିଯାଉଥିବାରୁ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନିଆଯାଇ ବ୍ୟବସାୟିକ ଓ ରାଜନୈତିକ ଉଦ୍ଦେଶ୍ୟରେ ସହଜରେ ତଥ୍ୟାବଳୀ (ଡେଟାବେସ୍) ପ୍ରସ୍ତୁତ ହୋଇଯାଉଛି। ତାହା ପ୍ରିଭେସି ପାଇଁ ମଧ୍ୟ ବିରାଟ ବିପଦ। ସାମାଜିକ ଗଣମାଧ୍ୟମ ଆସିବା ପରେ ଯେଉଁମାନଙ୍କର 'ପବ୍ଲିକ୍ ଭଏସ୍' ନ ଥିଲା, ସେମାନେ ନିଜ ମତ ରଖିବାକୁ ସୁଯୋଗ ପାଇଛନ୍ତି। ହେଲେ ଏହାକୁ ଅପବ୍ୟବହାରର ହତିଆର କରିଦେଲେ ଗଣତନ୍ତ୍ରକୁ କ୍ଷତି ପହଞ୍ଚିବ। ବିଜ୍ଞାନର ଅଗ୍ରଗତି ଓ ପ୍ରଯୁକ୍ତିର ପ୍ରାବଲ୍ୟ ମଣିଷ ଜୀବନକୁ ସହଜ ଓ ସୁଗମ କରିଦେଉଥିବାରୁ ଏହାକୁ ଉପେକ୍ଷା କରାଯାଇପାରିବ ନାହିଁ। ସୋସିଆଲ ମିଡିଆ ସମାଲୋଚନାର ଶିକାର ହେଉଥିଲେ ମଧ୍ୟ ତା'ର ବେଗକୁ ବାଧାଦେଲେ ବର୍ତ୍ତମାନ ପିଢ଼ିର ଗତି ପଶ୍ଚାତ୍‌ପଦ ହେବ। ସେଥିପାଇଁ ଏହି ପ୍ରଯୁକ୍ତିସଂଲଗ୍ନ ମଞ୍ଚ ପ୍ରତି ନକାରାତ୍ମକ ଦୃଷ୍ଟିକ୍ଷେପ କରିବା ପରିବର୍ତ୍ତେ ଏହାର ହିତଧାରକ ବା ବ୍ୟବହାରକାରୀଙ୍କ ଚରିତ୍ରରେ ପରିବର୍ତ୍ତନ ଅଣାଯିବା ଦରକାର। ଦେଖାଯାଉଛି ଜଣେ କର୍ମତତ୍ପର ତଥା କାର୍ଯ୍ୟପ୍ରତି ଆନ୍ତରିକତା ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କୁ କ୍ଷତାକ୍ତ କରିବାକୁ ହେଲେ ମାରଣାସ୍ତ୍ର ପରିବର୍ତ୍ତେ ସୋସିଆଲ ମିଡିଆ ଲଗାଇ ଦିଆଯାଉଛି। ତା' ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ କ୍ଷତ ଶୁଖିବାକୁ ଦିଆଯାଉନାହିଁ, ଯେ ପର୍ଯ୍ୟନ୍ତ ତାଙ୍କ ସମ୍ମାନ ସମ୍ପୂର୍ଣ୍ଣ ଭୂଲୁଣ୍ଠିତ ନ ହେଉଛି। ପ୍ରକୃତରେ ଯିଏ ଭୁଲ୍ କାର୍ଯ୍ୟ କରୁଛନ୍ତି ଓ ତାଙ୍କ ବିଷୟରେ ଠିକ୍ ପ୍ରମାଣ ମିଳିପାରୁଛି, ସମାଜକୁ ଗୋଟେ ବାର୍ତ୍ତା ଦେବା ସକାଶେ ସୋସିଆଲ ମିଡିଆରେ ତାଙ୍କୁ ସମାଲୋଚନା କରାଯାଇପାରେ; କିନ୍ତୁ ରାଗ ଶୁଖାଇବା ଉଦ୍ଦେଶ୍ୟ ରହିଲେ ତାହା ବିପର୍ଯ୍ୟୟ ଆଣିବ।

ସୋସିଆଲ ମିଡିଆର ଅପବ୍ୟବହାରକାରୀ, ଅସତ୍ୟ ଖବର ପ୍ରେରଣକାରୀ ଓ ସର୍ବୋପରେ ଏହାର ପୃଷ୍ଠପୋଷକ ତଥା ପରିଚାଳନାକାରୀଙ୍କ ଘଡ଼ିକେ ଘୋଡ଼ା ଛୁଟିଲା ଭଳି ନିୟମ ଓ ଆଭିମୁଖ୍ୟ ଯୋଗୁ 'ନ୍ୟୁ ଏଜ୍'ର ଏହି ସାମାଜିକ ମଞ୍ଚ ଅନ୍ୱେଷଣକାରୀଙ୍କ ପାଇଁ ସୁଯୋଗ ଆଣିବା ବଦଳରେ ଦୁର୍ଯୋଗର ପସରା ମେଲାଇ ଦେଉଛି। ଏବେ ଭାରତ ସରକାର ପ୍ରସ୍ତାବିତ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ (ଡିପିଡିପି) ବିଲ୍-୨୦୨୨ ଆଣୁଛନ୍ତି। ଏଥିରେ ବ୍ୟକ୍ତି ହୁଅନ୍ତୁ ବା ସଂସ୍ଥା ତଥ୍ୟର ଦୁରୁପଯୋଗ କଲେ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବାର ବ୍ୟବସ୍ଥା ରଖାଯାଇଛି। କିନ୍ତୁ ଏହା ଆଇନରେ ପରିଣତ ହୋଇ କେବେ ଓ କେତେଦୂର କାର୍ଯ୍ୟକାରୀ ହୋଇପାରିବ, ତାହା ପ୍ରଶ୍ନ ସୃଷ୍ଟି କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ବହୁଳ ପ୍ରସାରିତ ସୋସିଆଲ ମିଡିଆ ପରିଚାଳନାର ଚାବି ଦେଶ ବାହାରେ ରହୁଥିବାରୁ ଡେଟା ସୁରକ୍ଷା ଏବଂ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏତେ ସହଜ ନୁହେଁ। ଅତଏବ ଅନ୍ତର୍ଜାତୀୟସ୍ତରରେ ତଥ୍ୟ ରକ୍ଷାକାରୀ ଟାଗଡ଼ା ଆଇନ ଅଣାଯାଇ ନୂଆ ଆଲଗୋରିଦମ୍ (କମ୍ପ୍ୟୁଟର ମାଧ୍ୟମରେ ଗଣନା କାର୍ଯ୍ୟ ଲାଗି ଅନୁସରଣ କରାଯାଉଥିବା ଗାଣିତିକ ସୂତ୍ରସମୂହ) ସୃଷ୍ଟି କରାଯାଇପାରିଲେ ସାମାଜିକ ମଞ୍ଚରେ ମେଟା (ବିନାମୂଲ୍ୟରେ ଉପଲବ୍ଧ ହେଉଥିବା ବାର୍ତ୍ତା ପ୍ରେରଣ ଓ ଭିଡିଓ କଲିଂ ଆପ୍-ହ୍ୱାଟ୍ସଆପ୍ ମଧ୍ୟ ଅନ୍ତର୍ଭୁକ୍ତ) ଏବଂ ଟ୍ୱିଟରର ପ୍ରଦର୍ଶନ ସ୍ୱଚ୍ଛତାମୁଖୀ ହୋଇପାରନ୍ତା।

# ଓଡ଼ିଆ ସିନେମାର ନୂଆ ଯୁଗ




ଓଡ଼ିଆ ଚଳଚ୍ଚିତ୍ର ଉପରେ ଗତ କିଛିବର୍ଷ ଧରି ବେଶ୍ ବିଚାର ବିମର୍ଷ ଜାରି ରହିଛି। ଏହାର ଭବିଷ୍ୟତ ଉପରେ ଅନେକେ ପ୍ରଶ୍ନବାଚୀ ଲଗାଉଛନ୍ତି। କାରଣ ହେଉଛି ଓଡ଼ିଆ ସିନେମା ଆଉ ଚାଲୁନାହିଁ ଏବଂ ଦର୍ଶକମାନେ ଏଥିରୁ ମୁହଁ ଫେରାଇ ନେଲେଣି। ହେଲେ ନିକଟରେ ଓଡ଼ିଆ ଫିଲ୍ମ 'ଦମନ' ମୁକ୍ତିଲାଭ କରି ଦର୍ଶକାଦୃତ ହେବା ପରେ ଏଭଳି ଅନେକ ପ୍ରଶ୍ନବାଚୀ ଉପରେ ପୂର୍ଣ୍ଣଚ୍ଛେଦ ଟାଣିଛି। ପ୍ରାୟ ଗତ ଏକ ଦଶନ୍ଧି ଧରି ଓଡ଼ିଆ ସିନେମା ନିର୍ମାଣ ଧାରା ବୃଦ୍ଧି ପାଉଛି-ଏକଥା ସତ, ହେଲେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଚଳଚ୍ଚିତ୍ର ସଂଖ୍ୟା ମାତ୍ର ହାତଗଣତି। ଗତ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ଧରି କରୋନା ପାଇଁ ମନୋରଞ୍ଜନ ଜଗତ ପ୍ରଭାବିତ ହୋଇଥିଲା। ଏବେ ପୁଣି ଥରେ ଏହି ଜଗତ ଚଳଚଞ୍ଚଳ ହୋଇଉଠିଛି।

ସିନେମାଟିଏ ନିର୍ମାଣ କରିବା ସମୟରେ ଅନେକ ଦିଗ ପ୍ରତି ନଜର ଦେବାକୁ ପଡ଼ିଥାଏ। ବିଶେଷଭାବରେ କାହାଣୀ, କଳାକାର ଚୟନ, ସଙ୍ଗୀତ ଏବଂ ଉପସ୍ଥାପନା ପ୍ରତି ଠିକ୍ ଭାବରେ ଦୃଷ୍ଟିଦେଲେ ଫିଲ୍ମଟି ଦର୍ଶକଙ୍କୁ ଆକର୍ଷିତ କରିଥାଏ। ହେଲେ ଗତ କିଛି ବର୍ଷ ଧରି ଓଡ଼ିଆ ସିନେମାରେ ଏଭଳି ଧାରା ପ୍ରାୟ ଦେଖିବାକୁ ମିଳିନାହିଁ। ଫଳରେ ସଂଖ୍ୟାଧିକ ସିନେମା ଫ୍ଲପ୍ ହୋଇଛି। ଦର୍ଶକ ସିନେମା ଦେଖିବାକୁ ପ୍ରେକ୍ଷାଳୟ ମୁହାଁ ହେଉନାହାନ୍ତି। ଦିନ ଥିଲା ପ୍ରଯୋଜକ, ନିର୍ଦ୍ଦେଶକ ଏବଂ କଳାକାରଙ୍କ ପେସାଦାର ମନୋବୃତ୍ତି ଲାଗି ଅନେକ ଓଡ଼ିଆ ଫିଲ୍ମ ହିଟ୍ ପର୍ଯ୍ୟାୟଭୁକ୍ତ ହେଉଥିଲା। ହେଲେ ପରବର୍ତ୍ତୀ ସମୟରେ ଅଭିଜ୍ଞତା ନ ଥାଇ ସିନେମା ନିର୍ମାଣ, ନିର୍ଦ୍ଦେଶନା ଏବଂ ଅଭିନୟ ଯୋଗୁ ତାହା ଦର୍ଶକଙ୍କ ମନକୁ ଛୁଇଁ ପାରୁନାହିଁ।

ଗତ ୪-୫ବର୍ଷ ଭିତରେ ଅନେକ ସିନେମା ପରଦା ଉପରକୁ ଆସିଛି। ହେଲେ ସେଗୁଡ଼ିକ ମଧ୍ୟରେ ହାତଗଣତି କେତୋଟି ଫିଲ୍ମ ଦର୍ଶକଙ୍କୁ କିଛି ମାତ୍ରାରେ ପ୍ରଭାବିତ କରିଛି। ଆଉ କେତେକ ସିନେମା ଫିଲ୍ମ ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି।

**ଚର୍ଚ୍ଚାରେ ଦମନ୍ :** କଥାରେ ଅଛି-ମାନବ ସେବା ହିଁ ମାଧବ ସେବା। ସାଧାରଣତଃ ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ବୋଲି ସମ୍ବୋଧନ କରାଯାଇଥାଏ। ଜଣେ ଡାକ୍ତରଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ଦମନ' ଚଳିତ ମାସ ୪ ତାରିଖରେ କେବଳ ଓଡ଼ିଶା ସମେତ କେତେକ ରାଜ୍ୟରେ ମୁକ୍ତିଲାଭ କରି ସାଉଁଟି ଚାଲିଛି ଆଶାତୀତ ସଫଳତା। ଏପରି କି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବା ପରେ ଏହାକୁ ହିନ୍ଦୀ ଏବଂ ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମାଣ କରିବାକୁ ଯାଉଛନ୍ତି ଏହାର ପ୍ରଯୋଜକ ଦୀପେନ୍ଦ୍ର ସାମଲ। ଏହି ଫିଲ୍ମରେ ଡାକ୍ତର ଭୂମିକାରେ ଅଭିନୟ କରିଛନ୍ତି ଓଲିଉଡ୍ ଷ୍ଟାର ବାବୁସାନ୍। ଦୁର୍ଗମ ଅଞ୍ଚଳରେ କେତେକ ରୋଗକୁ ନେଇ ସେଠାକାର ଲୋକଙ୍କ ମନରେ ଭିନ୍ନ ଭିନ୍ନ ଅନ୍ଧବିଶ୍ୱାସ ରହିଛି। ଠିକ୍ ସେହିପରି ଏକ ଉପାନ୍ତ ଅଞ୍ଚଳରେ ମ୍ୟାଲେରିଆ ନିଜର କାୟା ବିସ୍ତାର କରିଛି। ସଦ୍ୟ ଡାକ୍ତରୀ ପାଠ ଶେଷ ପରେ ଜଣେ ନୂଆ ଡାକ୍ତର ସେଠାକୁ ଚାକିରି କରିବାକୁ ଯାଇଛନ୍ତି। ସେଠାକାର ଅବସ୍ଥା ଦେଖି ଅକ୍ଳାନ୍ତ ପରିଶ୍ରମ ବଳରେ ସେହି ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କରିବାରେ ସେ କିପରି ସକ୍ଷମ ହେଉଛନ୍ତି ତାହା ଏହି ସିନେମାରେ ପ୍ରତିଫଳିତ ହୋଇଛି। ମାଲକାନଗିରିର ଏକ ଦୁର୍ଗମ ଅଞ୍ଚଳରେ ଡାକ୍ତର ଭାବରେ କାର୍ଯ୍ୟରତ ଡା. ଓମ୍କାର ହୋତାଙ୍କ ବାସ୍ତବ ଜୀବନୀକୁ ନେଇ ଏହାକୁ ନିର୍ମାଣ କରାଯାଇଛି। ୧୨୧ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ଦେବୀ ପ୍ରସାଦ ଲେଙ୍କା ଏବଂ ବିଶାଳ ମୌର୍ଯ୍ୟ। ଫିଲ୍ମଟିର ଉପସ୍ଥାପନା ଏବଂ ବାବୁସାନ୍ଙ୍କର ନିଖୁଣ ଅଭିନୟ ଏହାକୁ ଦର୍ଶକାଦୃତ କରିବାରେ ସକ୍ଷମ ହୋଇଛି। ବେଶ୍ କିଛି ବର୍ଷ ପରେ ଓଡ଼ିଆ ସିନେମାଟିଏ ପ୍ରେକ୍ଷାଳୟରେ କିଛି ସପ୍ତାହ ଧରି ପ୍ରଦର୍ଶିତ ହେବା ସହ ଏହାକୁ ଦେଖିବାକୁ ଦିନକୁ ଦିନ ଲୋକଙ୍କ ମନରେ ଆଗ୍ରହ ବୃଦ୍ଧି ପାଉଛି। ଖାସ୍ କଥା ହେଲା, ରାଜ୍ୟ ସରକାର ଏହି ଫିଲ୍ମଟିକୁ ଟ୍ୟାକ୍ସ ଫ୍ରି ଘୋଷଣା କରିଛନ୍ତି।

**ଗତକିଛି ବର୍ଷ ହେବ ଓଡ଼ିଆ ସିନେମା ଦର୍ଶକଙ୍କୁ ସେଭଳି ଆକୃଷ୍ଟ କରିପାରି ନାହିଁ। ଅନ୍ୟ ଭାଷାର ସିନେମାରୁ ନକଲ କରିବା ଏଠାରେ ଏକ ଧାରାରେ ପରିଣତ ହୋଇଯାଇଛି। କିନ୍ତୁ ନିକଟରେ ପରଦା ଉପରକୁ ଆସିଥିବା 'ଦମନ' ଏକ ଭିନ୍ନ ବାଟ ଦେଖାଇଛି, ଆଣିଛି ଓଡ଼ିଆ ସିନେମାରେ ନୂଆ ଯୁଗ। ନିଛକ ଓଡ଼ିଆ କାହାଣୀକୁ ନେଇ ଏବେ ଚିତ୍ର ନିର୍ମାଣ ଲାଗି ପ୍ରଯୋଜକମାନେ ମନ ବଳାଇଲେଣି...**



'ଦମନ' ଚଳଚ୍ଚିତ୍ରରେ ବାବୁସାନ୍



'ଲଗାମ୍' ଚଳଚ୍ଚିତ୍ରରେ ତମନ୍ନା-ଅମ୍ଲାନ

ଏହି ସିନେମାଟି ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଯେତେବେଳେ ଓଡ଼ିଆ ସିନେମା ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିଲା, ଠିକ୍ ସେତିକି ବେଳେ 'ଦମନ' ଲୋକପ୍ରିୟତା ଅର୍ଜନ କରିବା ଇଣ୍ଡଷ୍ଟ୍ରି ପାଇଁ ନିଶ୍ଚୟ ଶୁଭ ସୂଚନା। ଯଦି ଭବିଷ୍ୟତରେ ଏଭଳି ନିଛକ ଓଡ଼ିଆ କାହାଣୀକୁ ନେଇ ସିନେମା ନିର୍ମାଣ କରାଯାଏ, ତେବେ ତାହା ପୁଣି ଥରେ ଦର୍ଶକଙ୍କୁ ପ୍ରେକ୍ଷାଳୟକୁ ଫେରାଇ ଆଣିବାରେ ସକ୍ଷମ ହେବ ବୋଲି ଆଶା ଦୃଢ଼ୀଭୂତ ହୋଇଛି।

**ଏଡିୟୁ ଗୋଦାର :** ମଫସଲ ଅଞ୍ଚଳରେ ଏକ ଛୋଟ ଗାଁରେ ରହୁଥିବା ଜଣେ ବୃଦ୍ଧଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଏଡିୟୁ ଗୋଦାର'। ବୃଦ୍ଧ ବୟସରେ ସାଙ୍ଗମାନଙ୍କ ସହ ମିଶି ପର୍ଣ୍ଣ ଫିଲ୍ମ ଦେଖିବା ତାଙ୍କର ଅଭ୍ୟାସ। ହେଲେ ଗୋଟିଏ ସିନେମା କିପରି ତାଙ୍କ ଜୀବନକୁ ପରିବର୍ତ୍ତନ କରିଦେଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ଏଥିରେ ବୃଦ୍ଧ ଭୂମିକାରେ ବିଶିଷ୍ଟ ଅଭିନେତା ଚୌଧୁରୀ ବିକାଶ ଦାସଙ୍କ ଅଭିନୟକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ଓଡ଼ିଶା ବ୍ୟତୀତ ସର୍ବଭାରତୀୟ ସ୍ତରରେ ଫିଲ୍ମଟି ଚଳିତବର୍ଷ ସେପ୍ଟେମ୍ବର ୪ରେ ରିଲିଜ ହୋଇ ଦର୍ଶକାଦୃତ ହୋଇଛି। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ସ୍ୱସ୍ତିକ ଚୌଧୁରୀ। ଉକ୍ତ ସିନେମାଟି ୟୁକେ-ଏସିଆନ୍ ଫିଲ୍ମ ମହୋତ୍ସବ, କୋଲକାତା ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ଶ୍ରେଷ୍ଠ ଫିଲ୍ମ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି।

# ଏମାନଙ୍କ ମତରେ...

**ପରିଶ୍ରମର ମୂଲ୍ୟ ମିଳିଛି : (ଦେବୀ ପ୍ରସାଦ ଲେଙ୍କା-ବିଶାଳ ମୌର୍ଯ୍ୟ, ନିର୍ଦ୍ଦେଶକ)-** ୨୦୨୦ରେ ଥରେ ଆମେ ଦୁହେଁ ଏକ ଡକ୍ୟୁମେଣ୍ଟାରି ନିର୍ମାଣ ବିଷୟରେ ମାଲକାନଗିରି ଯାଇଥିଲୁ। ସେଠାରେ ମ୍ୟାଲେରିଆ ନିରାକରଣ ପାଇଁ ସେ ସମୟର କଲେକ୍ଟରଙ୍କ ଭୂମିକା ଦେଖିବା ପରେ ତାହା ଆମକୁ ବେଶ୍ ପ୍ରଭାବିତ କରିଥିଲା। ସେଠାକାର ଦୁର୍ଗମ ଅଞ୍ଚଳର ଅଧିବାସୀମାନଙ୍କୁ ମ୍ୟାଲେରିଆ ବିଷୟରେ ବୁଝାଇବା, ସେମାନଙ୍କୁ ମଶାରି ବାଣ୍ଟି ସେ ସମ୍ପର୍କରେ କହିବା ଛୋଟ କଥା ନ ଥିଲା। ପରବର୍ତ୍ତୀ ସମୟରେ ଆମେ ଏହାର ପ୍ରଯୋଜକ ଦୀପେନ୍ଦ୍ର ସାମଲଙ୍କ ସହ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆକୁ ନେଇ ଏକ ଓଡ଼ିଆ ଫିଲ୍ମ ନିର୍ମାଣ କରିବାକୁ କଥା ହେଲୁ। ଭଗବାନଙ୍କ ଆଶୀର୍ବାଦରୁ ସବୁ କିଛି ଭଲରେ ଶେଷ ହେଲା। 'ଦମନ'କୁ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ସେଥିଲାଗି ଆମେ ସେମାନଙ୍କ ନିକଟରେ ଋଣୀ। ଏବେ ଆମ ଉପରେ ଚାପ ବଢ଼ିଯାଇଛି ବୋଲି କହିବି। ଆଉ ୨-୩ ମାସ ପରେ ପୁଣି ଥରେ ଏଭଳି ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ସିନେମାଟିଏ ନିର୍ମାଣ କରିବାକୁ ଯୋଜନା କରିବୁ ବୋଲି ଆଶା ରଖିଛୁ।

**ଯଥେଷ୍ଟ ପ୍ରେରଣା ମିଳିଛି (ଅତୀଶ ରାଉତ, ପ୍ରଯୋଜକ)-** 'ଡାଲଚିନି' ଏକ କମର୍ସିଆଲ ଫିଲ୍ମ। ଯେତେବେଳେ ଏହାର କାହାଣୀ ବିଷୟରେ ଆଲୋଚନା ହେଲା ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ, ଫିଲ୍ମଟି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ପାଇଁ ଖୋରାକ ଯୋଗାଇବ। ତା' ସହ ଫିଲ୍ମଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କାର ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। ତାହା ମଧ୍ୟ ସଫଳ ହୋଇଛି। ଏଣିକି ଆହୁରି ଭଲ ସିନେମା ନିର୍ମାଣ କରିବାକୁ 'ଡାଲଚିନି' ମୋତେ ନିଶ୍ଚୟ ପ୍ରେରଣା ଯୋଗାଇବ।

**କାହାଣୀ ମନକୁ ଛୁଇଁବା ଦରକାର**

**(ଦେବାଶିଷ ପାତ୍ର, ଅଭିନେତା)-** ମୋର ପ୍ରଥମ ଫିଲ୍ମ ଥିଲା 'ଜୟ ଜଗନ୍ନାଥ'। ତା'ପରେ ମୁଁ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଛି। ହେଲେ ଯେତେବେଳେ ମୋତେ 'ଶହୀଦ ରଘୁ ସର୍ଦ୍ଦାର' ଅଫର ଆସିଲା, ମୋତେ ଲାଗିଲା, ଏହା ମୋ ପାଇଁ ଏକ ପରୀକ୍ଷା। କାରଣ ଐତିହାସିକ ପୃଷ୍ଠଭୂମିକୁ ନେଇ ନିର୍ମିତ ସିନେମାକୁ ତୁଲାଇବା ସହଜ ନୁହେଁ। ମୋ ମତରେ ଫିଲ୍ମର କାହାଣୀ ଦର୍ଶକଙ୍କୁ ପ୍ରଥମେ ପ୍ରଭାବିତ କରିବା ଆବଶ୍ୟକ। ତା'ପରେ ତାହାର ସଠିକ୍ ଉପସ୍ଥାପନା ଏବଂ କଳାକାରଙ୍କ ଅଭିନୟ ଚଳଚ୍ଚିତ୍ରଟିକୁ ଦର୍ଶକାଦୃତ କରିଥାଏ। ଏଭଳି କାହାଣୀକୁ ନେଇ ସିନେମା ନିର୍ମାଣ ହେଲେ ଓଡ଼ିଆ ଫିଲ୍ମର ପୁରୁଣା ଯୁଗ ପୁଣି ଥରେ ଫେରି ଆସିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।



'ଏଡିୟୁ ଗୋଦାର' ଚଳଚ୍ଚିତ୍ରର ଏକ ଦୃଶ୍ୟରେ ଚୌଧୁରୀ ବିକାଶ ଦାସ (ମଝି)




'ମାଇଣ୍ଡ ଗେମ୍' ଚଳଚ୍ଚିତ୍ରରେ ଅତୁଲ-ମନୋଜ

**ମାଇଣ୍ଡ ଗେମ୍:** ଜଣେ ମଣିଷ ପ୍ରତିଶୋଧ ନେବାକୁ କେତେ ମାରାତ୍ମକ ହୋଇପାରେ। ନିଜ ମନ୍ଦ ଉଦ୍ଦେଶ ସାଧନ ପାଇଁ ସେ ପାର୍ଶଲ ଭିତରେ ବୋମା ରଖି କିପରି ଏକ ସୁଖର ସଂସାରକୁ ଛାରଖାର କରିଦେଉଛି ତାହା କିଛି ବର୍ଷ ପୂର୍ବେ ଆମ ରାଜ୍ୟରେ ଚର୍ଚ୍ଚାର ବିଷୟ ସାଜିଥିଲା। ଏଭଳି ଏକ ସତ୍ୟ ଘଟଣାକୁ ନେଇ ଏକାଧାରରେ ଓଡ଼ିଆ-ତେଲୁଗୁ-ହିନ୍ଦୀ ଭାଷାରେ ନିର୍ମିତ ହୋଇଛି 'ମାଇଣ୍ଡ ଗେମ୍'। ଶ୍ରୀଧର ମାର୍ଥା ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପରିଚିତ ରାଜେଶ ଟଚ୍‌ରିଭର। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ମନୋଜ ମିଶ୍ର ଏବଂ ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣି। ୨.୧୦ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମଟି କୋଲକାତା ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଶଂସିତ ହୋଇଛି।

**ଡାଲଚିନି :** ଏକଦା ଜଣେ ବ୍ୟାଙ୍କର ଭୁବନେଶ୍ୱରରୁ କୋଣାର୍କ ବୁଲିବାକୁ ବାହାରିଛି। ସାଙ୍ଗରେ ଅଛି ଜଣେ ଝିଅ। ବାଟରେ ଦୁହିଁଙ୍କ ଭିତରେ କ'ଣ ଘଟୁଛି, ସେମାନେ କି କି ପରିସ୍ଥିତିର ସାମ୍ନା କରି ସେଠାରୁ ଫେରୁଛନ୍ତି ଆଉ ଏପରି ଯାତ୍ରାର କିଭଳି ମଧୁର ପରିସମାପ୍ତି ହୋଇଛି-ଏପରି କଥାବସ୍ତୁକୁ ଆଧାର କରି ନିର୍ମିତ ଓଡ଼ିଆ ସିନେମା 'ଡାଲଚିନି'। ଖାସ୍ କଥା ହେଲା ଏହି ଫିଲ୍ମଟି ନିକଟରେ ଶିମ୍‌ଲା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ପୁରସ୍କୃତ ହୋଇଛି। ଏହାର ପ୍ରଯୋଜନା କରିଛନ୍ତି ଅତୀଶ କୁମାର ରାଉତ। ଋତୁପ୍ରିୟା ପ୍ରଡକ୍ସନ ପ୍ରା.ଲି. ବ୍ୟାନରରେ ଏହାର ସହ-ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ସୁପ୍ରିୟା ରାଉତ। ଅନ୍ୟପକ୍ଷରେ କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ରିୟ ପ୍ରଧାନ। ନିର୍ଦ୍ଦେଶନା ଦେଇଛନ୍ତି ଶିଶିର ସାହୁ ଏବଂ ପିନାକୀ ସିଂ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜେରି ସିଲଭରେଷ୍ଟ ଭିନ୍‌ସେଣ୍ଟ। ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ପାର୍ଥସାରଥି ରାୟ ଏବଂ ସୂର୍ଯ୍ୟମୟୀ।

**ଲଗାମ୍:** କରୋନା ମହାମାରୀ ଯୋଗୁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି। ଲକ୍‌ଡାଉନ ସମୟରେ ପ୍ରବାସୀ ଶ୍ରମିକ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଥିଲେ। ଜଣେ ପ୍ରବାସୀ ଶ୍ରମିକ ଚାକିରି ହରାଇବା ପରେ କିପରି ବାଧାବିଘ୍ନର ସମ୍ମୁଖୀନ ହୋଇ ଜୀବନ ଅତିବାହିତ କରୁଛି ତାହାକୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଲଗାମ୍'। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ପ୍ରଯୋଜନା କରିଛନ୍ତି ନବାଗତ ରଞ୍ଜିତ କୁମାର ସାହୁ। ପିନୁ ନାୟକଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମରେ ଅମ୍ଲାନ କୁମାର ଜଣେ ପ୍ରବାସୀ ଶ୍ରମିକ ଭୂମିକାରେ ଅଭିନୟ କରିଛନ୍ତି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ତମନ୍ନା।

**ଶହୀଦ ରଘୁ ସର୍ଦ୍ଦାର:** ଆମ ରାଜ୍ୟର ଚର୍ଚ୍ଚିତ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର'। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଡ. ରଜନୀ ରଞ୍ଜନ। ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ କାବ୍ୟା। ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା।

ଓଡ଼ିଆ ସିନେମା ୮୬ ବର୍ଷ ମଧ୍ୟରେ ଯେଉଁଭଳି ଭାବେ ସମୃଦ୍ଧ ହେବା କଥା ତାହା ହୋଇପାରିନି। ଏଠାରେ ଆହୁରି ପେସାଦାର ମନୋବୃତ୍ତିର ଆବଶ୍ୟକତା ରହିଛି। ବର୍ତ୍ତମାନ ଓଟିଟି ପ୍ଲାଟଫର୍ମ ପ୍ରତି ଅନେକେ ଆଗ୍ରହ ପ୍ରକାଶ କରୁଛନ୍ତି। ହେଲେ ପ୍ରେକ୍ଷାଳୟରେ ବସି ସିନେମାଟିଏ ଦେଖିବାର ମଜା ଅଲଗା। କେବଳ ବର୍ଷକୁ ଗୁଡ଼ିଏ ସିନେମା ତିଆରି କରିଦେଲେ ହେବ ନାହିଁ ତାହାର ନିର୍ମାଣଶୈଳୀ ଏପରି ହେବା ଦରକାର ; ଯାହାଦ୍ୱାରା ପ୍ରଯୋଜକଟିଏ ଆଉ ଏକ ସିନେମା ନିର୍ମାଣ ଲାଗି ମନବଳାଇବେ। କଳାକାର ନିଜର କ୍ୟାରିୟରକୁ ନେଇ ନୂଆ ସ୍ୱପ୍ନ ଦେଖିବ। ପ୍ରଯୋଜକ, ନିର୍ଦ୍ଦେଶକ ଏବଂ କଳାକାର ମନରେ ଯଦି ପେସାଦାର ମନୋବୃତ୍ତି ସବୁବେଳେ ରହେ ତେବେ ଆମ ଓଡ଼ିଆ ସିନେମା ପୁଣି ଦର୍ଶକାଦୃତ ହେବ, ଯାହା 'ଦମନ' ପ୍ରମାଣିତ କରିଛି।



'ଶହୀଦ ରଘୁ ସର୍ଦ୍ଦାର' ଚଳଚ୍ଚିତ୍ରର ଏକ ଦୃଶ୍ୟ

**-ବୀରଭଦ୍ର ବିଶ୍ୱାଳ, ଶୁଭ୍ରପ୍ରକାଶ ମହାପାତ୍ର**

# ଘାସ

ଶତ୍ରୁଘ୍ନ ପାଣ୍ଡବ

ପାଦ ତଳେ ଦଳିମକ୍‌ଚି ହୋଇଯିବା ପାଇଁ
ଯାହା ଥାଏ ତା' ଘାସ
ଘାସଠୁଁ ନରମ ମୁଲାୟମ୍ ଆଉ କେଉଁ ଦରବ ?

ଦଳି ମକ୍‌ଚି ହୋଇଗଲେ ବି ଘାସମାନେ
ମାଡି ଚାଲନ୍ତି ଆଗକୁ ଆଗକୁ
ଯେଉଁଠି ଦିଶେ ଅରାଏ ମାଟି
ତାକୁ ଇ କରିବେ ବୋଲି ସତେଜ ସବୁଜ

ବର୍ଷବର୍ଷ ଧରି ଥକି ଯାଇନାହାନ୍ତି ସେମାନେ
ଝୁଣ୍ଟି ଧପାଳି  ଧାଇଁଛନ୍ତି ଯେ ଧାଇଁଛନ୍ତି
ବରଂ ଥକିଯାଇଛି ଛିଣ୍ଡି ଯାଇଛି
ତୁମ ହାତପାଦ ଶ୍ରୀଅଙ୍ଗ


ଏମାନେ ଖାତିର କରନ୍ତି ନାହିଁ ଜମା
କି ଖରା ତରା ବର୍ଷା ବତାସ
ଟୁପୁର ଟାପୁର ହୁଅନ୍ତି ମରୁଭୂମିରେ
ବୁହାଇଦେବେ ସବୁଜିମାର ବନ୍ୟା
ପୋଛିନେବେ ତୁମ ବାଟ ଚାଲିବା କ୍ଲାନ୍ତି
ଦିହ ମନର ନିଦାଘ
ଏମାନଙ୍କୁ ଇ ନେଇ ତ ତମାମ ସବୁଜିମା

ତୁମ ଜୋତାପାଦ ଏମାନଙ୍କୁ ମାଡିଗଲା ପରେ ବି
ଏମାନେ ରହିଥାନ୍ତି ନିଧଡକ ବେଫିକର
ଦଳିମକ୍‌ଚି ହୋଇଯିବା କି ପାଦତଳେ
ରହିବା ଚିରକାଳ ଏମାନଙ୍କ ନିର୍ଦ୍ଧାରିତ କପାଳ ?

ସବୁଜ ଛନ୍‌ଛନ୍ ଏ ଘାସମାନଙ୍କୁ ଛାଡି କେଉଁ ସୂର୍ଯ୍ୟ
ଚନ୍ଦନଟୋପା ପରି କେଉଁ ଶିଶିର ବିନ୍ଦୁ
କେଉଁ ମେଘ କେଉଁ ଇନ୍ଦ୍ରଧନୁର ରଙ୍ଗରାଗ ?

ତୁମେ ଏମାନଙ୍କୁ ଭାବୁଚ ତୁଚ୍ଛା
ଘାସ ବୋଲି ତ ଏ ଯାବତ୍ ?

*ପ୍ଲଟ୍ ନଂ-୭୪୭, ଗଣ୍ଡରପୁର ନୂଆସାହି*
*କଲେଜସ୍କୋୟାର, କଟକ-୭୫୩୦୦୩*
*ମୋ: ୯୪୩୭୪୯୩୦୭୫*



# ସ୍ୱୟଂସଂପୂର୍ଣ୍ଣା

ହୃଦାନଂଦ ପାଣିଗ୍ରାହୀ

କେହି ନ ଉଠୁଣୁ
ବଡି ଭୋ ରୁ ବିଛଣା ଛାଡେ
ବହେ ପହଁରିଯାଏ ବାସିକାମରେ
ଠାକୁର ଘର ସଫାସଫି, ବାସନ ମଜା,
ଧୁଆଧୋଇରେ ଫର୍ଚ୍ଚା ହୁଏ ଆକାଶ ।

ପିଲାଛୁଆଙ୍କୁ ନିଦରୁ ଉଠାଏ
ସବୁକିଛି ସଜଡା ସଜଡି କରି ରଖେ
ଠିକଣା ଜାଗାରେ
ଗାଧେଇ ପାଧେଇ ପାଣି ଟେକେ ପୂର୍ବପୁରୁଷଙ୍କୁ
ତୁଳସୀ ଚଉଁରା ମୂଳେ ପାଣି ଢାଳି
ଭୋଗବାଢି, ମୁଣ୍ଡିଆଟେ ମାରେ,
ଆଦର ଯତ୍ନ, ଆକଟରେ
ପିଲାମାନଙ୍କୁ ବଢେଇ କୁଢେଇ ବୁଢୀ ହୁଏ ।

ସବୁବେଳେ ଧୀର ସମୀର, କଥାରେ ବାର୍ତ୍ତାରେ
ଯାହା ମହୁ ପରି ମିଠା
ମୁଣ୍ଡ ସିନ୍ଥିରେ ଦାଉ ଦାଉ ସିନ୍ଦୂରର ଶିଖା
ଯାହା ଗୋଟେ ନାରୀର ସୌଭାଗ୍ୟ
ଜନ୍ମ ଜନ୍ମର ବାସ୍ନା ମିଶା ଆଶା ଓ ଭରସା ।

ସୁନା ଦିହକୁ ଚୂନା କରି ସେ ଖଟେ, ରାତିଦିନ
କେବେ ବୁଝିବାକୁ ଚେଷ୍ଟା କରି ନ
ଏମିତିକା ଭାଗ୍ୟଟିଏ ଆଉ କିଏ ପାଇଚି କି ନାହିଁ,
ପବନ ଉଡେଇ ନିଏ ତା ରାଗ ରୋଷ
ଶୀତଳ ପାଣି ମୁନ୍ଦାଏ ଧୋଇନିଏ ତା ଅଭିମାନ
ସୁଖ ଭୁଞ୍ଜେ, ଦୁଃଖ ଭୁଞ୍ଜେ
ନିଜ ଶରଧାକୁ ଢାଳିତୁଳି ବଞ୍ଚେ ।

ସବୁ ବାଢିକୁଢି ଦେଲା ପରେ
ଯେତିକି ବି ବଳେ, ସେତିକି ପେଟକୁ ଯାଏ
କେବେ ପେଟ ନପୂରିଲେ ବି
ପୂର୍ଣ୍ଣ ହୋଇଗଲା ଭାବି ନିଦଯାଏ
ଆଉ କେବେ ପଣତ କାନିରେ ଲୁହ ପୋଛି
ନିଜକୁ ଭାବେ ସ୍ୱୟଂସଂପୂର୍ଣ୍ଣା
ଏତିକି ଜାଣିଚି
ଫୁଟିଥିବା ଜହ୍ନିଫୁଲଟିଏ ପରି
ସେ ଝରିଯିବ ଦିନେ
ମେଘ, ଖରା, ଛାଇ ଆଲୁଅକୁ ପଛ କରି
ଏଇଠୁ ଦିନେ ଚାଲିଯିବ, ତା ଅନ୍ତିମ ଯାତ୍ରାରେ ।

*ମୋ:୯୪୩୭୯୮୭୪୨୯*

# ମୋ' ଦେଶ

ଜ୍ୟୋସ୍ନା ରାଉତ ମହାଂତି

ସମୟ ସରିଆସିଲା
ଏଥର ଫେରିଯିବି ମୋ' ଦେଶକୁ
ମୋ' ଜନ୍ମଭୂମି, ମୋ' ସହରକୁ ।
ବିଦେଶରେ ତୋର ଏ ସଂସାର:
ଘରଦ୍ୱାର, ରାସ୍ତାଘାଟ, ଜନପଦ
ସବୁଠି ଚାକଚକ୍ୟର ପସରା
ସଫାସୁତୁରା, ସୁନ୍ଦର ସବୁ
ପ୍ରାଚୁର୍ଯ୍ୟରେ ଭରପୂର ଜୀବନ !
ପତ୍ରଝଡ଼ାର ଏ ଋତୁରେ
ଗଛସବୁ ନାନାରଙ୍ଗରେ ରଙ୍ଗାୟିତ
ଅପୂର୍ବ ମାଦକତା ଭରିଦିଏ ମନରେ ।

ତଥାପି କାହିଁକି ମୁଁ ଖୋଜେ ମୋ' ଦେଶକୁ
ଯେଉଁଠି ବିତିଥିଲା ତୋ'
ସ୍ୱପ୍ନିଳ ପିଲାଦିନ, ମୋ' କୋଳରେ !
ପଳାଶ କୃଷ୍ଣଚୂଡ଼ାର ଗୀତ
କିଏ ଗାଇଯାଏ ମୋ' କାନରେ,
ଛବି ଦିଶେ ପାଚିଲା ଧାନକ୍ଷେତର
ଆଉଟା ସୁନାପରି ଲହରାୟିତ,
ବିଲ ମଝିରୁ ଶୁଭେ ଚାଷୀଭାଇର
ଗୁଣୁଗୁଣୁ ଗୀତ ; ମୋତେ ଆନମନା କରେ ।

ମନେପଡ଼େ ତୋର ପିଲାଦିନ
କେତେବେଳେ ହସ, କେବେ ପୁଣି କାନ୍ଦ
ଏଣେ ଅନୁଶାସନରେ କଠୋର ମୋ' ସ୍ୱର !
ଏବେ ସେସବୁ ସ୍ମୃତିରେ ଯେବେ
ତୋ' ଆଖିର ଲୁହ ଦିଶିଯାଏ
ପ୍ରାଣ ହୁଏ ପୀଡ଼ା ଜର୍ଜରିତ ।
ଇଚ୍ଛାହୁଏ ଜାକି ଧରନ୍ତି ତୋତେ ଛାତିରେ
ବୁହାଇ ଦିଅନ୍ତି ଅଜସ୍ର ଲୁହ
ପରିତାପର, ମୋ' ଅନୁଶାସନର ।

ସରିଯାଉଥିବା ସମୟ
ମୋତେ ଦୁଃଖ ଦେଉ କି ସୁଖ
ମନ ଦେଖେ ସବୁ ସୁନ୍ଦର, ମଧୁମୟ !
ଏବେ ଆଖି ବନ୍ଦ କଲେ
ଖୋଜେ ତୋର ପିଲାଦିନକୁ
ଖୋଜେ ତୋର ନିରୀହ ମୁହଁକୁ !

*କ୍ୟାମ୍ପ: ଡେଟ୍ରଏଟ୍, ଯୁକ୍ତରାଷ୍ଟ୍ର ଆମେରିକା*

# ବୟସ ହେଲାଣି

ଜାହ୍ନବୀ ମିଶ୍ର



ଗପ

ଖୁଁ, ଖୁଁ କାଶୁଥିବା ନିତ୍ୟାନନ୍ଦଙ୍କ କାନରେ ବାଜିଲା ବୋହୂଙ୍କ କଥା–

– ''ବାପାଙ୍କୁ ବୟସ ହେଲାଣି ତ...।''

ନିତ୍ୟାନନ୍ଦ ଟିକେ ଭୟ ପାଇଲେ, ପ୍ରାଣପଣେ ଚେଷ୍ଟା କଲେ ଆଉ ନ କାଶିବାକୁ। ତଥାପି ଅଳ୍ପ ଅଳ୍ପ ବ୍ୟବଧାନରେ ଅମାନିଆ କାଶଟା ଛାତି ଥରାଇ ବାହାରି ଆସୁଥାଏ।

ଏଥର ପୁଅ କହିଥିଲା–''ବାପାଙ୍କୁ ଟିକେ ଟିକେରେ ଥଣ୍ଡା ଧରି ଦେଉଚି। କିଛି ଉପାୟ ନାହିଁ, ବୟସ ହେଲାଣି...।''

ଗତ ଦୁଇ ମାସ ତଳେ ନିତ୍ୟାନନ୍ଦଙ୍କୁ ଜ୍ୱର ହୋଇଥିଲା। ଚିହ୍ନାପରିଚିତ, ବନ୍ଧୁବାନ୍ଧବ କେତେ ଜଣ ତାଙ୍କୁ ଦେଖିବାକୁ ଆସିଥିଲେ। ସେମାନଙ୍କ ଚାପା ସ୍ୱର–

– ''ଯେ ଗୁଡ଼ା କିଛି ବଡ଼ କଥା ନୁହେଁ, ବୟସ ହେଲାଣି... ଆଜି କିଛି, କାଲି କିଛି ତ ଲାଗିଥିବ।''

ଏଇ କିଛି ବର୍ଷ ହେଲାଣି ନିତ୍ୟାନନ୍ଦ ଏମିତି କଥା କଥାକେ ଶୁଣନ୍ତି ବୟସ ହେଲାଣି ତ...।

ଏଥର କିନ୍ତୁ ନିତ୍ୟାନନ୍ଦ ବଡ଼ ବିବ୍ରତ ହୋଇଯାଉଥିଲେ ଏ କଥା ପଦକ ଶୁଣିଲାମାତ୍ରେ। ସତରେ କ'ଣ ତାଙ୍କୁ ବୟସ ହେଇଗଲାଣି, ବହୁତ ଗୁଡ଼େ ବୟସ! ଦୁଇ ବର୍ଷ ତଳେ ତ ତାଙ୍କୁ ମାତ୍ର ନବେ ବର୍ଷ ପୂରିଛି। ଏବେ ବୟାନବେ ଚାଲିଛି। ଲୋକେ ତ ପୁଣି ଶହେ କ'ଣ ତା'ଠୁ ଅଧିକା ବି ବଞ୍ଚୁଛନ୍ତି। ଏକଥା ଅବଶ୍ୟ ସତ ଯେ ତାଙ୍କ ସ୍ତ୍ରୀ ଆଜିକୁ ପନ୍ଦର ବର୍ଷ ହେଲା ଆରପାରିକୁ ଚାଲିଗଲେଣି, ମାତ୍ର ସତୁରି ବର୍ଷ ବୟସରେ। ତାଙ୍କ ସମବୟସ୍କ ଆଉ କେହି ପ୍ରାୟ ନାହାନ୍ତି କହିଲେ ଚଳେ। ତାହାଲେ ତାଙ୍କୁ ଯାଁ'ଭିତରେ ବୋଧେ ସତରେ ଗୁଡ଼େ ବୟସ ହୋଇଗଲାଣି।

ମନଟା ବଡ଼ ଆଉଟୁପାଉଟୁ ହେଉଥାଏ। ସତରେ କ'ଣ ତାଙ୍କ ଆଖପାଖରେ ଏ ଖଣ୍ଡମଣ୍ଡଳରେ ତାଙ୍କ ଚିହ୍ନା ଜଣାରେ ତାଙ୍କଠୁ କେହି ବୟସ୍କ ନାହାନ୍ତି। ସାରା ରାତି ଏ ଚିନ୍ତାରେ ଖୁଁ... ଖୁଁ... କାଶ ସହ ବିନିଦ୍ର କଟିଲା।

ତା'ପରଦିନ ସକାଳୁ ମନରେ କିଛି ଗୋଟେ ଭାବି ନିତ୍ୟାନନ୍ଦ ବାହାରିଲେ ଗାଁକୁ। ଭୁବନେଶ୍ୱରରେ ପୁଅ ବୋହୂଙ୍କ ପାଖେ ରହୁଥିବା ନିତ୍ୟାନନ୍ଦ ସକାଳୁ ସକାଳୁ ଏକା ଜିଦ୍‌ରେ କାର୍‌ଟିଏ ଭଡ଼ା କରି ଚାଲିଲେ ଗାଆଁ ଅଭିମୁଖେ। ପଛରୁ ସମସ୍ତଙ୍କର ଅଭିଯୋଗପୂର୍ଣ୍ଣ କଥାଗୁଡ଼ିକ ସ୍ପଷ୍ଟ ଶୁଭୁଥାଏ– ''ବୟସ ହେଲାଣି, ତଥାପି ଗୁଣ ଛାଡ଼ିନି ବାପାଙ୍କର। କେତେବେଳେ କୋଉ କଥା... କିନ୍ତୁ ଶୁଣିବେ କି... ଯାହା ଇଚ୍ଛା ସେଇଆ କରିବେ, ବୋଉ କେମିତି ସମ୍ଭାଳୁଥିଲା କେଜାଣି...!''

ଦୁଇଘଣ୍ଟାର ଯାତ୍ରା ପରେ ନିତ୍ୟାନନ୍ଦ ପହଞ୍ଚି ଯାଇଥିଲେ ଗାଆଁରେ। ସାତ ପୁରୁଷର ଘର ଭାଙ୍ଗିରୁଜି ଭୂତକୋଠି ହେଇସାରିଲାଣି। ପତ୍ନୀ ବଞ୍ଚିଥିବାଯାଏ ଦୁହେଁ ଏଠି ରହୁଥିଲେ। ସେ ଗଲାପରେ ତା'ର ଦଶାହ କାର୍ଯ୍ୟ ତୁଟେଇ ପୁଅବୋହୂଙ୍କ ସହ ଭୁବନେଶ୍ୱର ଚାଲି ଯାଇଥିଲେ ନିତ୍ୟାନନ୍ଦ। ଏମିତିକି ପତ୍ନୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀଟା ବି ଭୁବନେଶ୍ୱରରେ ପାଳିତ ହୋଇଥିଲା।

ତାଙ୍କରି ଏଇ ଗାଁ ଘର ସାମ୍ନାରେ ସଡ଼କ। ସଡ଼କ ଆର ପାଖକୁ ବରଗଛଟେ। ଏଇ ବରଗଛ ଛାଇରେ କଟିଚି ତାଙ୍କ ଶୈଶବ ଓ କୈଶୋରର ସୁଦୀର୍ଘ ସମୟ। ହେତୁ ହେଲା ଦିନଠୁ ସେ ଦେଖିଛନ୍ତି ଏ ଗଛଟିକୁ। ବେଶ୍ କାୟା ବିସ୍ତାର କରି ଓହଳରେ ଭର୍ତ୍ତି। ତାଙ୍କ ଜନ୍ମ ବେଳକୁ ବି ବରଗଛଟି ଥିଲା। ତେଣୁ ବରଗଛଟି ନିଶ୍ଚିତ ଭାବରେ ତାଙ୍କଠୁ ଦଶ, ପନ୍ଦର ବର୍ଷ ବଡ଼। ତା'ରି ଛାଇରେ ଇଟା ଦୁଇଖଣ୍ଡ ପକାଇ ବସିଗଲେ ନିତ୍ୟାନନ୍ଦ। ପରମ ଶାନ୍ତି ଆଉ ଆନନ୍ଦ। ତାଙ୍କ ପିଲାବେଳ ଦେଖିଛି ଏ ବରଗଛ। ଏଇଠି ଖେଳିଛନ୍ତି କାଚବାଟି, କୁଆ ବାଡ଼ି ଖେଳ। ଏଇଠି ସଜାଡ଼ିଛନ୍ତି ତାଙ୍କ ସାଇକେଲରୁ ଖସିଥିବା ଚେନ। ଘଣ୍ଟା ଘଣ୍ଟା ଯାରି ମୂଳରେ ସାଙ୍ଗସାଥୀ ଧରି ଖେଳୁଥିବାବେଳେ ବୋଉଠୁ ଖାଇଚନ୍ତି କାନମୋଡ଼ା। ଏତେବେଳକେ ସେ ଖୋଜି ପାଇଛନ୍ତି ତାଙ୍କଠୁ ଜଣେ ବୟସ୍କ ଯିଏ ଦେଖିଚି ତାଙ୍କରି ଶୈଶବ, କୈଶୋର, ଯୌବନ ଆଉ ଆଦ୍ୟ ପ୍ରୌଢ଼ ସମୟ।

ମୋବାଇଲ୍ ଫୋନ୍ ବାଜିଲା, ପଞ୍ଜାବି ପକେଟ୍‌ରୁ ଫୋନ୍ ବାହାର କରି କଥା ହେବା ଆରମ୍ଭ କଲେ ନିତ୍ୟାନନ୍ଦ–

–''ହଁ, ହଁ ମୁଁ ଠିକ୍ ସମୟରେ ପହଞ୍ଚିଗଲି, ଖୁଁ... ଖୁଁ...।''

–''ବାପା ସନ୍ଧ୍ୟାର ଯଥେଷ୍ଟ ପୂର୍ବରୁ ବାହାରି ଆସ, ଆଜି ଦିନରେ କଉଠି ଖାଇବ, କ'ଣ କରିବ ଜଣା ନାହିଁ। ବୟସ ହେଲାଣି, ଦେହଟା ନ ହେଲେ ଆହୁରି ବିଗିଡ଼ିଯିବ।''

–''ମୁଁ ଠିକ୍ କରି ନେଇଚି, ଆମ ଯେ ଗାଆଁ ଘରେ ଏଥର ରହିବି। ତୋ ବୋଉ ଗଲା ଦିନଠୁ ଏଠିକି ଆସି ନ ଥିଲି। ମୋତେ ଆଉ ଏଠୁ ଯିବାକୁ ଇଚ୍ଛା ହେଉନି। ତୁ କାଲିକୁ ମୋର ଲୁଗାପଟା, ଜରୁରୀ ଜିନିଷ କେତେଟା ଏଇ ଗାଡ଼ିବାଲା ହାତରେ ମୋ' ପାଖକୁ ପଠାଇ ଦେବୁ।''

–''କିନ୍ତୁ ବାପା, ଘର ତ ସଜାଡ଼ିବାକୁ ପଡ଼ିବ, ଅତି କମ୍‌ରେ ମାସେ ଦୁଇ ମାସ ସମୟ ତ ଲାଗିବ। ତୁମେ ସେଠି ଏବେ ସାଙ୍ଗେ ସାଙ୍ଗେ କେମିତି ରହିବ।''

–''ଆରେ ଘର ସଜଡ଼ା ନ ହେଲାଯାଏ ମୁଁ ଆମ ଗାଆଁ ରାଧାଗୋବିନ୍ଦ ମଠରେ ରହିବି। ସେଠି ଖାଇବା ପିଇବାର କିଛି ଅସୁବିଧା ହେବନି। ମଠରେ ଘର ବଖରାଏ ଖାଲିଥିଲେ ରହିବି, ଯଦି ନ ଥିବ ଏଇ ମାସେ, ଦୁଇ ମାସ ଆଉ କାହା ସାଙ୍ଗେ ଭାଗ ହେଇ ରହିଯିବି। ତା'ଛଡ଼ା ଏଠି ରହି, ଘର କାମ ବି ଠିକ୍ ତଦାରଖ କରିପାରିବି।''

–''ଏ କି କଥା ବାପା, ଆମ ଦ୍ୱାରା କିଛି ଭୁଲ୍ ହୋଇଗଲା କି?''

–''ଆରେ ନା ରେ, ସେମିତି ଭାବନା। ପନ୍ଦର ବର୍ଷ ହେଲାଣି ଗାଆଁ ଛାଡ଼ି ତୁମମାନଙ୍କ ପାଖରେ ତ ରହୁଥିଲି। ଏବେ କାଇଁ ଭାରି ମନ ବଳଉଚି ଏଠି ମୋ ଭିଟାମାଟିରେ ମୋଠୁ ଜଣେ ବୟସ୍କଙ୍କ ସାଙ୍ଗରେ ରହିବାକୁ। ହଉ ରହିଲି, କାର୍‌ବାଲା ଆଉ ଟିକକକୁ ଫେରିଯିବ, ତା' ଭଡ଼ା ମୁଁ ଦେଇ ଦେଇଚି। କାଲି ଯା'ରି ହାତରେ ମୋ ଲୁଗାପଟା ଦି'ଖଣ୍ଡ ରାଧାଗୋବିନ୍ଦ ମଠକୁ ପଠାଇ ଦେବୁ। ରହିଲି।''

ଆଉ ଅଧିକା କହିବାକୁ ସୁଯୋଗ ନ ଦେଇ ଫୋନ୍ ରଖିଲେ ନିତ୍ୟାନନ୍ଦ। ବରଗଛ ଛାଇରେ ତାଙ୍କ ଉଜୁଡ଼ା ଘରଆଡ଼େ ଚାହିଁ ଭାବୁକ ନିତ୍ୟାନନ୍ଦ ଭାଳି ହେଉଥିଲେ– ''କଥା କଥାକେ ବୟସ ହେଲାଣି ଶୁଣି ଶୁଣି ଗୋଟେ ଭୟାର୍ତ୍ତ ମନରେ ବାକି ଜୀବନତକ କାଟିବା ଅପେକ୍ଷା ମୋ'ଠୁ ବୟସ୍କ ଏଇ ବରଗଛଟିକୁ ଚାହିଁ ଚାହିଁ ତା'ରି ଛାଇରେ ଘଣ୍ଟେ ଦି' ଘଣ୍ଟା ସମୟ କାଟି, ବାକି ଜୀବନତକ ଗୋଟେ ନିର୍ଭୟ, ଶଙ୍କାରହିତ ପରିବେଶରେ ପରମ ଆନନ୍ଦରେ କାଟିବା ଭଲ। ଘରଟା ସଜଡ଼ା ହେଲା ପରେ, ଖାଇବା ପାଇଁ ରାଧାଗୋବିନ୍ଦ ମଠରୁ ଭୋଜନ ଆସିବ। ଗଉଡ଼ ଟୋକାକୁ ମାସିକିଆ କିଛି ଦେଲେ ସେ ଆସି ରାତିରେ ଜଗିକି ଶୋଇବ। ବାକି ରହିଲା ଦେହ-ପା କଥା, ବେଶି କିଛି ହେଲେ ମୋବାଇଲରେ ଫୋନ୍ କରି ଜଣାଇଦେବି। ଭୁବନେଶ୍ୱର ତ ମାତ୍ର ଏଠୁ ଦୁଇ ଘଣ୍ଟାର ବାଟ, ତେଣିକି କିଏ ଆସିଲେ ଆସିବେ ନ ହେଲେ ନାଇଁ। ମରିବା ଯେତିକି କଷ୍ଟ ନୁହେଁ, ମରଣର ଭୟ ତା'ଠୁ ଅଧିକା ଯନ୍ତ୍ରଣାଦାୟକ।''



ବସିବା ସ୍ଥାନରୁ ଉଠି ଠିଆ ହେଲେ ନିତ୍ୟାନନ୍ଦ। ବରଗଛର ଓହଳ, ଡାଳପତ୍ର ଚାରିଆଡ଼ ଆଖି ବୁଲାଇ ନେଲେ। ମୁହଁରେ ଖେଳିଗଲା ଆତ୍ମତୃପ୍ତିର ଭାବ। ସତେ କି ସେ ଖୋଜି ପାଇଛନ୍ତି ତାଙ୍କଠୁ ଜଣେ ବୟସ୍କଙ୍କୁ, ଜଣେ ଅଭିଭାବକଙ୍କୁ। ଏଥର ଯଦି କିଏ ତାଙ୍କୁ କହେ ବୟସ ହେଲାଣି, ନିତ୍ୟାନନ୍ଦ ଅଟିରେ ବରଗଛକୁ ଦେଖାଇ ଦେଇ କହିପାରିବେ–

''ତା'ଠୁ ଅଧିକା ନୁହଁ ମ।''

ଉତ୍ଫୁଲ୍ଲିତ ନିତ୍ୟାନନ୍ଦ ଏଥର ମୁହାଁଇଥିଲେ ରାଧାଗୋବିନ୍ଦ ମଠ ଆଡ଼କୁ ନିଜର ଖାଇବା ଓ ରହିବାର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ।

ମୋ: ୯୧୩୭୬୧୧୯୭୫୩



ବିରାଡ଼ିଆ ଗ୍ରାମ

# ଟ୍ରକ୍ ଚାଳକଙ୍କ ଗାଁ ବିରାଡ଼ିଆ

ଢେଙ୍କାନାଳ-କପିଳାସ ରାସ୍ତାରେ ସବୁଜିମାମୟ ପରିବେଶରେ ଅବସ୍ଥିତ ଗାଁ 'ବିରାଡ଼ିଆ'। ସରକାରୀ କାଗଜପତ୍ରରେ 'କୃଷ୍ଣକୁମାରପୁର'। କିନ୍ତୁ ଜଣାଶୁଣା ଟ୍ରକ୍ ଚାଳକଙ୍କ ଗାଁ ଭାବରେ। ୩ୱାର୍ଡ ବିଶିଷ୍ଟ ଏହି ଗ୍ରାମର ଜନସଂଖ୍ୟା ପ୍ରାୟ ୨,୫୦୦। ତନ୍ମଧ୍ୟରୁ ୧୬୦ରୁ ଉର୍ଦ୍ଧ୍ୱ ଟ୍ରକ୍ ଚାଳକ। ଘରେ ଘରେ ଡ୍ରାଇଭର, ସେମାନଙ୍କ ଆଧାତ୍ମିକ ଚିନ୍ତାଧାରା ଏବଂ ସୁରକ୍ଷିତ ଗାଡ଼ି ଚାଳନା ପାଇଁ ଅହରହ ପ୍ରୟାସ 'ବିରାଡ଼ିଆ'କୁ ସାରା ଜିଲାରେ ଦେଇଛି ସ୍ୱତନ୍ତ୍ର ସ୍ଥାନ।

ସାଧାରଣତଃ ଦିନରେ ଖାଁ ଖାଁ ଲାଗୁଥିବା ବିରାଡ଼ିଆର ଗ୍ରାମ୍ୟ ପରିବେଶ ସାମୂହିକ ଛୁଟିଦିନ, ପର୍ବପର୍ବାଣି, ମେଳା ମହୋତ୍ସବରେ ଗହଳ ଚହଳରେ ପୂରି ଉଠେ। ଘର ପରିବାର ଛାଡ଼ି ଅଧିକାଂଶ ଦିନ ବାହାରେ ରହୁଥିବା ଗ୍ରାମର ଟ୍ରକ୍ ଡ୍ରାଇଭରମାନେ ହୁଅନ୍ତି ଗାଁମୁହାଁ। ଘର ଆଗରେ, ରାସ୍ତା ପାର୍ଶ୍ୱରେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିବା ବହୁ ଶହ ଟ୍ରକ୍ ବଖାଣେ ସେମାନଙ୍କ ଉପସ୍ଥିତି। ପରିବାର, ସାଙ୍ଗସାଥୀଙ୍କ ଗହଣରେ କିଛି ସମୟ ବିତାଇବା ପରେ ପୁଣି ଆରମ୍ଭ ହୁଏ ଜୀବନ ସଂଘର୍ଷ। ଡ୍ରାଇଭରମାନେ ପୁଣି ବାହୁଡ଼ିଯାଆନ୍ତି କର୍ମକ୍ଷେତ୍ରକୁ। ଦୀର୍ଘ ୫ଦଶନ୍ଧିରୁ ଅଧିକ ସମୟ ଧରି ଗ୍ରାମର ପ୍ରାୟ ପ୍ରତି ପରିବାରର ବୃତ୍ତିଗତ ଜୀବନରେ ଟ୍ରକ୍ ସାମିଲ ହୋଇଯାଇଛି। ଯଦିଓ ଏଥିଲାଗି ସେମାନଙ୍କୁ କଠିନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି, ତଥାପି ଏହାକୁ ପୁଞ୍ଜି କରି ସେମାନେ ସମୃଦ୍ଧ କରି ପାରିଛନ୍ତି ନିଜର ଆର୍ଥିକ ସ୍ଥିତି।

ଡ୍ରାଇଭିଂ ଭଳି କଷ୍ଟକର ବୃତ୍ତି ସମ୍ପର୍କରେ ୫୨ ବର୍ଷୀୟ ଟ୍ରକ୍ ଚାଳକ ବିଜୟ ସାମଲ କୁହନ୍ତି, ଟ୍ରକ୍ ଚଳାଇ ପିଲାଙ୍କୁ ଉଚ୍ଚଶିକ୍ଷିତ କରାଇପାରିଛୁ। ତାଙ୍କର ଏକମାତ୍ର ପୁତ୍ର ଦୁବାଇସ୍ଥିତ ଏକ ଆଲୁମିନିୟମ କମ୍ପାନୀରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଗାଡ଼ି ଚଳାଇବା ସମୟରେ ଲୋକଙ୍କ ସୁରକ୍ଷା କଥା ମନକୁ ଆସେ। ମନ ଭିତରେ ଥାଏ ପରିବାର ଲୋକେ ଆମକୁ ଅପେକ୍ଷା କରିଛନ୍ତି। ତେଣୁ ସଡ଼କ ସୁରକ୍ଷା ନିୟମକୁ ମାନିଥାଉ। ନିଜେ ସଚେତନ ରହିବା ସହ ଅନ୍ୟମାନଙ୍କୁ ସଚେତନ ରହିବାକୁ ପରାମର୍ଶ ମଧ୍ୟ ଦେଉଛୁ।

**ରାସ୍ତାରେ ଟ୍ରକ୍ ଗଡ଼େ। ଜୀବନ ଆଗକୁ ବଢ଼େ। ଖାଇବା, ଶୋଇବା ସବୁ ସେଇଠି। ଗାଡ଼ି ଚାଲିଲେ ସବୁକିଛି ସ୍ୱାଭାବିକ, ଆଉ ଅଟକିଗଲେ ଜୀବିକାରେ କଷି ହୋଇଯାଏ ବ୍ରେକ୍। କି ଖରା, କି ବର୍ଷା, କି ଶୀତ ସ୍ୱପ୍ନ ସାଉଁଟିବାକୁ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଜାରି ରୁହେ ସକାଳରୁ ରାତି, ରାତିରୁ ସକାଳ ପର୍ଯ୍ୟନ୍ତ। କେବେ ଅଟକୁ ନ ଥିବା ଏହି ରେସ୍‌ରେ ଦୌଡ଼ୁଥାଆନ୍ତି ବିରାଡ଼ିଆ ଗାଁର ୧୬୦ରୁ ଉର୍ଦ୍ଧ୍ୱ ଡ୍ରାଇଭର। ତା' ସହ ଧାଉଁଥାଏ ସେମାନଙ୍କ ପରିବାରର ଯେତକ ସ୍ୱପ୍ନ ଆଉ ସମ୍ଭାବନା।**

## ପ୍ରଥମ ଡ୍ରାଇଭର ଭ୍ରମରବର

ଭ୍ରମରବର ଗଡ଼ନାୟକ। ବୟସ ୭୫ ଟପିଲାଣି। ବିରାଡ଼ିଆର ପ୍ରଥମ ଟ୍ରକ୍ ଡ୍ରାଇଭର, ଯାହାଙ୍କ ପ୍ରୋତ୍ସାହନରେ ଏବେ ଗାଁରେ ସୃଷ୍ଟି ହୋଇଛନ୍ତି ୧୬୦ରୁ ଉର୍ଦ୍ଧ୍ୱ ଗାଡ଼ି ଚାଳକ। ୧୯୭୦ରେ କଟକ ଜିଲା ବାଲିଠାରେ ରହୁଥିବା ନୃସିଂହ ପଟ୍ଟନାୟକଙ୍କଠାରୁ ଟ୍ରକ୍ ଚାଳନା ଶିଖିଥିଲେ ଭ୍ରମରବର। ଏହାପରେ ଗ୍ରାମରେ ରୋଜଗାର ଆଶାରେ ଥିବା ଯୁବକଙ୍କୁ ତାଲିମ ଦେଇଥିଲେ। ଫଳସ୍ୱରୂପ ଏବେ ବିରାଡ଼ିଆ ଗ୍ରାମର ପ୍ରତି ପରିବାରରେ ୨-୩ ଗାଡ଼ି ଚାଳକ ସୃଷ୍ଟି ହୋଇପାରିଛନ୍ତି। ସତୁରି ଦଶକରେ ଦିନକୁ ମାତ୍ର ୨୫ ପଇସା ରୋଜଗାର କରୁଥିବା ଟ୍ରକ୍ ଡ୍ରାଇଭରମାନଙ୍କୁ ଏବେ ୩୦୦ରୁ ଅଧିକ ଟଙ୍କା ପାରିଶ୍ରମିକ ମିଳୁଛି। ବୟସ ହୋଇଯାଇଥିବାରୁ ଭ୍ରମରବରଙ୍କ ଭଳି ଅନେକେ ଏବେ ବୃତ୍ତିଗତ ଜୀବନରୁ ବିରାମ ନେଇସାରିଥିବାବେଳେ ପେଟପାଟଣା ପାଇଁ ମନୋନିବେଶ କରିଛନ୍ତି ଅନ୍ୟ ଜୀବିକାରେ।

## ନିଶାଠୁ ଦୂରରେ, ମାନୁଛନ୍ତି ନିୟମ

ନିଶା ସେବନ କରି ଗାଡ଼ି ଚଳାଇବା କାରଣରୁ ଅନେକ ସମୟରେ ଘଟେ ଦୁର୍ଘଟଣା। ହାନି ହୁଏ ଧନଜୀବନ। ଏଥିପାଇଁ ଡ୍ରାଇଭରଙ୍କ ଉପରକୁ ଅଙ୍ଗୁଳି ଉଠେ। ଆଇନ ଅଦାଲତର ହରଡ଼ଘଣାରେ ପଡ଼ନ୍ତି ସେମାନେ। ଦହଗଞ୍ଜ ହୁଅନ୍ତି ପରିବାର ସଦସ୍ୟ। ହେଲେ ବିରାଡ଼ିଆ ଗ୍ରାମର ଡ୍ରାଇଭରମାନେ ଏ କ୍ଷେତ୍ରରେ ଉଦାହରଣ। ଆଧ୍ୟାତ୍ମିକବାଦୀ ହୋଇଥିବାରୁ ନିଶାଠୁ ଦୂରରେ। ଗାଡ଼ି ଚଳାଇବା ବେଳେ ସେମାନେ ଯେତିକି ସଚେତନ, ସେତିକି ସତର୍କ ମଧ୍ୟ। ଟ୍ରାଫିକ୍ ନିୟମ ବିଷୟରେ ସମସ୍ତଙ୍କ ଯଥେଷ୍ଟ ଜ୍ଞାନ ରହିଛି। ନିଶାକୁ ପ୍ରଶ୍ରୟ ଦେଉ ନ ଥିବାରୁ ପରିବାର ସୁରକ୍ଷିତ ବୋଲି କହିଛନ୍ତି ଗ୍ରାମର ଭୀମସେନ ସାହୁ।



ଭ୍ରମରବର ଗଡନାୟକ



ଭୀମସେନ ସାହୁ



ବିଜୟ ସାମଲ

– ବିକ୍ରମ ପଣ୍ଡା, ରତନ ନାୟାର

ଔଷଧୀୟ ବୃକ୍ଷରାଜିର ଭଣ୍ଡାର

# ମନ୍ଦରଗିରି

**ଏହି ପର୍ବତର ମାଟି ଓ ବୃକ୍ଷରେ ଔଷଧୀୟ ଗୁଣ ଥିବା ବିଶ୍ୱାସ କରାଯାଉଛି। ଏଠାକାର ଗୁମ୍ଫାଗୁଡ଼ିକ ଏବେ ବି ମୁନିମାନଙ୍କ ଆବାସସ୍ଥଳ ବୋଲି କୁହାଯାଏ...**

ଏହାର ଶିଖରରୁ ସୁନ୍ଦର ଦିଶେ ସହର। ଧୂଆଁଳିଆ ଦୃଶ୍ୟମାନ ହୁଏ ସାତକୋଶିଆର ଶୋଭା। ସୀମାହୀନ ସମୁଦ୍ର ପରି ଲାଗେ ରେଙ୍ଗାଳି ଡ୍ୟାମର ସୁନୀଳ ଜଳରାଶି। ପ୍ରକୃତିର ପ୍ରାଚୁର୍ଯ୍ୟ ସହ ପ୍ରାଚୀନ କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ଐତିହ୍ୟର ଅପରୂପ ସମାହାର ହେଉଛି ଅନୁଗୋଳର 'ମନ୍ଦରଗିରି'। ଏଠାକାର ମାଟି ଓ ବୃକ୍ଷରେ ଔଷଧୀୟ ଗୁଣ ଥିବା ବିଶ୍ୱାସ କରାଯାଏ। ଆରମ୍ଭରୁ ଅଗ୍ରଭାଗ ମଧ୍ୟରେ ଥିବା ଗୁମ୍ଫାଗୁଡ଼ିକ ଏବେ ବି ମୁନିମାନଙ୍କ ଆବାସସ୍ଥଳ ବୋଲି କୁହାଯାଏ। ମାଳ ମାଳ ମନ୍ଦିର ଓ ପୂଜା ପାଉଥିବା ଦେବଦେବୀଙ୍କୁ ନେଇ ଅନେକ ଅଲୌକିକ କାହାଣୀମାନ ଶୁଣାଯାଏ।

ଅନୁଗୋଳ ସହରଠୁ ମାତ୍ର ୧୦ କିଲୋମିଟର ଦୂରରେ ରହିଛି ମନ୍ଦରଗିରି ପର୍ବତ। ପଞ୍ଚମହଲାରୁ ଚନ୍ଦ୍ରବାହାଳର ଭାଲିଆବାଟ ପର୍ଯ୍ୟନ୍ତ ପର୍ବତର ଏକ ଅଂଶ କାଳିମା ମନ୍ଦରଗିରି ଭାବେ ଜଣାଶୁଣା। ଭାଲିଆବାଟରୁ ମୂଷାପାପୁଲିର ଭୀମମୁଣ୍ଡିଆ ଅଂଶକୁ ବାବା ମନ୍ଦରଗିରି ବୋଲି କୁହାଯାଏ। ପଶ୍ଚିମଭାଗରେ ଥିବା ପୁରୁଣାଗଡ଼, ବଡ଼କେରା, ଡୁମୁଣୀ ଆଦି ଅଞ୍ଚଳ ଗୋବର୍ଦ୍ଧନ ପର୍ବତ ଭାବେ ପରିଚିତ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନଙ୍କ ଧର୍ମୀୟ ଭାବନା ସହ ମନ୍ଦରଗିରି ଆରମ୍ଭରୁ ଜଡ଼ିତ। ମା' ବନଦୁର୍ଗା ଓ ଅନନ୍ତ ଗୁମ୍ଫା ମଧ୍ୟରେ ଥିବା ମହାଦେବ ଏଠାକାର ମୁଖ୍ୟ ଆରାଧ୍ୟ ହୋଇଥିଲେ ବି



ପାଦଦେଶରୁ ଶୀର୍ଷ ପର୍ଯ୍ୟନ୍ତ ଅନେକ ଦେବଦେବୀ ପୂଜା ପାଉଛନ୍ତି। ପର୍ବତ ସୁଡ଼ଙ୍ଗରେ ନାଗ ଦେବତା ରହିଥିବା ବିଶ୍ୱାସ କରାଯାଏ। ଉପରି ଭାଗରେ ଅନନ୍ତ ଶୟନ ବିଷ୍ଣୁଙ୍କ ମନ୍ଦିର ରହିଛି। ତଳେ ମା' ତାରିଣୀଙ୍କ ପୀଠ ସ୍ଥାପନ ହୋଇଥିବାବେଳେ ରାମଯଜ୍ଞ ମଣ୍ଡପ, ରାମ ମନ୍ଦିର ସହ ଅନ୍ୟାନ୍ୟ ମନ୍ଦିର ରହିଛି। ପ୍ରତିବର୍ଷ ମାଘ ମାସରେ ମନ୍ଦରଗିରି ଉପରେ ହେଉଥିବା ମାଘ ମେଳା ଓ ଯଜ୍ଞ ବେଶ୍ ପ୍ରସିଦ୍ଧ। ୫ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ଏଠାରେ ହୋଇଥାଏ। ମନ୍ଦରଗିରି ଦେବପୀଠ ପରିଚାଳନା ମୁଖ୍ୟ ଭଗବାନ ସାସମଲ କହିଛନ୍ତି, ଏହି ପର୍ବତ ଏତେ ପବିତ୍ର ଯେ ଏଠାକୁ ଆସି କେହି କେବଳ ମାନସିକ କରି ନ ଥାନ୍ତି, ବରଂ ବିଭିନ୍ନ ରୋଗ ବ୍ୟାଧିରୁ ମୁକ୍ତି ପାଇଁ ଆବଶ୍ୟକ ଔଷଧୀୟ ଗୁଳ୍ମ ସଂଗ୍ରହ କରିନିଅନ୍ତି। ରନ୍ତଲେଇ ଅଞ୍ଚଳର ପ୍ରହ୍ଲାଦ ବେହେରା କହିଛନ୍ତି, ମନ୍ଦିରଗିରି ପର୍ବତ ଔଷଧୀୟ ବୃକ୍ଷଲତାରେ ଭରପୂର। ଅତୀତରେ ରାସ୍ତା ସୁବିଧା ନ ଥିବାରୁ ବହୁ କଷ୍ଟ ସ୍ୱୀକାର କରି ଲୋକେ ଏଠାରୁ ଔଷଧୀୟ ବୃକ୍ଷ ନେବାକୁ ଆସୁଥିବା ନଜିର ରହିଛି। ଭାଦ୍ରବ ଓ ଆଶ୍ୱିନ ମାସରେ ସ୍ଥାନୀୟ ଅଞ୍ଚଳର ଲୋକେ ବନଦୁର୍ଗା, ଅନନ୍ତ ଗୁମ୍ଫା ଓ ଅନନ୍ତ ଶୟନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ଔଷଧୀୟ ଗଛର ଡାଳ, ପତ୍ର ଓ ଚେର ସଂଗ୍ରହ କରି ନେଇଥାନ୍ତି। ପର୍ଯ୍ୟଟନ ଦୃଷ୍ଟିରୁ ମଧ୍ୟ ମନ୍ଦରଗିରି ବେଶ୍ ସମୃଦ୍ଧ। ପ୍ରାକୃତିକ ଶୋଭାର ଗନ୍ତାଘର ଏହି ପର୍ବତ ପରିଦର୍ଶନ କରିବାକୁ ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି। ଏହାଛଡ଼ା ଟ୍ରେକିଂ କରିବାକୁ ଅନେକ ଯୁବପିଢ଼ି ପହଞ୍ଚିଥାନ୍ତି। ହେଲେ ମନ୍ଦିରଗିରି ଉପରେ ଅଧିକ ଗବେଷଣା କରାଯାଉ ନାହିଁ କି ଏହାକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରାଯାଉ ନାହିଁ। ସେଥିପାଇଁ ପ୍ରଚାର ପ୍ରସାର ଅଭାବରୁ ସାତକୋଶିଆ ଆସୁଥିବା ପର୍ଯ୍ୟଟକଙ୍କ ପାଦ ଏଠାରେ ପଡ଼ିପାରୁ ନାହିଁ। ତଥାପି ଯେଉଁମାନଙ୍କ ପାଦ ଏହି ପର୍ବତରେ ପଡ଼ିଛି ସେମାନେ ଏହାର ଅଲୌକିକତାକୁ ଅବିଶ୍ୱାସ କରିପାରିବେ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

–ରୁଦ୍ରନାରାୟଣ ଦାଶ, ଅମିତ କୁମାର ସାମଲ



# ମାନ୍ଦାବସ୍ଥା ଆସିଲାଣି

**ବିଶ୍ୱବାସୀ ଆଉ ଏକ ନବବର୍ଷକୁ ସ୍ୱାଗତ କରୁଛନ୍ତି, ଯେତେବେଳେ କି ପ୍ରତ୍ୟେକ ଅର୍ଥ ବ୍ୟବସ୍ଥାରେ କିଛି ନା କିଛି ହଲ୍‌ଚଲ୍ ପରିଲକ୍ଷିତ ହେଉଛି। ୨୦୧୯ ଶେଷ ଭାଗରେ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାର ପରିଣାମ ସ୍ୱରୂପ ଆର୍ଥିକ ଗତିବିଧି ମନ୍ଥର ହୋଇଆସିଲାଣି, ଯାହାକି ଆଗକୁ ମାନ୍ଦାବସ୍ଥାର ଭୟଙ୍କର ରୂପ ଦେଖାଇପାରେ। ଗ୍ଲୋବାଲ ରିସେଶନ୍ ଆସୁଛି, ପାଖକୁ ଆସିଗଲାଣି ଅଥବା ଆସିସାରିଛି; ଏଭଳି ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଏହାର ସମୟକୁ ନେଇ ଦ୍ୱନ୍ଦ୍ୱ ଥାଇପାରେ; କିନ୍ତୁ ମାନ୍ଦାବସ୍ଥାର ଆଗମନ ଥୟ ବୋଲି ବିଶ୍ୱବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍), ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ଏବଂ ଅନ୍ୟ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଭବିଷ୍ୟବାଣୀ କଲେଣି।**

**ଉପସ୍ଥାପନା: ଦୁର୍ଯ୍ୟୋଧନ ମିଶ୍ର**

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ 'ଅଚ୍ଛେ ଦିନ' ଆସିବ ଆସିବ ବୋଲି ବାରମ୍ବାର କୁହାଯାଇଥିଲା। କିନ୍ତୁ ଭଲ ଦିନ ତ ଆସିଲା ନାହିଁ, ଏବେ ଖରାପ ଦିନ ଆସୁଥିବା ଜାଣି ଚିନ୍ତିତ। ଅଚ୍ଛେ ଦିନର ପ୍ରତିଶ୍ରୁତି କେବଳ ଭୋଟ ରାଜନୀତିରେ କାମ କରିଥାଏ। ବାସ୍ତବରେ ଏହା ଏକ ସ୍ୱପ୍ନ। ଏକ ସମ୍ଭାବନାମୟ ବିକାଶର ଗୋଲାପି ଚିତ୍ର ଦେଖାଇବାକୁ ଯାଇ ଭାରତ ସରକାର ସୁଦିନର ଭ୍ରମ ସ୍ଥିତି ବଜାୟ ରଖିବାକୁ ଏବେ ବି ଉଦ୍ୟମ ଚଳାଇଛନ୍ତି। ଅନୁଶୀଳନରୁ ଜଣାଯାଏ, ୨୦୧୬ ଆଡ଼କୁ ଭାରତର ଅର୍ଥନୀତି ଧିମେଇ ଯାଇଥିଲା। ସେହି ସମୟରେ ସରକାର ନୋଟ୍‌ବନ୍ଦୀ ଘୋଷଣା କରିଥିଲେ। କଳାଧନ ଓ ଜାଲିଆତି ରୋକିବା ତଥା ଆତଙ୍କବାଦ ଉପରେ ଅଙ୍କୁଶ ପାଇଁ 'ପିତା ଔଷଧ' କହି ନିଆଯାଇଥିବା ବିମୁଦ୍ରୀକରଣ ପଦକ୍ଷେପର ଖରାପ ପ୍ରଭାବ ଅର୍ଥନୀତି ଉପରେ ପଡ଼ିଲା। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଖସିଗଲା। ସରକାର ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଆଣିଲେ। ବ୍ୟବସାୟୀମାନେ ତାକୁ ବୁଝି କାମରେ ଲଗାଇବା ବେଳକୁ ଅର୍ଥନୀତି ଆହୁରି ନଇଁପଡ଼ିଲା। ୨୦୧୯ ଲୋକ ସଭା ନିର୍ବାଚନ ବେଳକୁ ଦେଶର ଆର୍ଥିକ କ୍ଷତି ଆହୁରି ବୃଦ୍ଧିପାଇ ଜିଡିପି ଅଭିବୃଦ୍ଧି ପ୍ରାୟ ୪.%ରେ ସୀମିତ ହୋଇଯାଇଥିଲା। ଧୀରେ ଧୀରେ ସୁଧାର ଆରମ୍ଭ ହେବା ବେଳକୁ କୋଭିଡ୍-୧୯ ଭୂତାଣୁ ମାଡ଼ିଆସିଲା। ଏହି ମହାମାରୀ ବିଶ୍ୱର ତମାମ ବଡ଼ ଅର୍ଥନୀତିର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ଭାରତ ମଧ୍ୟ ବର୍ତ୍ତି ନ ଥିଲା ମହାବିପତ୍ତିରୁ। ସଂକ୍ରମଣ କମିବାରୁ ସରକାର ଦାବି କଲେ 'V' ଆକୃତିରେ ରିକଭରି ଆସିବ। ଅର୍ଥାତ୍ ଅର୍ଥନୀତିର ଗ୍ରାଫ୍ ଯେମିତି ତଳକୁ ଖସିଥିଲା, ସେମିତି ଉପରକୁ ଉଠିବ। ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅନୁରୂପ ଅନୁମାନ କରିଥିଲେ। କିନ୍ତୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବିଶ୍ୱର ସବୁ ଅର୍ଥନୀତିର ଗାଣିତିକ ସୂତ୍ରକୁ ଭୁଲ୍ ପ୍ରମାଣିତ କରିଦେଲା। ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାରୁ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀଗୁଡ଼ିକର ଦରଦାମ ଅହେତୁକ ଭାବେ ବଢ଼ିଚାଲିଲା। ଆମେରିକାର ଫେଡେରାଲ ରିଜର୍ଭ, ବ୍ରିଟେନର ବ୍ୟାଙ୍କ ଅଫ୍ ଇଂଲଣ୍ଡ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସମେତ ଅନ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ରେପୋ ରେଟ୍ ବଢ଼ାଇଚାଲିଛନ୍ତି। ସୁଧ ହାର ବୃଦ୍ଧି ଯୋଗୁ ଚାହିଦା କମିବ ଓ ଦରଦାମ ସ୍ଥିର ହୋଇଯିବ ବୋଲି ଯୁକ୍ତି ବଢ଼ାଯାଉଛି। ଅନ୍ୟପକ୍ଷେ ମୁଦ୍ରାସ୍ଫୀତି ଉପରେ ଲଗାମ ଲଗାଇବା ପାଇଁ ସୁଧହାର ବୃଦ୍ଧି ପ୍ରକୃଷ୍ଟ ଉପାୟ ନୁହେଁ ବୋଲି ଇନ୍‌ଫ୍ଲେଶନ୍ ରେଟ୍, କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ), ବେକାରି ହାର, ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ଡେଟା ଭଳି ସୂଚକାଙ୍କ ଦର୍ଶାଉଛି। ରେପୋ ରେଟ୍ ବଢ଼ାଇଚାଲିବା ଦରଦାମ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ନୁହେଁ, ବରଂ ଏଥିଯୋଗୁ ଆର୍ଥିକ ଅଚଳାବସ୍ଥା ଉପୁଜିପାରେ। କାରଣ ଚାହିଦା ହ୍ରାସ ପାଇଲେ ମନି ସପ୍ଲାଏ କମିଯିବ। ଲୋକଙ୍କ କ୍ରୟ କ୍ଷମତା କମିଲେ ଖର୍ଚ୍ଚ ମଧ୍ୟ କମିବ। ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ, ଯାହାକି ପରିଶେଷରେ ମାନ୍ଦାବସ୍ଥାକୁ ଡାକିଆଣିବ ବୋଲି ଅନେକ ଅର୍ଥନୀତିଜ୍ଞ ଆଶଙ୍କା ବ୍ୟକ୍ତ କରୁଛନ୍ତି। ଘର, କାର୍ ଓ ଅନ୍ୟ ଉପକରଣ ପାଇଁ ଋଣ ନେଇଥିବା ଲୋକଙ୍କ ଲାଗି ବର୍ଦ୍ଧିତ ସୁଧ ଅଧିକ ଇଏମ୍‌ଆଇ ବା ମାସିକ କିସ୍ତି ବୋଝ ଉପରେ ନଳିତାବିଡ଼ା ସାଜୁଛି। ଆଗକୁ କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ଯେତେ ବଢ଼ାଇବ ସେହି ଅନୁସାରେ ସାଧାରଣ ଲୋକଙ୍କ ମୁଣ୍ଡ ଓଜନିଆ ହେବ।

୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣା କରାଯିବ ବୋଲି ପୂର୍ବରୁ ସରକାର ବାରମ୍ବାର ଦୋହରାଉଥିଲେ। ୨୦୨୩ ଆସିବାକୁ ଯାଉଛି, ସରକାର ଚାଷୀଙ୍କ ଆୟ ଦୁଇଗୁଣା ବୃଦ୍ଧି କରିବା କଥା ଭୁଲିଗଲେଣି। ଖାଦ୍ୟଶସ୍ୟ, ଔଷଧ, ଫଳମୂଳ, ପନିପରିବା ଭଳି ପ୍ରତ୍ୟେକ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ିଚାଲିଛି। ଖାଇବା ତେଲଠୁ ନେଇ ଇନ୍ଧନ ତୈଳ, ଏଲ୍‌ପିଜି-ପିଏନ୍‌ଜି-ସିଏନ୍‌ଜି ସବୁକିଛି ମହଙ୍ଗା ହୋଇଛି। ବିଶ୍ୱବ୍ୟାଙ୍କ ସମେତ ମୁଡିଜ୍, ମୋର୍ଗାନ୍ ଷ୍ଟାନ୍‌ଲି ଭଳି ଅନେକ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ଭାରତର ଜିଡିପି ଅନୁମାନକୁ ଖସାଇ ୬.୫%ରେ ସୀମିତ ରଖିଛନ୍ତି। ପୂର୍ବରୁ ଏହି ଅଭିବୃଦ୍ଧି ହାର ୭.୫% ରହିବା ନେଇ ରିଜର୍ଭ ବ୍ୟାଙ୍କ ଆକଳନ କରିଥିଲା। ଗତ ଅକ୍ଟୋବରରେ ଭାରତର ଫରେନ୍ ଏକ୍ସଚେଞ୍ଜ ରିଜର୍ଭ (ଫରେକ୍ସ ରିଜର୍ଭ) ଅଢ଼େଇ ବର୍ଷର ସର୍ବନିମ୍ନ ସ୍ତର ୫୩୨.୮୩ ବିଲିୟନ୍ ଡଲାରକୁ ଖସିଯାଇଛି।



**ସାରା ବିଶ୍ୱ ପ୍ରତି ମାନ୍ଦାବସ୍ଥା ବିପଦ ବଢ଼ୁଛି। ଏହି କାରଣରୁ ଅର୍ଥ ବ୍ୟବସ୍ଥାଗୁଡ଼ିକ ପୂର୍ବାପେକ୍ଷା କମ୍ ଉନ୍ନତି କରିବେ। ୟୁରୋପ ହେଉ କି ଚାଇନା ଅଥବା ଆମେରିକା ସମସ୍ତ ବଡ଼ ଅର୍ଥନୀତିର ଅଭିବୃଦ୍ଧି ଧିମେଇ ଗଲାଣି।**

-କ୍ରିଷ୍ଟାଲିନା ଜର୍ଜିଏଭା, ଏମ୍‌ଡି, ଆଇଏମ୍‌ଏଫ୍



ଡଲାର ଇଣ୍ଡେକ୍ସ ବଢ଼ିଚାଲିଥିବାରୁ ଆମେରିକୀୟ ଡଲାର ଶକ୍ତିଶାଳୀ ହେବାରେ ଲାଗିଛି। ଅପରପକ୍ଷେ ଏହାର ବିପରୀତ ପ୍ରଭାବ ଭାରତୀୟ ଟଙ୍କା ଉପରେ ପଡୁଛି। ଟଙ୍କା ସର୍ବକାଳୀନ ରେକର୍ଡ ଭାଙ୍ଗି ସର୍ବନିମ୍ନ ଦୁର୍ବଳ ସ୍ତରକୁ ଯିବା ଭାରତୀୟ ଅର୍ଥନୀତି ପାଇଁ ଉଦ୍‌ବେଗଜନକ। କିନ୍ତୁ ଅନ୍ୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତୀୟ ଅର୍ଥନୀତି ଅଧିକ ମଜଭୁତ ଏବଂ ପ୍ରତିକୂଳ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଏହାର ସାମର୍ଥ୍ୟ ଅଧିକ ବୋଲି ସରକାର କହିଚାଲିଛନ୍ତି। ଏଭଳି ସ୍ଥିତିରେ ଭୁଶୁଡ଼ିପଡୁଥିବା ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ କୌଣସି ପ୍ରଭାବଶାଳୀ ନୀତି ପ୍ରଣୟନ କରାଯାଉଥିବା ଭଳି ମନେହେଉନାହିଁ।

ଗତ ସେପ୍ଟେମ୍ବର ମଧ୍ୟଭାଗରେ ଆଇଏମ୍‌ଏଫ୍‌ର ପରିସଂଖ୍ୟାନକୁ ଭିତ୍ତିକରି ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାବେ ଉଭା ହୋଇଥିବା ଦର୍ଶାଯାଇଥିଲା। ଆମେରିକା, ଚାଇନା, ଜାପାନ ଓ ଜର୍ମାନୀ ପରେ ପଞ୍ଚମରେ ବ୍ରିଟେନ ଥିବାବେଳେ ଭାରତ ଏହି ସ୍ଥାନକୁ ଉନ୍ନୀତ ହୋଇଥିବା କୁହାଯାଇଥିଲା। ଏହାକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଥିଲେ, ଭାରତ ଏକ ଦଶନ୍ଧି ମଧ୍ୟରେ ଏକାଦଶ ସ୍ଥାନରୁ ପଞ୍ଚମ ପାହ୍ୟାକୁ ଉଠିବା କମ୍ କଥା ନୁହେଁ। ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଅର୍ଥନୀତି ପାଇଁ ଏହା ବଡ଼ ସଫଳତା। ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ଭାଜପା ନେତାଙ୍କ ମତରେ ଭାରତ ଖୁବ୍‌ଶୀଘ୍ର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବାକୁ ଯାଉଛି। ସମ୍ଭବତଃ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିର ସ୍ୱପ୍ନକୁ ଦେଖି ଏପରି ମନ୍ତବ୍ୟ ଦେଇଥିଲେ। କାରଣ ବାସ୍ତବ ସ୍ଥିତି ଉପରେ ନଜର ପକାଇଲେ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଅକ୍ଟୋବରରେ ଦେଶରେ ବେକାରି ହାର ୭.୭୭% ରହିଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ଦର୍ଶାଇଥିଲା, ଯାହାକି ୨୦୧୪ରେ ୫.୪୪%ରେ ସୀମିତ ଥିଲା। ୨୦୧୪ ପୂର୍ବରୁ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ କେନ୍ଦ୍ରରେ ଭାଜପା କ୍ଷମତାସୀନ ହେଲେ ୧ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ୨୦୧୯ ନିର୍ବାଚନ ବେଳେ ସେ ନିଯୁକ୍ତି ପ୍ରତିଶ୍ରୁତି ସଂଖ୍ୟାକୁ ଅଢ଼େଇ କୋଟିକୁ ବଢ଼ାଇଦେଇଥିଲେ। ତାଙ୍କ ଶାସନ କାଳର ସାଢ଼େ ୮ ବର୍ଷ ମଧ୍ୟରେ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି ସେହି ତଥ୍ୟ ସରକାର ଦେଇପାରୁ ନ ଥିବାବେଳେ ୨୦୨୩ ସୁଦ୍ଧା ୧୦ ଲକ୍ଷ ଆଶାୟୀଙ୍କୁ କର୍ମନିଯୁକ୍ତି ପ୍ରଦାନ ନେଇ ନୂଆ ଘୋଷଣା କରିଛନ୍ତି। ଏହା ହେଉଛି 'ଅଚ୍ଛେ ଦିନ'ର ଆଉ ଏକ ରାଜନୈତିକ ପ୍ରତିଶ୍ରୁତି। ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ କ୍ରମାଗତ ପୁଞ୍ଜି ପ୍ରତ୍ୟାହାର ସହ ସରକାରୀ ବ୍ୟାଙ୍କଗୁଡ଼ିକର ଘରୋଇକରଣ ପାଇଁ ଚାଲିଥିବା ପ୍ରୟାସ ବାସ୍ତବ ସ୍ଥିତି ଉପରୁ ପରଦା ହଟାଇଛି। ଏଭଳି ସମୟରେ ଅର୍ଥନୀତିରେ ସୁଧାର ଆଣିବା ଲାଗି କେନ୍ଦ୍ରର ସର୍ବୋଚ୍ଚ ପଲିସି ମ୍ୟାକିଂ ଥିଙ୍କଟ୍ୟାଙ୍କ ନୀତି (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ) ଆୟୋଗ ପାଖରେ କୌଣସି ନୀତି ନାହିଁ। ଏହା ମଧ୍ୟରେ ଆର୍ଥିକ ମହାସଂଘାତର ପଦଧ୍ୱନୀ ଆଉ ଏକ ମାନ୍ଦାବସ୍ଥାର ସ୍ପଷ୍ଟ ସଙ୍କେତ ଦେଉଛି।


ଏଭଳି ସ୍ଥିତି ଯେ କେବଳ ଭାରତରେ ସୃଷ୍ଟି ହୋଇଛି ତାହା ନୁହେଁ, ବିଶ୍ୱର ସମସ୍ତ ବଡ଼ ଅର୍ଥନୀତି ମାନ୍ଦାବସ୍ଥାର ପ୍ରଭାବରେ ନଇଁ ପଡ଼ିଲେଣି। 'ଡକ୍ଟର ଡୁମ୍' ନାମରେ ପରିଚିତ ପ୍ରଖ୍ୟାତ ଅର୍ଥନୀତିଜ୍ଞ ପ୍ରଫେସର ନୋଉରିଏଲ୍ ରୋଉବିନିଙ୍କ ମତରେ ଏକ 'ଦୀର୍ଘ ଓ ଅସୁନ୍ଦର' ମାନ୍ଦାବସ୍ଥା ଆସୁଛି। ଏଥିଯୋଗୁ ଶେୟାର ମାର୍କେଟ ୪୦% ପର୍ଯ୍ୟନ୍ତ ସଙ୍କୁଚିତ ହୋଇଯିବ। ତୁର୍କୀରେ ଜନ୍ମିତ ଏହି ଇରାନୀୟ-ଆମେରିକୀୟ ଅଥନୀତିଜ୍ଞ ୨୦୦୮ ପୂର୍ବରୁ କରିଥିବା ବୈଶ୍ୱିକ ମାନ୍ଦାବସ୍ଥାର ଭବିଷ୍ୟବାଣୀ ସତ ସାବ୍ୟସ୍ତ ହୋଇଥିଲା। ତେଣୁ ତାଙ୍କ ଚେତାବନୀକୁ ଗମ୍ଭୀରତା ସହ ନିଆଯାଉଛି। ଆଗାମୀ ମାନ୍ଦାବସ୍ଥା ପୂର୍ବାପେକ୍ଷା ଆହୁରି ଅଧିକ ବିତ୍ତୀୟ ସଙ୍କଟକୁ ଜନ୍ମ ଦେବ। ଆସନ୍ତା ବର୍ଷ ବିଶ୍ୱ ବାଣିଜ୍ୟ ୧%କୁ ଖସିଯିବ। ଏହାର ଦୁଷ୍ପରିଣାମ ଅନେକ ବୃହତ୍ ଅର୍ଥନୀତିକୁ ଭୋଗିବାକୁ ପଡ଼ିବ ବୋଲି ଡବ୍ଲ୍ୟୁଟିଓ ସତର୍କ କରାଇଛି। ଆଇଏମ୍‌ଏଫ୍ କହୁଛି, ମାନ୍ଦାବସ୍ଥାର ପ୍ରଭାବରେ ୨୦୨୬ ପର୍ଯ୍ୟନ୍ତ ବୈଶ୍ୱିକ ଉତ୍ପାଦନ ୪ ଲକ୍ଷ କୋଟି ଡଲାର ହ୍ରାସ ପାଇପାରେ। ଏହି ପରିମାଣ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତି ଜର୍ମାନୀର ଜିଡିପି ସହ ତୁଳନୀୟ। ଏଭଳି ଯୁକ୍ତି ପଛର କାରଣ ହେଉଛି ଲୋକଙ୍କ ରିୟଲ ଟାଇମ୍ ଇନ୍‌କମ୍ ହ୍ରାସ ପାଉଛି ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟ ବଢୁଛି। ମୁଡିଜ୍‌ର ଆକଳନ ହେଉଛି, ଭାରତ ଭଳି ୧୩ ଦେଶରେ ସାମାଜିକ ସଂଘର୍ଷ ସ୍ଥିତି ଉପୁଜିପାରେ। ଖାଦ୍ୟ ଶସ୍ୟ ଓ ସାମଗ୍ରୀ ଉତ୍ପାଦନ ହ୍ରାସ ପାଇଲେ ସରକାର ଆଉ ବିନା ମୂଲ୍ୟରେ ଚାଉଳ, ଗହମ ଦେଇପାରିବେ ନାହିଁ। ବିଦେଶୀ ଋଣ ଶୁଝିବା କଷ୍ଟକର ହୋଇପଡ଼ିବ। ଏଭଳି ସ୍ଥିତିରେ ୨୦୨୪ରେ ଯିଏ ପ୍ରଧାନମନ୍ତ୍ରୀ ହୁଅନ୍ତୁ ନା କାହିଁକି ତାଙ୍କ ଆଗରେ ଏକ ଅଗ୍ରିମ ବିରାଟ ଆହ୍ୱାନ ଏବେଠୁ ଛିଡ଼ାହେଲାଣି। ଆଉ କେତେଜଣ ଅର୍ଥଶାସ୍ତ୍ରୀଙ୍କ ମତରେ ରିସେଶନ୍ ଆସିସାରିଲାଣି। ଏହି ବିଷୟ ଆଇଏମ୍‌ଏଫ୍ ଭଳି ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଜାଣିଛନ୍ତି। କିନ୍ତୁ ହଠାତ୍ ସତ କହିଦେଲେ ପୁଞ୍ଜି ବଜାର ଧରାଶାୟୀ ହୋଇଯିବ ଏବଂ ଅର୍ଥନୀତି ଉପରେ ଖରାପ ପ୍ରଭାବ ପଡ଼ିବ ବୋଲି ଆଶଙ୍କା କରି ସେମାନେ ପର୍ଯ୍ୟାୟକ୍ରମେ ଧୀରେ ଧୀରେ କିଛି କିଛି ସତ କହୁଛନ୍ତି।

## ଟେକ୍ ଇଣ୍ଡଷ୍ଟ୍ରିରେ ବ୍ୟାପକ ଛଟେଇ

ମାନ୍ଦାବସ୍ଥା ଭୟ ସାଙ୍ଗକୁ ସୁଧହାର ବୃଦ୍ଧି ପ୍ରଯୁକ୍ତି ଶିଳ୍ପକୁ ଶକ୍ତ ଧକ୍କା ଦେଇଛି। କୋଭିଡ୍ ମହାମାରୀ ବେଳେ ସାରା ବିଶ୍ୱର ଅନେକ କୋଟି ଲୋକ ଘରେ ରହିବାକୁ ବାଧ ହୋଇଥିଲେ। 'ୱାର୍କ ଫ୍ରମ୍ ହୋମ୍'ର ଗୁରୁତ୍ୱ ବୃଦ୍ଧି ସହ ବୃହତ୍ ଟେକ୍ ଫାର୍ମଗୁଡ଼ିକର ଆୟ ମଧ୍ୟ ବଢ଼ିଥିଲା। ଗ୍ରାହକମାନେ ଇ-କମର୍ସ ଏବଂ ସୋସିଆଲ ମିଡିଆ ତଥା ଭିଡିଓ କନ୍‌ଫରେନ୍ସ ଭଳି ଭର୍ଚୁଆଲ କନେକ୍ସନ ଜରିଆରେ ଡେଲିଭରି ସର୍ଭିସ ଉପରେ ନିର୍ଭରଶୀଳ ହେବାରୁ କମ୍ପାନୀଗୁଡ଼ିକ ବିଭିନ୍ନ ଦେଶରେ ଶାଖା କାର୍ଯ୍ୟାଳୟ ଖୋଲିବାରେ ଲାଗିଥିଲେ। କିନ୍ତୁ ଏବେ ମହାମାରୀ ଭୟ ଦୂରେଇଯିବା ସହ ରିସେଶନ୍ ଆତଙ୍କ ଦେଖାଦେଇଛି। ଶେୟାର ମାର୍କେଟରେ ଆଇଟି କମ୍ପାନୀଗୁଡ଼ିକର ଷ୍ଟକ୍ସ ଧରାଶାୟୀ ହେବା ସହ ଆୟ ହ୍ରାସ ପାଇବାରେ ଲାଗିଛି। ଫଳରେ ପ୍ରାୟ ସବୁ ବଡ଼ ଆଇଟି ଫାର୍ମ ଖର୍ଚ୍ଚକାଟ୍ ପାଇଁ କର୍ମଚାରୀଙ୍କୁ ଛଟେଇ କରୁଛନ୍ତି। ମେଟା ସିଇଓ ମାର୍କ ଜୁକରବର୍ଗ ନିଜ କମ୍ପାନୀର ୧୩% କାର୍ଯ୍ୟଶକ୍ତି ଅର୍ଥାତ୍ ୧୧,୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ସବୁଠୁ ଧନୀ ଏଲନ୍ ମସ୍କ ୪୪ ବିଲିୟନ୍ ଡଲାର ବିନିମୟରେ ଟୁଇଟର ମାଲିକ ହେବା ପରେ କମ୍ପାନୀ ଦୈନିକ ୪ ନିୟୁତ ଡଲାର କ୍ଷତି ସହୁଥିବା ଦର୍ଶାଇଛନ୍ତି। ସେ ଟୁଇଟରରୁ ଅଧା ଅର୍ଥାତ୍ ୭,୫୦୦ କର୍ମଚାରୀଙ୍କୁ ହଟାଇ ଦେଇଛନ୍ତି। ଜେଫ୍ ବେଜୋସ୍‌ଙ୍କ ଆମାଜନ ମଧ୍ୟ ୧୦,୦୦୦ କର୍ମଚାରୀଙ୍କୁ ଛଟେଇ କରୁଛି, ଯାହାକି ଟେକ୍ ଇଣ୍ଡଷ୍ଟ୍ରି ଇତିହାସରେ ସର୍ବାଧିକ। ସେହିପରି ଲିଫ୍ଟ ୭୦୦, ଷ୍ଟ୍ରିପ୍ ୧,୧୦୦, ରେଡ୍‌ଫିନ୍ ୮୬୨, ମାଇକ୍ରୋସଫ୍ଟ ୧,୦୦୦ ଏବଂ କ୍ରିପ୍ଟୋ କରେନ୍ସି ଟ୍ରେଡିଂ ପ୍ଲାଟ୍‌ଫର୍ମ କଏନ୍‌ବେସ୍ ନିଜର ୧,୧୦୦ ଫୁଲ୍‌ଟାଇମ୍ ୱାର୍କର୍ସଙ୍କୁ ବିଦା କରିସାରିଲାଣି। ଆଗକୁ ମାନ୍ଦାବସ୍ଥା ଆଉ କେଉଁ କେଉଁ ସେକ୍ଟରର କର୍ମଚାରୀଙ୍କ ଚାକିରି ଛଡ଼ାଇନେବ ତାକୁ ନେଇ କର୍ମଜୀବୀଙ୍କ ମଧ୍ୟରେ ଭାଳେଣି ପଡ଼ିଲାଣି।





ଅନୁବାଦ ଗଳ୍ପ

# ଖୋଲା ଝରକା

ମୂଳ ଇଂରାଜୀ: **ସାକି**
ଅନୁସୃଜନ: **ଡ. ସୂଚନା ପାଢ଼ୀ**

ହ୍ୟାଲୋ, ହ୍ୟାଲୋ, ମିସେସ୍ ସାଫେଲ୍ଟନ୍! ଘରେ ଅଛନ୍ତି?

– ଘର ଭିତରୁ ଶୁଣାଗଲା– ନମସ୍କାର। ବାହାରକୁ ଆସି ପନ୍ଦର ବର୍ଷୀୟା କିଶୋରୀ ବୀରା କହିଲା– ଭିତରକୁ ଆସନ୍ତୁ। ମାଉସୀ ବାହାରକୁ ଯାଇଛନ୍ତି ସାଙ୍ଗେ ସାଙ୍ଗେ ଫେରିଆସିବେ।

– ଠିକ୍ ଅଛି, ଅପେକ୍ଷା କରିବି।

ଆଗନ୍ତୁକ ଥିଲେ ମିଷ୍ଟର ନଟେଲ। ବୀରାର ଅନୁରୋଧକ୍ରମେ ଡ୍ରଇଂରୁମ୍‌ରେ ପ୍ରବେଶ କରି ଚୌକିରେ ବସିଲେ। କହିଲେ– ତୁମ ମାଉସୀ ମୋ' ଭଉଣୀର ସାଙ୍ଗ। ଡାକ୍ତର ମୋତେ ଜଳବାୟୁ ପରିବର୍ତ୍ତନ ପାଇଁ କହିବାରୁ ମୁଁ ଏ ସ୍ଥାନକୁ ଆସିଛି। ଆଗରୁ ବି ଥରେ ଆସିଥିଲି। ମିସେସ୍ ସାଫେଲ୍ଟନ୍‌ଙ୍କୁ ଅଯଥା ପ୍ରଶଂସା କରି କରି ଅନେକ ଗପି ଚାଲିଥା'ନ୍ତି।

– ଆପଣ ମାଉସୀଙ୍କ ବିଷୟରେ କିଛି ଶୁଣିନାହାନ୍ତି? ଦୁର୍ଘଟଣା କଥା ଜାଣିନାହାନ୍ତି? ମଉସା ଚାଲିଯିବା କଥା ବି?

– ମୁଁ କେବଳ ତାଙ୍କ ନାଁ ଓ ଠିକଣା ହିଁ ଜାଣିଛି। କ'ଣ ହେଲା, କି କଥା?

– ବଗିଚା ଆଡ଼କୁ ଦେଖନ୍ତୁ... ଦେଖନ୍ତୁ ସେଇ ଖୋଲା ଝରକା।

ମିଷ୍ଟର ନଟେଲ୍ ଦେଖିଲେ ବଗିଚାମୁହାଁ ବଡ଼ ଝରକାଟି ଖୋଲା ଅଛି।

– ସେଇ ଝରକା କବାଟ ଆଜିପର୍ଯ୍ୟନ୍ତ ମାଉସୀ ଖୋଲା ରଖିଛନ୍ତି।

– କାହିଁକି?

– ତିନି ବର୍ଷ ପୂର୍ବେ... ଠିକ୍ ତିନିବର୍ଷ... ଘଟଣା କ'ଣ କି... ତିନିବର୍ଷ ପୂର୍ବେ ମାଉସୀଙ୍କର ଦୁଇଭାଇ ଓ କୁକୁରକୁ ସାଙ୍ଗରେ ନେଇ ମଉସା ଶିକାର କରିବାକୁ ଏଇ ଝରକା ବାଟେ ଡେଇଁକି ଯାଇଥିଲେ। ଠିକ୍ ଝରକା ପାଖରେ ବିରାଟ ପଙ୍କଭର୍ତ୍ତି ଗାତଟିଏ ଥିଲା। ଜାଣି ନ ପାରି ମଉସା ଗାତକୁ ଖସି ପଡ଼ିଲେ। ସେତେବେଳେ ଖରାଦିନ, ସବୁଆଡ଼େ ଶୁଖିଲା ଖଡ଼ଖଡ଼ ଅଥଚ ଏ ଜାଗାରେ ପଙ୍କଭର୍ତ୍ତି! ବିରାଟ ଗାତ! ପୋଷା କୁକୁରର ବି ପତ୍ତା ମିଳିଲା ନାହିଁ। ଆଜିପର୍ଯ୍ୟନ୍ତ କାହାର ଶବ ମିଳିନି। ସେଇଦିନଠାରୁ ମାଉସୀ ଝରକା କବାଟ ଖୋଲା ରଖି ବାହାରକୁ ଅନେଇ ବସି ରହୁଛନ୍ତି। ଯାହାକୁ ଦେଖିଲେ କହୁଛନ୍ତି ସେମାନେ ଫେରିବେ, ସେଥିପାଇଁ ଝରକା ଖୋଲା ରଖିଛି ପରା!



– ଓଃ... ଆହା... ଆହା... କେତେ ଦୁଃଖ! ଏକା ସାଙ୍ଗରେ ସମସ୍ତେ ଚାଲିଗଲେ!

– ହଁ ପରା। ମାଉସୀ ଏକଥା ମୋତେ ଅନେକ ଥର କହିଛନ୍ତି। କହିବାବେଳେ ଦୁଃଖରେ ଭାଙ୍ଗିପଡ଼ନ୍ତି। କହନ୍ତି, ତୋ' ମଉସା ସେଦିନ ଧଳା ଜ୍ୟାକେଟ୍ ପିନ୍ଧିଥିଲେ, କାନ୍ଧରେ ୱାଟରପ୍ରୁଫ୍ କୋଟ୍ ଝୁଲେଇଥିଲେ, ମୋ' ସାନ ଭାଇ ରୋଜି ଗୀତ ଗାଇଗାଇ ତାଙ୍କ ସାଙ୍ଗରେ ଯାଉଥିଲା, ମଝିଆ ଭାଇ ବ୍ରେଟି, ଯିଏ ସବୁବେଳେ ମୋତେ ଚିଡ଼ାଏ ସେ କୁକୁରକୁ ଧରିଥିଲା। କ'ଣ ହେଲା କାହିଁକି ଏମିତି ଦୁର୍ଘଟଣା ଘଟିଲା କେଜାଣି! ସେବେଠୁ ତ ମାଉସୀଙ୍କୁ ସେଇ ଦୁଃଖଦ ସ୍ମୃତି ଆବୋରି ରଖିଛି। ପାଗଳୀ ପରି ହୋଇଯାଇଛନ୍ତି, ଝରକା ଆଡ଼କୁ ଚାହିଁ ଚାହିଁ କହୁଛନ୍ତି– ଖୋଲାଥାଉ, ସେମାନେ ଆସିବେ। ଖୋଲାଥାଉ...!

ମିଷ୍ଟର ନଟେଲ ଓ ବୀରା ଗପସପରେ ମଜିଥିବାବେଳେ ମିସେସ୍ ସାଫେଲ୍ଟନ୍ ଘରକୁ ଫେରିଆସିଲେ।

– ନମସ୍କାର ମିସେସ୍ ସାଫେଲ୍ଟନ୍।

– ନମସ୍କାର। ବୀରା ଠିକ୍ ଭାବରେ ଅତିଥି ଚର୍ଚ୍ଚା କରିଛି ତ?

– ହଁ... ହଁ... ବ୍ୟସ୍ତ ହୁଅନ୍ତୁନି। ବୀରାଠାରୁ ସବୁ ଶୁଣିଲି।

ଆଶ୍ଚର୍ଯ୍ୟ ହୋଇ ମିସେସ୍ ସାଫେଲ୍ଟନ୍ ପଚାରିଲେ– କ'ଣ ଶୁଣିଲେ?

– ଧୈର୍ଯ୍ୟହରା ହୁଅନ୍ତୁନି। ସ୍ୱରରେ ଥିଲା ସମବେଦନା।

ମିଷ୍ଟର ନଟେଲ୍‌ଙ୍କ କଥାକୁ ଗୁରୁତ୍ୱ ଦେଲେ ନାହିଁ ମିସେସ୍ ସାଫେଲ୍ଟନ୍।

ସେଦିନର ଗୋଧୂଳି ସମୟ। ଶିକାର ସାରି ଫେରିଆସିଲେ ମିଷ୍ଟର ସାଫେଲ୍ଟନ୍, ତାଙ୍କର ଦୁଇ ଶଳା ଓ କୁକୁର। ସମସ୍ତେ ଏକାଠି ବସି ଚାହାପାନ ନିମନ୍ତେ ପ୍ରସ୍ତୁତ ହେଲେ।

ମିଷ୍ଟର ସାଫେଲ୍ଟନ୍ ଓ ଅନ୍ୟମାନଙ୍କ ଫେରିବା ଦେଖି ବୀରା ଭୟରେ ଥରିବାକୁ ଲାଗିଲା। ସମସ୍ତେ ସେହି ଖୋଲାଥିବା ଝରକା ବାଟେ ହିଁ ଘରକୁ ଆସିଥିଲେ। ବିଚାରା କୁକୁର ହାଲିଆ ହୋଇ ଧୀରେ ଧୀରେ ଚାଲୁଥିଲା। ସମସ୍ତଙ୍କ ଲୁଗା ଧୂଳି ଧୂସରିତ, ଠାଏଠାଏ ମଇଳା ଲାଗିଥିଲା।

ମିସେସ୍ ସାଫେଲ୍ଟନ୍ ମିଷ୍ଟର ନଟେଲ୍‌ଙ୍କୁ ଶୁଣାଇ ଶୁଣାଇ କହିଲେ– ପୁରୁଷ ଲୋକମାନେ କାର୍ପେଟ ଉପରେ ମଇଳା ପାଦ ରଖି ଦିଅନ୍ତି, ଜମା ଦେଖନ୍ତିନି। ଆଜି ବୋଧେ ଶିକାର ପାଇଁ ବେଶୀ ପକ୍ଷୀ ନ ଥିଲେ, ତେଣୁ ଶୀଘ୍ର ଫେରି ଆସିଲେ।

ମୃତ ମଣିଷମାନେ କେମିତି ଘର ଭିତରକୁ ପଶି ଆସିଲେ ଭାବି ଭାବି ମିଷ୍ଟର ନଟେଲ୍ ଭୟରେ ଥରିବାକୁ ଲାଗିଲେ। ମନେମନେ ଭାବିଲେ ଏମାନେ ନିଶ୍ଚୟ ଭୂତ।

ମିଷ୍ଟର ନଟେଲଙ୍କ ଭୟଭୀତ ଅବସ୍ଥା ଦେଖି ବୀରା କହିଲା– ମାଉସୀ! ନଟେଲ୍ ମଉସା ଆମ କୁକୁରକୁ ଦେଖି ଖୁବ୍ ଡରିଯାଇଛନ୍ତି।

– କାହିଁକି? କାରଣ କ'ଣ?

– ଦିନେ ନଟେଲ୍ ମଉସା ଗଙ୍ଗାନଦୀ କୂଳରେ ବୁଲୁଥିଲେ, ଦଳେ କୁକୁର ତାଙ୍କୁ ଦେଖି ଭୁକିବା ଆରମ୍ଭ କରିଦେଇଥିଲେ... ଗୋଡ଼େଇଥିଲେ ତ... ସେବେଠୁ କୁକୁର ଦେଖିଲେ... କହିବାବେଳେ ବୀରାର ପାଟି ଥରୁଥିଲା।

– ବୀରା! ମିଛ କହିବାର ସୀମା ଅଛି। କେତେଦିନ ଏମିତି ମିଛ କହି ଚାଲିଥିବୁ? ସେ ଭଦ୍ରଲୋକ ଆମ ବିଷୟରେ କି ଧାରଣା କରିଥିବେ?

ତଳକୁ ମୁହଁ ପୋତି ବୀରା ଚୁପ୍ ରହିଲା।

ପ୍ରକୃତ କଥା ହେଲା– ସେଇଦିନ ହିଁ ମିଷ୍ଟର ସାଫେଲ୍ଟନ୍ ଶଳାମାନଙ୍କ ସହିତ କୁକୁର ଧରି ଶିକାର କରିବାକୁ ବଗିଚା ପାଖ ଝରକାବାଟେ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଫେରିଆସିବେ ବୋଲି ମିସେସ୍ ସାଫେଲ୍ଟନ୍ ଝରକା ବନ୍ଦ କରି ନ ଥିଲେ। ସେଇ ଖୋଲା ଝରକା ଦେଖାଇ ମିଷ୍ଟର ନଟେଲ୍‌ଙ୍କୁ ମିଛ ଗପ ଶୁଣାଇଥିଲା ବୀରା। ସେ ବି କିଛି ନ ଜାଣି ବିଶ୍ୱାସ କରିଥିଲେ। ବିଶ୍ୱାସ କରିବାର କାରଣ ତାଙ୍କର ଟିକେ ମସ୍ତିଷ୍କ ବିକୃତି ଥିଲା। ତେଣୁ ସେମାନଙ୍କୁ ଶିକାରରୁ ଫେରିବା ଦେଖି ଭୂତ ଭାବି ଖୁବ୍ ଡରିଗଲେ, ଚମକି ପଡ଼ିଲେ। ହେ ପ୍ରଭୁ ରକ୍ଷାକର... ହେ ପ୍ରଭୁ ରକ୍ଷାକର କହି କହି ଏକମୁହାଁ ହୋଇ ବାହାରକୁ ଧାଇଁ ଧାଇଁ ପଳେଇଥିଲେ।

ମିସେସ୍ ସାଫେଲ୍ଟନ୍‌ଙ୍କୁ ପ୍ରକୃତ କଥା ବୁଝିବାକୁ ଡେରି ଲାଗିଲା ନାହିଁ। ରାଗିଯାଇ କହିଲେ– ମିଛେଇ ବୀରା! ମିଛ କହିବା ବନ୍ଦ କର, ପନ୍ଦର ବର୍ଷର ଝିଅ ହେଲୁଣି ପ୍ରକୃତି ପରିବର୍ତ୍ତନ କର। ଲାଜ ଲାଗୁନି... ଏତେ ମିଛ ସତ ଯୋଡ଼ି ଗପ କହୁଛୁ... ଲାଜ ଲାଗୁନି... ଛି... ଛି...।

ମୋ: ୯୪୩୮୬୦୪୮୬୫

# ଦିନେ ଥିଲେ ଐଶ୍ୱର୍ଯ୍ୟର ଅଧିକାରୀ

କହିବାକୁ ଗଲେ ଭାରତରେ ଅରବପତି ଓ କୋଟିପତିଙ୍କ ଅଭାବ ନାହିଁ। ଗତ ଅକ୍ଟୋବର ୧୨ରେ ଫୋର୍ବସ ଭାରତର ୧୦୦ ଧନୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶ କରିଛି। ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ରାଧାକ୍ରିଷ୍ଣ ଦମାନୀ, ସାଇରସ୍ ପୁନାୱାଲା ଏବଂ ଶିବ ନାଦରଙ୍କ ସମେତ ଅନେକ ବିଲିୟନେୟାର ଏହି ତାଲିକାରେ ସ୍ଥାନ ପାଇଛନ୍ତି। କିଛି ବର୍ଷ ପୂର୍ବେ ଅନିଲ ଅମ୍ବାନୀ, ବିଜୟ ମାଲ୍ୟା, ନୀରବ ମୋଦିଙ୍କ ଭଳି କୋଟିପତିଙ୍କ ନାମ ଭାରତର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ସମୟ ଏଭଳି ବଦଳିଲା ଯେ ଆଜି ଏହି ସମସ୍ତ ବ୍ୟବସାୟୀ ଅତି ଖରାପ ସ୍ଥିତି ଦେଇ ଗତି କରୁଛନ୍ତି। କିଛି ବର୍ଷ ପୂର୍ବେ ଏହି ବିତ୍ତଶାଳୀମାନେ ପ୍ରତିଦିନ ବହୁ କୋଟି ଟଙ୍କା ରୋଜଗାର କରୁଥିଲେ। ଆଜି ଅର୍ଥ ଉପାର୍ଜନ ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। କେତେଜଣଙ୍କ ପାଖରେ ଅଳ୍ପବହୁତ ଟଙ୍କା ରହିଥିଲେ ମଧ୍ୟ ଋଣବୋଝରେ ସେମାନେ ବୁଡ଼ି ରହିଛନ୍ତି। ସେମାନଙ୍କ ଋଣଭାର ମୋଟ ସମ୍ପତ୍ତିଠୁ ବଳିଯାଇଛି। ସମ୍ପତ୍ତି ଅର୍ଜିବା ଯେତିକି ସହଜ, ତାହାକୁ ବଜାୟ ରଖିବା ସେତିକି ସହଜ ନୁହେଁ। ଏହି ଚର୍ଚ୍ଚିତ ଅରବପତିଙ୍କ ଜୀବନ କାହାଣୀରୁ ଏହାର ପ୍ରାମାଣ ଦିଏ।



**ଲୋକେ ସର୍ବଦା କୋଟିପତିଙ୍କ ସଫଳତାର କାହାଣୀରୁ କିଛି ଶିଖିବାକୁ ଚାହାଁନ୍ତି। କାରଣ ଜୀବନରେ ଆଗକୁ ବଢ଼ିବା ପାଇଁ ପ୍ରାୟତଃ ଏହି ଲୋକମାନଙ୍କ ଉଦାହରଣ ଦିଆଯାଏ। କିନ୍ତୁ ଭାରତରେ ଅନେକ କୋଟିପତିଙ୍କ କାହାଣୀର ଉଦାହରଣ କେହି ଦେବାକୁ ଚାହାନ୍ତି ନାହିଁ, ଯେଉଁମାନେ ଭୁଲ୍ ବାଟରେ ଯାଇ ଆର୍ଥିକ ଦୁଃସ୍ଥିତି ମଧ୍ୟକୁ ଠେଲି ହୋଇଯାଇଛନ୍ତି।**

**- ଉପସ୍ଥାପନା: ମିହିର କାନ୍ତ ଦାସ**



## ଅନିଲ ଅମ୍ବାନୀ

ଭାଗ୍ୟ କିଭଳି ଜଣେ ବ୍ୟକ୍ତିଙ୍କୁ ସିଂହାସନରୁ ଚଟାଣକୁ ଫିଙ୍ଗିଦେଇଛି ତାହା ଦେଖିବାକୁ ମିଳିଛି ରିଲାଏନ୍ସ ଗ୍ରୁପ୍‌ର ଚେୟାରମ୍ୟାନ ଅନିଲ ଅମ୍ବାନୀଙ୍କ କ୍ଷେତ୍ରରେ। ୨୦୦୮ରେ ସେ ବିଶ୍ୱର ଅଷ୍ଟମ ଧନୀ ବ୍ୟକ୍ତି ଥିଲେ। ସେତେବେଳେ ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୪୨ ବିଲିୟନ ଡଲାର ଥିଲା। ଏକଦା ତାଙ୍କ ସମ୍ପତ୍ତି ବଡ଼ଭାଇ ମୁକେଶ ଅମ୍ବାନୀଙ୍କଠାରୁ ଅଧିକ ଥିଲା। କିନ୍ତୁ ୨୦୧୦ ପରଠାରୁ ତାଙ୍କ ଅଧୀନରେ ଥିବା କମ୍ପାନୀଗୁଡ଼ିକର ବ୍ୟାପକ କ୍ଷତି ଏବଂ ବ୍ୟାଙ୍କ ଋଣ ବୋଝ ବଢ଼ିଯିବା ଯୋଗୁ ସେ ଆର୍ଥିକ ଦୁଃସ୍ଥିତି ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଏଭଳିସ୍ଥଳେ ୨୦୧୯ରେ ଅନୀଲଙ୍କ ପାଇଁ ସଙ୍କଟର ମୁହୂର୍ତ୍ତ ଆସି ପହଞ୍ଚିଥିଲା। ସୁପ୍ରିମକୋର୍ଟ ଏକ ମାମଲାର ରାୟ ଶୁଣାଇ ଇରିକ୍‌ସନ ଏବିସ୍ ଇଣ୍ଡିଆ ୟୁନିଟ୍‌କୁ ପ୍ରାୟ ୭୭ ନିୟୁତ ଆମେରିକୀୟ ଡଲାର ଦେବା ପାଇଁ ଅନିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟଥା ଜେଲ ଯିବାକୁ ନିର୍ଦ୍ଦେଶ ଥିଲା। ସେ ଜେଲ ଯିବା ପ୍ରାୟ ନିଶ୍ଚିତ ଜଣାପଡୁଥିବାବେଳେ ତାଙ୍କୁ ବଡ଼ଭାଇ ମୁକେଶ ଅମ୍ବାନୀ ସେହି ଦୁଃସ୍ଥିତିରୁ ଶେଷ ମୁହୂର୍ତ୍ତରେ ବଞ୍ଚାଇଥିଲେ। ୨୦୨୦ ଫେବୃୟାରୀରେ ଅନୀଲ ବ୍ରିଟେନ କୋର୍ଟରେ ନିଜକୁ ଦେବାଳିଆ ଘୋଷଣା କରିବା ସହ ତାଙ୍କର ସମ୍ପତ୍ତି ମୂଲ୍ୟ ଶୂନ ହୋଇଯାଇଥିବା ଦର୍ଶାଇଥିଲେ।

## ମେହୁଲ ଚୋକ୍‌ସି

ସମ୍ପ୍ରତି ଆଣ୍ଟିଗୁଆ ଓ ବର୍‌ବୁଡା ଭଳି ଦେଶରେ ଲୁଚିଛପି ରହୁଥିବା ମେହୁଲ ଚୋକ୍‌ସିଙ୍କ ନାମ ଫେରାର ଭାରତୀୟ ବ୍ୟବସାୟୀଙ୍କ ତାଲିକାରେ ପ୍ରମୁଖ ସ୍ଥାନ ପାଇଛି। କିନ୍ତୁ ଏକ ସମୟ ଥିଲା, ଯେତେବେଳେ ସେ ସବୁପ୍ରକାର ଐଶ୍ୱର୍ଯ୍ୟକୁ ନିଜ ପକେଟ୍‌ରେ ଧରି ବୁଲୁଥିଲେ। ଭାରତରେ ୪,୦୦୦ ଷ୍ଟୋର ଥିବା ଅଳଙ୍କାର କମ୍ପାନୀ ଗୀତାଞ୍ଜଳି ଗ୍ରୁପ୍‌ର ମାଲିକ ଭାବେ ତାଙ୍କର ବେଶ୍ ଖାଦି ଥିଲା। ୧୪,୦୦୦ କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ସ୍କାମ୍ ଏବଂ ମନିଲଣ୍ଡରିଂ ମାମଲାରେ ଛନ୍ଦି ହୋଇଯିବା ପରେ ସେ ୨୦୧୮ରେ ଦେଶରୁ ଫେରାର୍ ହୋଇ ଆଣ୍ଟିଗୁଆ ପଳାଇଯାଇଥିଲେ। ସେଠାରେ ତାଙ୍କର ୨୦୧୭ରୁ ନାଗରିକତା ରହିଛି। ବ୍ୟାଙ୍କ ଅର୍ଥ ଅସୁଲ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚୋକ୍‌ସିଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବା ଆରମ୍ଭ କରିଥିଲା। କିନ୍ତୁ ଆଜି ବି ସେ ଭାରତୀୟ ତଦନ୍ତ ଏଜେନ୍ସିଗୁଡ଼ିକଠାରୁ ବହୁ ଦୂରରେ ରହିଛନ୍ତି। ସଫଳ ବିଲିୟନେୟାର ଭାବେ ଜଣାଶୁଣା ଏହି ବିଶିଷ୍ଟ ବ୍ୟବସାୟୀ ଏବେ ଠକ, ଅପରାଧୀ ଭାବେ ପରିଗଣିତ ହେଉଛନ୍ତି। ୨୦୧୮ ସୁଦ୍ଧା ମେହୁଲ ଚୋକସିଙ୍କ ମୋଟ ସମ୍ପତ୍ତି ମୂଲ୍ୟ ପ୍ରାୟ ୧,୧୪୨ କୋଟି ଟଙ୍କା ଥିଲା। ୨୦୨୨ରେ ଏହା ପ୍ରାୟ ୨୩ କୋଟି ଟଙ୍କାକୁ ଖସି ଆସିଛି।






## ପ୍ରମୋଦ ମିତ୍ତଲ

ଷ୍ଟିଲ୍ ଟାଇକୁନ୍ ଭାବେ ପରିଚିତ ପ୍ରମୋଦ ମିତ୍ତଲ ଦିନେ ବ୍ରିଟେନ୍‌ରେ ସବୁଠୁ ଧନଶାଳୀଙ୍କ ମଧ୍ୟରେ ଗଣାଯାଉଥିଲେ। ବ୍ରିଟେନରେ ଅବସ୍ଥାପିତ ଏବଂ ସାରା ବିଶ୍ୱରେ ଜଣାଶୁଣା ଭାରତୀୟ ଷ୍ଟିଲ୍ ମାଗ୍‌ନେଟ୍ ଲକ୍ଷ୍ମୀନାରାୟଣ ମିତ୍ତଲଙ୍କ ଭାଇ ଭାବେ ପ୍ରମୋଦଙ୍କ ମଧ୍ୟ ସ୍ୱତନ୍ତ୍ର ପରିଚୟ ଥିଲା। ଐଶ୍ୱର୍ଯ୍ୟ, ସମ୍ମାନ ତାଙ୍କ ପାଦ ଚୁମୁଥିଲା, ଯାହାକି କିଛି ବର୍ଷ ମଧ୍ୟରେ ଧୂଆଁ ହୋଇଯାଇଥିଲା। ସ୍ଥିତି ଏଭଳି ହୋଇଥିଲା ଯେ, ଲଣ୍ଡନର ଏକ କୋର୍ଟରେ ସେ ନିଜକୁ ବଡ଼ ଦେବାଳିଆ ଭାବେ ଘୋଷଣା କରିଥିଲେ। ଅନେକ ଫ୍ରଡ୍ କେସ୍‌ରେ ଛନ୍ଦି ହେବା କାରଣରୁ ପ୍ରମୋଦ ମିତ୍ତଲଙ୍କ ନାମ ସବୁବେଳେ ବିବାଦରେ ରହିଆସିଛି। କିନ୍ତୁ ୨୦୨୦ରେ ସେ ଅଧିକ ଦୁଃସ୍ଥିତି ମଧ୍ୟକୁ ଠେଲି ହୋଇଯାଇଥିଲେ। ନୁର୍ ଗେଟ୍ ଇଣ୍ଡଷ୍ଟ୍ରି ଲିମିଟେଡ୍ କମ୍ପାନୀର ୧୩୮୪ କୋଟି ଟଙ୍କା ଦେଇପାରି ନ ଥିଲେ। ଆର୍ଥିକ ସଙ୍କଟରୁ ବଞ୍ଚିବା ପାଇଁ ସେ ବହୁତ ଚେଷ୍ଟା କରିଥିଲେ। କିନ୍ତୁ ଫ୍ରଡ୍ କେସ୍ ପାଇଁ ୨ ମାସ ତାଙ୍କୁ ଜେଲରେ ରହିବାକୁ ପଡ଼ିଥିଲା। ବର୍ତ୍ତମାନ ପ୍ରମୋଦ ପ୍ରାୟ ୨୪,୧୫୫ କୋଟି ଟଙ୍କା ଋଣଭାର ମୁଣ୍ଡାଇଛନ୍ତି। ଆଜି ତାଙ୍କର ସମ୍ପତ୍ତି କେବଳ ଶୂନ ହୋଇଯାଇନି, ସାଧାରଣ ଜୀବନ ଧାରଣ କରିବା ତାଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଛି।

## ନୀରବ ମୋଦି




ପଳାତକ ବ୍ୟବସାୟୀଙ୍କ ତାଲିକାର ଆଉ ଏକ ଚର୍ଚ୍ଚିତ ନାମ ହେଲା ନୀରବ ମୋଦି। ଦିନେ ତାଙ୍କୁ ହୀରା ବ୍ୟବସାୟର ବାଦ୍‌ଶାହା କୁହାଯାଉଥିଲା। ଆପରାଧିକ ଷଡ଼ଯନ୍ତ୍ର, ଦୁର୍ନୀତି, ମନିଲଣ୍ଡରିଂ, ଠକେଇ ଏବଂ ଚୁକ୍ତି ଭଙ୍ଗ ଆଦି ମାମଲାରେ ୨୦୧୮ରୁ ସେ ଭାରତ ସରକାର ଏବଂ ଇଣ୍ଟରପୋଲର ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ଗୁଜରାଟର ୫୧ ବର୍ଷୀୟ ନୀରବ ମୋଦି ତାଙ୍କ ସଂସ୍ଥା ପାଇଁ ବିଦେଶରୁ କଞ୍ଚାମାଲ ଆମଦାନୀ ସକାଶେ ଜାଲିଆତି କରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ବ୍ୟାଙ୍କ ଗ୍ୟାରେଣ୍ଟି ବା ଲେଟର ଅଫ୍ ଅଣ୍ଡରଟେକିଂ (ଏଲ୍‌ଓୟୁ) ହାସଲ କରିଥିଲେ। ଉକ୍ତ ଏଲ୍‌ଓୟୁ ଜରିଆରେ ନୀରବ ପିଏନ୍‌ବିରୁ ୧୧, ୫୦୦ କୋଟି ଟଙ୍କାର ଋଣ ପାଇଯାଇଥିଲେ। କିନ୍ତୁ ତାହାକୁ ଶୁଝିପାରି ନ ଥିଲେ। ପିଏନ୍‌ବି ପକ୍ଷରୁ ଅଭିଯୋଗ ହେବା ପରେ ତାଙ୍କ ଜାଲଆତି ପଦାକୁ ଆସିଥିଲା। କିନ୍ତୁ ଏହାର ୨୮ ଦିନ ପୂର୍ବରୁ ଅର୍ଥାତ୍ ୨୦୧୮ ଜାନୁୟାରୀ ୧ରେ ନୀରବ ଦେଶ ଛାଡ଼ି ବ୍ରିଟେନ ପଳାଇଥିଲେ। ପିଏନ୍‌ବିର ଅଭିଯୋଗ କ୍ରମେ ନୀରବ ଏବଂ ତାଙ୍କ ମାମୁ ତଥା ଅନ୍ୟତମ ପଳାତକ ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ବିରୋଧରେ ୨ ବିଲିୟନ୍ ଡଲାରର ଠକେଇ ମାମଲା ରୁଜୁ ହୋଇଛି। ସିବିଆଇର ଅନୁରୋଧକ୍ରମେ ଲଣ୍ଡନର ୱେଷ୍ଟ ମିନିଷ୍ଟର କୋର୍ଟ ୱାରେଣ୍ଟ ଜାରି କରିବା ପରେ ୨୦୧୯ ମାର୍ଚ୍ଚ ୨୦ରେ ନୀରବଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ପ୍ରତ୍ୟର୍ପଣ କରି ଆଣିବା ପାଇଁ ଭାରତ ସରକାରଙ୍କ ଉଦ୍ୟମ ଚଳାଇଛନ୍ତି। ନୀରବଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇପାରିବ ବୋଲି ଗତବର୍ଷ ଫେବୃୟାରୀ ୨୫ରେ ସ୍ଥାନୀୟ କୋର୍ଟ ରାୟ ଦେଇଥିଲେ। ଏହି ରାୟ ବିରୋଧରେ ନୀରବ ରୟାଲ କୋର୍ଟ୍ସ ଅଫ୍ ଜଷ୍ଟିସ୍‌ରେ ଆବେଦନ କରି ନିରାଶ ହୋଇଥିଲେ। ଏହାପରେ ଲଣ୍ଡନ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ନଭେମ୍ବର ୯ରେ ତାଙ୍କ ଅପିଲ୍ ପିଟିଶନକୁ ଲଣ୍ଡନ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହାପରେ ତାଙ୍କୁ ଭାରତ ଅଣାଯିବା ବାଟ ଏକପ୍ରକାର ଖୋଲିଛି। ବର୍ତ୍ତମାନ ଲଣ୍ଡନର ୱାର୍ଡ୍‌ସୱର୍ଥ ଜେଲ୍‌ରେ ଥିବା ନୀରବଙ୍କୁ କେବେ ମୁମ୍ବାଇର ଆର୍ଥର ରୋଡ୍ ଜେଲକୁ ଅଣାଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ରାନବାକ୍ସି ସିଂ ବ୍ରଦର୍ସ



ବିଲିୟନେୟାରରୁ କାରାଗାର ଜୀବନ କାଟିଥିବା ବ୍ୟବସାୟୀଙ୍କ ମଧ୍ୟରେ ରହିଛନ୍ତି ରାନବାକ୍ସି ସିଂ ବ୍ରଦର୍ସ। ଦୁଇଭାଇ ମଲବିନ୍ଦର ମୋହନ ସିଂ ଏବଂ ଶିବିନ୍ଦର ମୋହନ ସିଂ ୧୯୯୯ରେ ଉତ୍ତରାଧିକାରୀ ସୂତ୍ରରୁ ଜେଜେବାପା ଭାଇମୋହନ ସିଂଙ୍କଠାରୁ ପ୍ରସିଦ୍ଧ ଫାର୍ମା କମ୍ପାନୀ 'ରାନବାକ୍ସି'ର ୩୩.୫% ଶେୟାର ହାସଲ କରିଥିଲେ। ଉକ୍ତ କମ୍ପାନୀ ୧୯୫୨ରେ ପ୍ରତିଷ୍ଠା ହୋଇଥିବାବେଳେ ତାହାକୁ ଭାଇମୋହନ ସିଂ କିଣିଥିଲେ। କମ୍ପାନୀର ନାଁ ଏଭଳି ଥିଲା ଯେ, ୨୦୦୮ରେ ଏହାର କାରବାର ପ୍ରାୟ ୨ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚି ଯାଇଥିଲା। ଦୁଇଭାଇ ଭାରତର ୨୦ଜଣ ବିତ୍ତଶାଳୀଙ୍କ ତାଲିକାରେ ସ୍ଥାନ ପାଇଥିଲେ। ହେଲେ ସେମାନେ ଉତ୍ତରାଧିକାର ସୂତ୍ରରେ ପାଇଥିବା ରାନବାକ୍ସିର ୩୩.୫% ଅଂଶଧନକୁ ୨୦୦୮ ଜୁନ୍‌ରେ ଜାପାନର ଜଣେ ଔଷଧ ନିର୍ମାତାଙ୍କୁ ୨ ବିଲିୟନ ଡଲାରରେ ବିକ୍ରି କରିଦେଇଥିଲେ। ଏହାପରେ ଦୁଇଭାଇଙ୍କ ଉପରେ ଏହା ଆଶା ଥିଲା ଯେ ସେମାନେ ୨ଗୁଣ ବେଗରେ ସେମାନଙ୍କ ସମ୍ପତ୍ତି ବଢ଼ାଇବେ। କିନ୍ତୁ କେତେକ ତ୍ରୁଟିପୂର୍ଣ୍ଣ ବ୍ୟବସାୟିକ ଯୋଜନା ଏବଂ ନିବେଶ ଯୋଗୁ ସେମାନଙ୍କୁ କ୍ରମଶଃ ସମ୍ପତ୍ତି ହରାଇବାକୁ ପଡ଼ିଥିଲା। ଏଥିଯୋଗୁ ସେମାନେ ବିପୁଳ ଟଙ୍କାର ଋଣ ବୋଝରେ ଛନ୍ଦି ହୋଇଯାଇଛନ୍ତି। ୨୦୧୯ ଅକ୍ଟୋବର ୧୦ରେ ଦୁଇଭାଇଙ୍କୁ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିନେଇଥିଲା। ବ୍ୟାଙ୍କର, ବ୍ୟବସାୟୀ ଓ ଏଜେଣ୍ଟଙ୍କ ବିଶ୍ୱାସ ଭଙ୍ଗ, ଠକେଇ ଆଦି ଅଭିଯୋଗ ସେମାନଙ୍କ ନାମରେ ରହିଛି।

## ବିଜୟ ମାଲ୍ୟା




ବିଶିଷ୍ଟ ମଦ ବ୍ୟବସାୟୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏବଂ ଆଇପିଏଲ୍ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କ୍ରିକେଟ ଦଳର ପୂର୍ବତନ ମାଲିକ ଭାବେ ଦେଶବିଦେଶରେ ଏକ ଜଣାଶୁଣା ନାଁ ହେଉଛି ବିଜୟ ମାଲ୍ୟା। କିଙ୍ଗଫିସର ଏୟାରଲାଇନ୍ସର ପ୍ରତିଷ୍ଠାତା ମାଲ୍ୟାଙ୍କ ସମ୍ପତ୍ତି ମୂଲ୍ୟ ୨୦୦୮ରେ ପ୍ରାୟ ୭୨ ବିଲିୟନ ଆମେରିକୀୟ ଡଲାର ଥିଲା। ସେତେବେଳେ ସେ ବିଶ୍ୱର ୯୬୨ତମ ଧନୀ ବ୍ୟକ୍ତି ଭାବେ ଗଣତି ହୋଇଥିଲେ। ଏଥିସହିତ ସେ ଭାରତର ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ୪୨ତମ ସ୍ଥାନ ଅଧିକାର କରିଥିଲେ। ସମ୍ପ୍ରତି ସେ ଘୋର ଦୁର୍ଦ୍ଦିନ ମଧ୍ୟରେ ଗତି କରୁଛନ୍ତି। ଭାରତର ୧୭ ବ୍ୟାଙ୍କରୁ ୯,୦୦୦ କୋଟି ଟଙ୍କା ଋଣନେଇ ସେ ବ୍ରିଟେନ ପଳାଇଛନ୍ତି। ମାଲ୍ୟାଙ୍କୁ ଭାରତ ପ୍ରତ୍ୟର୍ପଣ ପାଇଁ ବ୍ରିଟେନ କୋର୍ଟରେ ମାମଲା ଚାଲିଛି। 'ଭଲ ସମୟର ରାଜା' କୁହାଯାଉଥିବା ମାଲ୍ୟା କିଛି ବର୍ଷ ପୂର୍ବେ ପାଣି ଭଳି ଟଙ୍କା ଖର୍ଚ୍ଚ କରୁଥିଲେ। କିନ୍ତୁ ସେହି ପୁରୁଣା ଜୀବନଶୈଳୀ ପାଇଁ ସେ ଆଜି ସ୍ୱପ୍ନ ଦେଖୁଛନ୍ତି। ଭାରତ ସରକାର ମାଲ୍ୟାଙ୍କୁ ପଳାତକ ଘୋଷଣା କରିଛନ୍ତି। ଭାରତରେ ଅବସ୍ଥିତ ତାଙ୍କର ସମସ୍ତ ସମ୍ପତ୍ତିକୁ ସରକାର ନିଲାମ କରିଛନ୍ତି। ୨୦୨୨ରେ ବିଜୟ ମାଲ୍ୟାଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୧.୨ ବିଲିୟନ ରହିଛି। ଏଥିରୁ ତାଙ୍କୁ ୧ ବିଲିୟନ ଡଲାର ଋଣ ପରିଶୋଧ କରିବାକୁ ପଡ଼ିବ।

## ରାମଲିଙ୍ଗା ରାଜୁ



ଆଇଟି ସଫ୍ଟୱେୟାର ୱାର୍ଲ୍ଡରେ ବି. ରାମଲିଙ୍ଗା ରାଜୁଙ୍କ ନାମ ଅତି ସମ୍ମାନର ସହ ନିଆଯାଉଥିଲା। ସେ ୧୯୮୭ରେ ସତ୍ୟମ୍ କମ୍ପ୍ୟୁଟର ସର୍ଭିସ୍ କମ୍ପାନୀ ଆରମ୍ଭ କରିଥିଲେ। ସେ ବିକାଶର ଏଭଳି ରାସ୍ତା ବାଛି ନେଇଥିଲେ ଯେ, ୨୦୦୮ ପର୍ଯ୍ୟନ୍ତ ତାଙ୍କ କମ୍ପାନୀ ସଫଳତାର ଶୀର୍ଷ ଛୁଇଁଥିଲା। କମ୍ପାନୀର କାରବାର ୨ ବିଲିୟନ ଡଲାର ହୋଇଯାଇଥିଲା। ଭାରତର ଚତୁର୍ଥ ବୃହତ୍ ଆଇଟି ସଫ୍ଟୱେୟାର କମ୍ପାନୀ ଭାବେ ତାଙ୍କ ସଂସ୍ଥା ପରିଚୟ ହାସଲ କରିଥିଲା। ନିଜ କମ୍ପାନୀକୁ ୧ ନମ୍ବର ସ୍ଥାନରେ ପହଞ୍ଚାଇବାକୁ ସ୍ୱପ୍ନ ଦେଖୁ ଦେଖୁ ସେ ବିଫଳ ପଥର ଯାତ୍ରୀ ହୋଇଯାଇଥିଲେ। ରିୟଲ ଇଷ୍ଟେଟ୍ କାରବାରରେ ପୁଞ୍ଜିନିବେଶ କରିବା ପାଇଁ ସେ କିଛି ବର୍ଷ ଧରି କମ୍ପାନୀର ପ୍ରଫିଟ୍ ଏବଂ ରେଭିନ୍ୟୁ ଅଙ୍କକୁ ବଢ଼ାଇଚଢ଼ାଇ ପ୍ରଦର୍ଶନ କରିଥିଲେ। ନିଜ କମ୍ପାନୀର ଇନ୍‌ଭେଷ୍ଟର୍ସ ଏବଂ ଶେୟାର ହୋଲ୍ଡରମାନଙ୍କୁ ଲମ୍ବା ସମୟ ଧରି ଧୋକାରେ ରଖିଥିଲେ ଏବଂ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ରିୟଲ ଇଷ୍ଟେଟ୍‌ରେ ଲଗାଇ ଦେଇଥିଲେ। କିନ୍ତୁ ମାନ୍ଦାବସ୍ଥା ଯୋଗୁ ରିୟଲ ଇଷ୍ଟେଟ୍‌ରେ ତାଙ୍କର ସମସ୍ତ ଅର୍ଥ ବୁଡ଼ିଯାଇଥିଲା। ଏହାପରେ ତାଙ୍କ ଫ୍ରଡ୍ ଲୋକଲୋଚନକୁ ଆସିଯାଇଥିଲା। ୨୦୧୫ରେ ରାମଲିଙ୍ଗା ରାଜୁଙ୍କୁ ଫ୍ରଡ୍ ଏବଂ ଫଣ୍ଡ ମାନ୍ୟୁପୁଲେଶନ ମାମଲାରେ ଜେଲ ଯିବାକୁ ପଡ଼ିଥିଲା।

## ରମେଶ ଚନ୍ଦ୍ରା



ଖଡ଼ଗପୁର ଆଇଆଇଟିରୁ ଷ୍ଟ୍ରକଚରାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିବା ରମେଶ ଚନ୍ଦ୍ରା ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଏକ ପରିଚିତ ବ୍ୟକ୍ତିତ୍ୱ। ୪ ସହଯୋଗୀଙ୍କ ସହ ମିଶି ରମେଶ ୧୯୭୨ରେ ପ୍ରତିଷ୍ଠା କରିଥିଲେ ସଏଲ ଇନ୍‌ଭେଷ୍ଟିଗେଶନ କମ୍ପାନୀ 'ୟୁନିଟେକ୍'। ୧୯୮୬ରେ ଏହି ସଂସ୍ଥା ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ପ୍ରବେଶ କରି ଖୁବ୍ ଖ୍ୟାତି ଅର୍ଜନ କରିଥିଲା। ଗୁରୁଗ୍ରାମ, ଉତ୍ତରପ୍ରଦେଶ ସମେତ ଲିବ୍ୟା ଏବଂ ମଧ୍ୟପୂର୍ବ ଦେଶଗୁଡ଼ିକରେ ମଧ୍ୟବିତ୍ତଙ୍କ ପାଇଁ ଗୃହ ନିର୍ମାଣ ଏବଂ ମର୍ଯ୍ୟାଦାସମ୍ପନ୍ନ ପ୍ରକଳ୍ପଗୁଡ଼ିକୁ ସମ୍ପନ୍ନ କରି ୟୁନିଟେକ୍ ସଫଳତାର ଶୀର୍ଷ ଛୁଇଁଥିଲା। ଫୋର୍ବସ୍ ଗ୍ଲୋବାଲ ୨୦୦୦ ତାଲିକାର ୧୪୮୪ ର୍‍ୟାଙ୍କରେ ଏହି ସଂସ୍ଥା ସ୍ଥାନ ପାଇଥିଲା। ୨୦୦୭ରେ ରମେଶ ଚନ୍ଦ୍ରା ଏବଂ ତାଙ୍କ ପୁଅଙ୍କ ସମ୍ପତ୍ତି ୧୧ ବିଲିୟନ ଡଲାରରେ ପହଞ୍ଚିଥିଲା। ୨୦୦୮ରେ ମାନ୍ଦାବସ୍ଥା ଯୋଗୁ କମ୍ପାନୀର କାରବାର କ୍ରମଶଃ ଧିମେଇ ଯାଇଥିଲା। ଏଭଳିସ୍ଥଳେ ରମେଶ ଟେଲିକମ୍ ସେକ୍ଟରରେ ପ୍ରବେଶ କରି ମସ୍ତବଡ଼ ଭୁଲ୍ କରିଦେଇଥିଲେ। ୨ଜି ସ୍କାମ୍‌ରେ ରମେଶ ଓ ତାଙ୍କ ଦୁଇ ପୁଅ ସଞ୍ଜୟ ଏବଂ ଅଜୟ ଚନ୍ଦ୍ରାଙ୍କ ନାମ ଯୋଡ଼ିହୋଇଯାଇଥିଲା। ସ୍ପେକ୍ଟ୍ରମ୍ ଲାଇସେନ୍ସ ପାଇଁ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେବା ଅଭିଯୋଗରେ ସିବିଆଇ ୨୦୧୧ରେ ସଞ୍ଜୟ ଚନ୍ଦ୍ରାଙ୍କୁ ଗିରଫ କରିଥିଲା। ସେହିପରି ୨୦୧୬ ଜାନୁୟାରୀ ୧୧ରେ ଠକେଇ ଅଭିଯୋଗରେ ସିବିଆଇ ଦ୍ୱାରା ରମେଶ ଚନ୍ଦ୍ରାଙ୍କୁ ଗିରଫ ହୋଇଥିଲେ।

# ପାହା ପାହା ରାତିରେ

ପ୍ରତିଭା ଶତପଥୀ

ଝପ୍‌କିନା ଡେଇଁ ପଡ଼ିଲା ଖରା–
ସଞ୍ଜ ନଇଁଲା,
ତା’ ଆଗରୁ ମୁଁ ଦୌଡ଼ି ପଳେଇଯିବି ବସିଲି,
ଦୂରରୁ ଦୂରକୁ, କିଏ ମୋ’ ଚାରି ପାଖେ
ଆଗରେ ପଛରେ ମୁଁ ଚାହିଁନି ଆଉ–

କାହାର ଆବେଗଭର୍ତ୍ତି ଢଳଢଳ ଆଖି
ଆଦରର ଭାବ, ରାକ୍ଷୀ, ଶାଢ଼ି, ଜୋତା
ଆହୁରି କେତେ ଚିଜ, ଗେହ୍ଲା ସ୍ୱର ଭାଇର
ନିଦୁଆ ଦେହ ଉପରେ ଆଉଁଶା
ସମୁଦ୍ର ଓ ନଈର ଉତ୍ତାଳ ସୁଅ
ମନେହେଲା ଏକାପରି, ସତ

ସେହି ଶିଖ୍ ଯୁବକର ପଗଡ଼ି
ତା’ ଗଭୀର ଶବ୍ଦର ଉଚ୍ଚାର,
କୋଉଠି ଛପି ରହିଥିଲା କେଜାଣି
ଏଇଲେ ଦିଶିଗଲା ତ !
ପଡ଼ିଶାଘର କରଞ୍ଜ ଫୁଲ
ବାଡ଼ିର ନାଲି ପିଜୁଳି, ବଣମଲ୍ଲୀ
ସମସ୍ତେ ଚାଲିଥାନ୍ତି, ନିଜ ନିଜ ବାଗରେ
ମୋ’ ସାଙ୍ଗରେ,
ମୁଁ ଯେ ଛୁଇଁପାରୁନି କି
ଛାଡ଼ିପାରୁନି କାହାକୁ
ଭୁଲି ସାରିଲିଣି ବାଟ– ମତେ ଦେଖାଇ ଦିଅ ତ !

ଅବୁଝା ମନ ମୋର, ଖୋଜେ କେତେ କ’ଣ,
ପାଏଁ ନପାଏଁ, ଏତେ ସମ୍ଭାର ଭିତରେ
ମୁଁ ଏକା ହେଇଯାଏ,
କର୍କଶ କଥା ପଦକ କାହାର
ଶେଳ ବିନ୍ଧେ ଛାତିରେ,
ଚାହିଁଲେ ଆକାଶର ରଙ୍ଗ ବଦଳ, ରୂପ ବଦଳ
କେତେ ଗଛ ସୁଲୁସୁଲୁ ପବନରେ
ପତ୍ର ହଲାନ୍ତି, କୋଉ ଗଛ ହାଣଖାଏ କୋଉଠି
ମତେ ଦିଶିଯାଏ ତା’ର ଝର୍ଝର ରକ୍ତ–

ଜାଣେ, ଛାଡ଼ିଯାଇ ପାରିବି ନାହିଁ ତୁମକୁ
ଧରି ରଖିପାରିବି ନାହିଁ ଚିରକାଳ,
ଏଇ ଆଗକୁ ଗୋଡ଼କାଢ଼ିବା
ଉଡ଼ିଯିବା ସତେ କି,
ସମ୍ଭାବନା କିଛି–

ଶଢ଼େଇରନ୍ଧା ଭାତର ଉଲ୍ଲାସ ବି
କୁରୁଳି ଉଠେ ଭିତରେ
ଘାଏଁଘାଏଁ ବର୍ଷା ଶ୍ରାବଣର
ଛୁଟି ଆସେ, ଟପିଯାଏ ମତେ–
ଧମନୀରେ ହାଡ଼ ମାଂସରେ
ସତଟିଏ ଉକୁଟି ଉଠେ–
ମୁଁ ଯିବି ନାହିଁ, ଯାଇପାରିବି ନାହିଁ
ଆଉ କୁଆଡ଼େ
ନିଶ୍ଚିତ ଯଦି ଯିବି
ଫେରି ଆସିବି ଟିକେ ପରେ
ପାହା ପାହା ରାତିରେ ।

*ବି– ୩/୨*
*ଚନ୍ଦ୍ରମା ହାଉସିଂ କମ୍ପ୍ଲେକ୍ସ*
*ଖାରବେଳନଗର, ୟୁନିଟ୍–୩, ଭୁବନେଶ୍ୱର–୧*

# ଭଲ କବିତା

ପ୍ରବାସିନୀ ମହାକୁଡ଼

ଦିନେ ଭଲ କବିତା ଖୋଜିବାକୁ ଗଲି
ପଢ଼ିଲି ଭାଗବତ, ସାରଳା ଦାସ, ଭୀମ ଭୋଇ
କାଳିଦାସ ଓମର ଖୈୟାମ୍ ଲାଲନଫକୀର ନେରୁଦା

ଯାହା ବୁଝିଲି ସେ ସବୁ ଥିଲେ
ମୋ’ ବୁଝିବା କ୍ଷମତାଠୁ ଅନେକ ଊର୍ଦ୍ଧ୍ୱରେ
ମାମୁଲି ପ୍ରବାସିନୀ ଭଲ କବିତା ଖୋଜିବାକୁ ଯାଇ
ନିଜେ କବିତା ହେଇଗଲା
କେବେ ଶବ୍ଦ ଆଉ ଅର୍ଥଙ୍କ ସହ
କେବେ ଆବେଗ ଆଉ ଭଲ ପାଇବା ସହ
ତା’ ଆଖିରୁ ଝରିପଡ଼ିଲେ
ଉଦାରତାର ପ୍ରିୟ ରଙ୍ଗସବୁ ଲୁହ ସହ
ମନରୁ ଝରିପଡ଼ିଲେ ବିଭୋରପଣ

ହୃଦୟରୁ କବିତାର ପ୍ରଥମ ସ୍ଫୁରଣରେ
ଅନ୍ୟମନସ୍କ ହେଇଗଲି

ମା’ ବାପା କହୁଥିଲେ–
‘ଜୀବନକୁ ଭଲପାଅ,
ମଣିଷକୁ ଭଲପାଅ ।’
କବିତାକୁ ଭଲପାଇବା ଭିତରେ
ମଣିଷକୁ ଜୀବନକୁ ଭଲ ପାଇଲି
ଏ ଭଲ ପାଇବା ଲାଗିରହିଲା
ଚିରକାଳ ଆତ୍ମାରେ

ଆହୁରି କବିତା ପଢ଼ିଲି
କିଛି କବିତା ଗୁଣୁଗୁଣେଇଲି
କିଛି ନିଜ ପାଖରେ ରଖିଲି
କିଛି ବହିକୁ ଫେରେଇଦେଲି

ଏବେ ମୁଁ ଭଲ କବିତା ଖୋଜେନି
ନିଜେ ହିଁ କବିତା ହେଇଯାଇଛି
ଜଣେ କାହାର ଚାହିଁବାପଣରେ ।

# ନାଟକ

କେଦାର ମିଶ୍ର

କ୍ରମଶଃ ଗୋଟେ ଆଲୋକର ବୃତ୍ତ
ସଂକୁଚିତ ହୋଇ ତୀବ୍ରତର ହୋଇ
ପଡ଼ିରହେ ଆମ ଉପରେ ।

ଆମେ ବୋଧହୁଏ
ବଗିଚାରୁ ସଦ୍ୟ ତୋଳା ହୋଇଥିବା
ଦୁଇଟି ଧଳା ମନ୍ଦାର
ପବନରେ ଝଡ଼ି ପଡ଼ିଥିବା
ଦୁଇଟି ଦେଶୀ ଆମ୍ବ
ନଈକୂଳରେ ବନ୍ଧା ହୋଇଥିବା ଦୁଇଟି ନଉକା
ମାର୍ବଲରେ ଖୋଦା ହୋଇଥିବା
ଦୁଇଟି ଜୀବନହୀନ ମୂର୍ତ୍ତି ।

ଅନ୍ଧାର ହଟିବା ପରେ
ଅଜସ୍ର ଆମର ପରିଚୟ
ଅସଂଖ୍ୟ ଆମର କାହାଣୀ
ଦୃଶ୍ୟମାନ ହେଉଛି ଯାହା
ସେ ପଥରର ପ୍ରାଣ ନା ପ୍ରାଣର ପଥର ?
ଆଲୋକରେ ଉଦ୍ଭାସିତ ସେ କାହାର ଇତିହାସ ?
ଏ ଚିତ୍ର ଗ୍ୟାଲେରିର ଖାଲି କାନ୍‌ଭାସ
ଧଳାରଙ୍ଗର ଇତିହାସରେ କେଉଁଠି ତମେ ?
କେଉଁଠି ମୁଁ ?

କେବେ ଆମେ ମଣିଷ ଥିଲେ
କେବେ ଆମେ ଲେଖିଥିଲେ ଆମ ନିଜର
ମହାପୁରାଣ
କେବେ ଆମେ ପ୍ରେମ ଲାଗି ଯୁଦ୍ଧ ଜିତିଥିଲେ
କୁରୁକ୍ଷେତ୍ରରେ, ପାନିପଥ କି ପଲାସୀରେ
କେବେ ଆମେ ରାଜାରାଣୀ ହୋଇ
ଠିଆ ହୋଇଥିଲେ
ଦେବତା ନଥିବା ଦୁଇଟି ମନ୍ଦିର, ଭୁବନେଶ୍ୱରରେ ।

ଆମେ ଆଲୋକ ବୃତ୍ତରେ କେବଳ ଦୁଇ ହଳ ଆଖି
ଏ ଆଖି ସମୁଦ୍ର
ସେ ଆଖି ମରୁଭୂମି
ଏ ଆଖିରେ ପ୍ରଚୁର ଲୁଣ
ସେ ଆଖିରେ ପ୍ରଚଣ୍ଡ ଖରା
ଏ ଆଲୋକବୃତ୍ତରେ କେବଳ ଦୁଇଟି ବିନ୍ଦୁ
ଦୁଇଟି ଶୂନ୍ୟସ୍ଥାନ ।

ଆଜିର ନାଟକ ଏଇଠି ସରିଲା ବନ୍ଧୁଗଣ !
ଏବେ ମଞ୍ଚ ଖାଲି
ଏବେ ପୃଥିବୀ କେବଳ ଗୋଟେ ସନ ସନ
ନୀରବତାର ଇଲାକା
ଏବେ ଆପଣମାନେ ନିଜ ନିଜ ଦର୍ପଣରେ
ଦେଖନ୍ତୁ ମୋତେ
ଦେଖନ୍ତୁ ମୋର ପ୍ରେମିକାକୁ
ଦେଖନ୍ତୁ ଆମର ପ୍ରେମକୁ ।

ଫେରିଯା’ନ୍ତୁ ନିଜନିଜର ମଞ୍ଚକୁ, ନିଜ ନିଜର
ପ୍ରେମକୁ ।

ମୋ: ୯୪୩୭୧୫୪୪୪୫


# ଅନେକ ଆହ୍ବାନ



**ଦୁଇବର୍ଷରୁ ଊର୍ଦ୍ଧ୍ୱକାଳ ସମଗ୍ର ବିଶ୍ୱରେ ଜନଜୀବନକୁ ବିପନ୍ନ କରିଦେଇଥିବା କରୋନା ମହାମାରୀ ଅବଶେଷରେ ପଛକୁ ହଟିଛି। ଇତି ମଧ୍ୟରେ ଆମ ରାଜ୍ୟ ସମେତ ଅନେକ ସ୍ଥାନରେ ମହାମାରୀ ଜନିତ କଟକଣାକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯାଇଛି। ଅଣ୍ଟା ସଳଖି ଠିଆହେବା ଲାଗି ଏବେ ଆମ ସାମ୍ନାରେ ଅନେକ ଆହ୍ବାନ ଉଭାହେଲାଣି...**

**ଡା. ନିତ୍ୟାନନ୍ଦ ସ୍ବାଇଁ**

୨୦୧୯ ମସିହା ନଭେମ୍ବର-ଡିସେମ୍ବରରେ ଆମେ କରୋନା ଭାଇରସ୍‌ର ସଂକ୍ରମଣ ସହ ପରିଚିତ ହୋଇଥିଲେ। ମାସ କେଇଟା ଭିତରେ ତାହା ଧାରଣ କରିପକେଇଲା ବିଶ୍ୱବ୍ୟାପୀ ମହାମାରୀର ରୂପ। ଲକ୍‌ଡାଉନ୍-ଶଟ୍‌ଡାଉନ୍, କଣ୍ଟେନ୍‌ମେଣ୍ଟ ଏରିଆ, ସୋସିଆଲ ଡିଷ୍ଟାନ୍‌ସିଂ, ସଙ୍ଗରୋଧ, ପୃଥକ୍‌ବାସ ଇତ୍ୟାଦି ଜାରି କରାଗଲା। ବନ୍ଦ



ରହିଲା ଦୋକାନ ବଜାର, ସଭାସମିତି, ମେଳା ମହୋତ୍ସବ। ସ୍କୁଲଘଣ୍ଟା, ୟୁନିଫର୍ମ, ସ୍କୁଲବ୍ୟାଗ, ବ୍ଲାକ୍‌ବୋର୍ଡ, ବେଞ୍ଚ, ପରୀକ୍ଷା ଇତ୍ୟାଦିରୁ ଛାତ୍ରୀଛାତ୍ର ନିର୍ବାସିତ ହୋଇଗଲେ ଅନ୍‌ଲାଇନ୍ କ୍ଲାସକୁ। ଅବଶେଷରେ କୋଭିଡ-୧୯ ପଛକୁ ହଟିଯିବା ବାଧ୍ୟ ହୋଇଛି। ହେଲେ ଆମର ଚିହ୍ନାଜଣା ପୃଥିବୀଟାକୁ ପାଲଟେଇ ଦେଇଛି ଅନେକ ଭାବରେ।

ଏବେ ଆମକୁ ଗ୍ରାସ କରିଛି ଏକ ଅନିଶ୍ଚିତତା। ଭବିଷ୍ୟତର ପରିଣାମ ଚିନ୍ତା । ଘରେ ଟଙ୍କା ପଇସା ନ ଥିବାର ଚିନ୍ତା, ଦରମା କାଟ ଯୋଗୁ ଅଳ୍ପ ଦରମାରେ ଘର ଚଳେଇବା ଓ ପିଲାଙ୍କୁ ସ୍କୁଲ କଲେଜରେ ପଢ଼େଇବାର ଚିନ୍ତା, ଚାକିରି ଖଣ୍ଡକ ଚାଲିଯିବାର ଚିନ୍ତା, ବେପାର ବୁଡ଼ିଯିବାର ଚିନ୍ତା, ଦାଦନ ଶ୍ରମିକ ଓ ଦିନ ମଜୁରିଆମାନେ ମଜୁରି ଖଟିବାରୁ ବଞ୍ଚିତ ହୋଇପଡ଼ିବାର ଚିନ୍ତା ଇତ୍ୟାଦି। ବଢ଼େଇ ବଢ଼େଇ ଚାଲିଛି ଲୋକମାନଙ୍କର ମାନସିକ ଚାପ। ସର୍ବଦା ଅତିମାତ୍ରାରେ ଉତ୍କଣ୍ଠିତ ଓ ଅବସାଦଗ୍ରସ୍ତ ରହିବା ଫଳରେ ସୁସ୍ଥମନରେ ସମସ୍ୟାଗୁଡିକର ସଫଳ ମୁକାବିଲା କରିବା ଅନେକଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ। ଗ୍ରାମାଞ୍ଚଳରେ ଏହି ପ୍ରକାରର ଦୁଶ୍ଚିନ୍ତା ସମସ୍ୟା ବେଶି ଉତ୍କଟ।

ପୃଥିବୀରେ ସଂଘଟିତ ୨୦ଟି ବଡ଼ ମହାମାରୀ ଭିତରୁ ପାଞ୍ଚଟି ମହାମାରୀ ଘଟିଯାଇଛି ବିଗତ ୨୦ ବର୍ଷ ଭିତରେ । ମହାମାରୀ ବ୍ୟାପିବାର ପଶ୍ଚାତ୍‌ରେ ରହିଛି ଜନସଂଖ୍ୟା ବିସ୍ଫୋରଣ, ଦ୍ରୁତ ସହରୀକରଣ ଏବଂ ବର୍ଦ୍ଧିଷ୍ଣୁ ପ୍ରତ୍ୟାଶିତ ଆୟୁକାଳ। ଗମନା ଗମନରେ ଉନ୍ନତି ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଯାତାୟାତ ସୁଗମ ହୋଇଯାଇଛି। ଫଳରେ ପ୍ରୋତ୍ସାହନ ମିଳିଯାଉଛି ମହାମାରୀର ପ୍ରସାରକୁ। ଚିହ୍ନଟ ହେବାର ମାତ୍ର ୭ ମାସ ଭିତରେ କୋଭିଡ୍-୧୯ ସାରା ବିଶ୍ୱକୁ କାବୁ କରିଦେଲା।

ଜମା ଗୋଟିଏ ଜାତିର ଭାଇରସ ହେଉଛି କରୋନା ଭାଇରସ୍। ଅଥଚ ଆଧୁନିକ ଜ୍ଞାନ ବଳରେ ବଳୀୟାନ ବିଶ୍ୱର ସମସ୍ତ ଚିକିତ୍ସା ବିଶେଷଜ୍ଞଙ୍କ ପାଇଁ ଉଭା କରିଦେଲା ଏକ ଭୟାବହ ଆପଦ୍‌କାଳୀନ ଅବସ୍ଥା। ଅର୍ଥନୈତିକ ପ୍ରଳୟ ରଚି ପଙ୍ଗୁ କରିଦେଲା ବୈଶ୍ୱିକ ଅର୍ଥନୀତିକୁ।

ଶିଶୁମାନଙ୍କ ମନସ୍ତତ୍ତ୍ୱ ସମ୍ପର୍କିତ ଗବେଷଣା କରୁଥିବା ବିଜ୍ଞାନୀମାନଙ୍କର ମତ, କରୋନା ପରିସ୍ଥିତି ବିପର୍ଯ୍ୟସ୍ତ କରିଦେଇଛି ଶିକ୍ଷା ବ୍ୟବସ୍ଥାକୁ। ଅନ୍‌ଲାଇନ୍ ଶିକ୍ଷା ଗ୍ରହଣ ଫଳରେ ଛାତ୍ରୀଛାତ୍ରମାନଙ୍କ ହାତକୁ ଆସିଗଲା ସ୍ମାର୍ଟଫୋନ୍। ଏବେ ଅନ୍‌ଲାଇନ୍ ଶିକ୍ଷାକୁ ସଙ୍କୁଚିତ କିର ଦିଆଯାଇଛି। କିନ୍ତୁ ଏହି ବୟସରେ ପିଲାମାନଙ୍କଠାରେ ଭଲ-ଖରାପ ବୁଝିପାରିବାର ଶକ୍ତି ବିକାଶ ଲାଭ କରି ନ ଥାଏ। କ'ଣ ଦେଖିବା ଉଚିତ ଓ କ'ଣ ଦେଖିବା ଉଚିତ ନୁହେଁ, ଏହା ସେମାନେ ଜାଣନ୍ତିନି। ଗୋଟିଏ ଦିଗରେ ଘୃଣ୍ୟ ଓ ବିଦ୍ୱେଷମୂଳକ ବିଷୟବସ୍ତୁ, ଅନ୍ୟ ଦିଗରେ ଯୌନ ଉଦ୍ଦୀପକ ବିଷୟ। ଇଣ୍ଟରନେଟ୍‌ର ସହଜଲଭ୍ୟ ଯୋଗୁ ପିଲାମାନଙ୍କଠାରେ ମୋବାଇଲ ଫୋନ୍ ଓ ଡିଜିଟାଲ ମିଡ଼ିଆ ପ୍ରତି ଆସକ୍ତିକୁ କିପରି ହ୍ରାସ କରାଯାଇପାରିବ, ତାହା ଏବେ ଏକ ବିରାଟ ସମସ୍ୟା ଭାବେ ଦଣ୍ଡାୟମାନ।

କୋଭିଡ ପରେ ଆମ ଶରୀରର ଏକାଧିକ ଅଙ୍ଗ ଏବେ ବ୍ୟାଧି ସମ୍ବେଦନଶୀଳ। ବୃଦ୍ଧି ପାଇଛି ନିମୋନିଆ, ଆଜ୍‌ମା, ଫୁସ୍‌ଫୁସ୍ ରୋଗ, ଜ୍ୱର କାଶ ସର୍ଦ୍ଦି, ତଣ୍ଟିବ୍ୟଥା, ଗଣ୍ଠିଯନ୍ତ୍ରଣା, ହାଟ୍‌ଆଟାକ୍, ବ୍ରେନ୍ ଆଟାକ୍ ବା ଷ୍ଟ୍ରୋକର ହାର। ଯୁବକ, ଯୁବତୀ ସମ୍ପ୍ରତି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ବେଶି ଆକ୍ରାନ୍ତ । ଏବେ ସାମାଜିକ ମୂଲ୍ୟବୋଧ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଘରେ ରହି ବୃତ୍ତିଗତ କାର୍ଯ୍ୟ କରିବା ଯୋଗୁ ପାରିବାରିକ କଳହ ଓ ଘରୋଇ ହିଂସା ସାଙ୍ଗକୁ ଶାରୀରିକ ନିର୍ଯାତନା ଏବଂ ଆତ୍ମୀୟମାନଙ୍କ ଦ୍ୱାରା ଯୌନ ନିର୍ଯାତନା ବୃଦ୍ଧି ପାଇଛି ବୋଲି ପ୍ରମାଣ ମିଳୁଛି। ଦାମ୍ପତ୍ୟ ଜୀବନ ହୋଇପଡ଼ିଛି ବେଶି ସଂଘର୍ଷମୟ। ମାତ୍ର ଏହା ଅନସ୍ୱୀକାର୍ଯ୍ୟ ଯେ କୋଭିଡ ମହାମାରୀର ସବୁକିଛି ନେତିବାଚକ ନୁହେଁ। ସମ୍ପ୍ରତି ପରିମଳ ବ୍ୟବସ୍ଥା ପ୍ରତି ବୃଦ୍ଧି ପାଇଛି ସଚେତନତା। ଶରୀରର ରୋଗ ପ୍ରତିରୋଧକ ଶକ୍ତିର ଉନ୍ନତି ଘଟିଛି। ଅଳ୍ପ ସମୟ ଭିତରେ ସମ୍ଭବ ହୋଇପାରିଛି ପ୍ରତିଷେଧକ ଟିକାର ଉଦ୍ଭାବନ। ବାର୍ଡ ଫ୍ଲୁ, ସ୍ୱାଇନ୍ ଫ୍ଲୁ, ହ୍ୟାଣ୍ଡ ଫୁଟ ଓ ମାଉଥ୍ ଡିଜିଜ, ମଙ୍କିପକ୍ସ ଆଦି ଭୂତାଣୁରୋଗ ସଂକ୍ରାନ୍ତ ଗବେଷଣାକୁ ଅଗ୍ରାଧିକାର ମିଳିବା ସହ ଭବିଷ୍ୟତର ଭୂତାଣୁ ମହାମାରୀଗୁଡିକର ସନ୍ତୋଷଜନକ ପରିଚାଳନା ଦିଗରେ ପ୍ରାପ୍ତ ହୋଇପାରିଛି ପ୍ରଚୁର ଅଭିଜ୍ଞତା। ଲକ୍‌ଡାଉନ୍, ଶଟ୍‌ଡାଉନ୍, ସ୍କୁଲ କଲେଜ ବନ୍ଦ, ଘରେ ରହି ଅଫିସ୍ କାମ କରିବା ଓ କର୍ମସ୍ଥଳକୁ ଯାଇ କାମ କରିବାର ଅନୁକୂଳ ଓ ପ୍ରତିକୂଳ ପ୍ରଭାବ ଇତ୍ୟାଦିର ସାମାଜିକ ଓ ମନସ୍ତାତ୍ତ୍ୱିକ ଦିଗ ଏବେ ଗବେଷଣା ସାପେକ୍ଷ। ଏଥିରୁ ଶିକ୍ଷା ମିଳିଲା ଯେ ମହାମାରୀ ସମସ୍ୟାର ଆଶୁ ତଥା ସଫଳ ସମାଧାନରେ ସମସ୍ତଙ୍କର ସହଯୋଗ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ରୋଗ ସୃଷ୍ଟିକାରୀ ଭାଇରସଗୁଡିକ ପୃଥିବୀରେ ରହିବେ ହିଁ ରହିବେ। ଆମେମାନେ ପୃଥିବୀରେ ରହିବୁ ହିଁ ରହିବୁ। ଭାଇରସଗୁଡିକ ଦ୍ୱାରା ସଂକ୍ରମିତ ହେବୁ ହିଁ ହେବୁ। କିନ୍ତୁ ଏହି ସଂକ୍ରମଣ ଯେପରି ଅତିମାରୀ ବା ପାଣ୍ଡେମିକ ସ୍ତରରେ ପହଞ୍ଚି ନ ପାରିବ, ସେ ଦିଗରେ ସମୁଚିତ ପଦକ୍ଷେପ ନେବା ଅପରିହାର୍ଯ୍ୟ।





କ୍ଷୁଦ୍ରଗଳ୍ପ

# ପାପୀ ନୁହେଁ, ପାପକୁ !

**ତରୁଣ କୁମାର ସାହୁ**

ସଞ୍ଜବେଳେ ଧୀରେଧୀରେ ଚାଲିଚାଲି ଆସି ନଈକୂଳର ପାର୍କରେ ଥିବା ସିମେଣ୍ଟ ବେଞ୍ଚ ଉପରେ ବସି ନାରଙ୍ଗୀ ରଙ୍ଗର ସୂର୍ଯ୍ୟାସ୍ତ ହେଉଥିବାର ଦୃଶ୍ୟ ଅନେକ ସମୟଧରି ଉପଭୋଗ କରିବା ଏକରକମ ସବୁଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି ଶଙ୍କରବାବୁଙ୍କର। ପ୍ରାୟ ଘଣ୍ଟାଏ ପାଖାପାଖି ବସିରହନ୍ତି ସେଇଠି, ସେଇ ସିମେଣ୍ଟ ବେଞ୍ଚ ଉପରେ, ଏକାକୀ। ନୀରବତାର ସମ୍ମୋହନୀ ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ବଶୀଭୂତ ହେବାଭଳି ଜଣାପଡ଼ନ୍ତି।

ସେଇଠି ବସିବସି ଏକାକୀ ସୂର୍ଯ୍ୟାସ୍ତକୁ ଉପଭୋଗ କରୁଥିବା ସମୟରେ ବେଳେବେଳେ ତାଙ୍କର ନଜର ଟାଣିହୋଇଯାଏ ଅଦୂରରେ ଥିବା ଗାନ୍ଧୀଙ୍କର ପ୍ରତିମୂର୍ତ୍ତି ଆଡ଼କୁ। ଆଣ୍ଠୁ ଲୁଚୁ ନ ଥିବା ଧୋତି, ହାତରେ ବାଡ଼ି, ଆଖିରେ ଚଷମା ଆଉ ଓଠରେ ସ୍ମିତହସ। ସାଧାରଣ ମଣିଷଟାଏ, ଅଥଚ କି ଅସାଧାରଣ! ଯେ ଭାରତରେ ଜନ୍ମଗ୍ରହଣ ନ କରିଥିଲେ ଏବଂ ଯେଉଁ ସମୟରେ ଜନ୍ମଗ୍ରହଣ କଲେ ସେଇ ସମୟରେ ଜନ୍ମି ନ ଥିଲେ କ'ଣ ହୋଇଥା'ନ୍ତା ଭାରତବର୍ଷର! ଏମିତି ପରାଧୀନ ହୋଇ ରହିଥା'ନ୍ତା ଆହୁରି କିଛିବର୍ଷ। ଏଯାବତ୍।

ଗାନ୍ଧିଜୀ ମୁହଁକୁ ଅନେଇଲେ ଶଙ୍କରବାବୁଙ୍କ ମନ ଭିତରକୁ ଅନେକ ପ୍ରକାର ଭାବନା ଠେଲିହୋଇ ପଶିଆସନ୍ତି ବିଚିତ୍ର ଭାବନାସବୁ। ଅହିଂସା କଥା ଗାନ୍ଧୀ କହୁଥିଲେ। ଆତଙ୍କବାଦୀମାନଙ୍କୁ ଏହି ଅହିଂସା ବଳରେ କ'ଣ ଜିଣିହେବ? କାବୁ କରିହେବ? ହୃଦୟ ପରିବର୍ତ୍ତନ କରିହେବ? ଛୁଆଠୁ ବୁଢ଼ାମାନଙ୍କ ଉପରେ ଆଖିବୁଜା ଗୁଳି ଚଳାଇପାରୁଥିବା ଏଇ ନର-ପିଶାଚମାନଙ୍କର ହୃଦୟ ବୋଲି କିଛି ଅଛି ତ?

ଯେଉଁମାନେ ଦୁଷ୍କର୍ମ କରୁଛନ୍ତି! ଚାରିବର୍ଷର ଝିଅକୁ ବଳାତ୍କାର କରି କାଳେ ସେ କାହା ଆଗରେ କହିଦେବ ବୋଲି ତାକୁ ଜୀବନରୁ ମାରିଦେବାକୁ ଚିନ୍ତା କରୁଥିବା ଜଘନ୍ୟ ହତ୍ୟାକାରୀକୁ କେମିତି ବଦଳେଇଥା'ନ୍ତେ ଗାନ୍ଧୀ? ଅହିଂସା ଅସ୍ତ୍ର ପ୍ରୟୋଗ ଏଠି ସମ୍ଭବ ହୋଇଥା'ନ୍ତା କି? ଆଃ, ଗାନ୍ଧୀ ଏବେ ଥାଆନ୍ତେ କି! ସମଗ୍ର ବିଶ୍ୱ ଅନେଇ ରହନ୍ତା ତାଙ୍କ ଆଡ଼କୁ ସମାଧାନର ପନ୍ଥାଟିଏ ପାଇଁ। ହେଲେ, ଅହିଂସାର ପୂଜାରୀ ଗାନ୍ଧୀ ଶେଷରେ ତିନୋଟି ଗୁଳିର ଶିକାର ହୋଇ ବିଦାୟ ନେଲେ ପୃଥିବୀପୃଷ୍ଠରୁ। ଦୀର୍ଘଶ୍ୱାସଟିଏ ବାହାରିଆସେ ଶଙ୍କରବାବୁଙ୍କ ହୃଦୟ ଭିତରୁ।

ସେଦିନ ଥିଲା ରବିବାର। ଦିନବେଳର ଖାଦ୍ୟ ଖାଇସାରି ବେଶ୍ ଦୁଇଘଣ୍ଟା ବିଶ୍ରାମ ନେଲେ ଶଙ୍କରବାବୁ। ତା'ପରେ ଉଠି ଅଳ୍ପ ସମୟ ଦେଖିଲେ ଦୂରଦର୍ଶନରେ ଦେଉଥିବା ଖବରକୁ। ଦେଖିଲେ ଏବଂ ଶୁଣିଲେ। ଦିନକୁ ଚାରି/ପାଞ୍ଚଥର ଦୂରଦର୍ଶନରେ ଖବର ନ ଶୁଣିଲେ, ନ ଦେଖିଲେ ତାଙ୍କୁ ଭଲ ଲାଗେନାହିଁ। ଲାଗେ, ସେ ପଛେଇଯାଇଛନ୍ତି। ଦେଶ ଦୁନିଆରେ କ'ଣସବୁ ଘଟୁଛି ଜାଣିବା ନିହାତି ଦରକାର। ତା'ଛଡ଼ା ଅବସର ଗ୍ରହଣ କରିବା ପରେ ଆଉ କ'ଣ ବା କାମ ଅଛି ତାଙ୍କର! ଖବରକାଗଜ ପଢ଼ିବା, ବହି ପଢ଼ିବା, ବଜାରରୁ ସଉଦା ଆଣିବା, ପରିବା ଆଣିବା, ବେଳେବେଳେ ବ୍ୟାଙ୍କ୍ ଯିବା ଏବଂ ଏଇ ଦୂରଦର୍ଶନର ସମ୍ବାଦ ଦେଖିବା। ଅବଶ୍ୟ ପୁରୁଣା ସାଙ୍ଗସାଥୀଙ୍କ ସହ ବେଳେବେଳେ ଭେଟ ହୋଇଯାଏ ତାଙ୍କର। ଗପସପ ହୁଏ। ଆନନ୍ଦିତ ହୁଅନ୍ତି ଶଙ୍କରବାବୁ। ଆଉ ଘରେ କେବଳ ସ୍ତ୍ରୀଙ୍କ ସହ କଥାବାର୍ତ୍ତା ହୁଅନ୍ତି। ପୁଅ, ଝିଅ, ନାତି, ନାତୁଣୀ ସମସ୍ତେ ବାହାରେ।

ରବିବାରର ସଞ୍ଜବେଳେ ଚା' ପିଇ ପ୍ୟାଣ୍ଟ-ସାର୍ଟ ପିନ୍ଧିବା ପାଇଁ ପ୍ରସ୍ତୁତ ହେଲାବେଳେ ସ୍ତ୍ରୀ କହିଲେ, ''ସବୁଦିନ ତ ସଞ୍ଜବେଳେ ପାର୍କକୁ ଯାଉଛ, ଆଜି ରବିବାରଟାରେ ନ ଗଲେ ହୁଅନ୍ତା ନାହିଁ?''

- ''ଆରେ, ମୋର ଆଉ ରବିବାର, ସୋମବାର କ'ଣ? ଅବସର ପରେ ମୋ'ଲାଗି ସବୁ ବାର ରବିବାର। ଘରେ ବସିବସି କ'ଣ କରିବି?''

- ''ତମେ ସିନା ବୁଲିଯାଇ ମନ ଫୂର୍ତ୍ତି କରି ଚାଲିଆସୁଛ, ମୁଁ ଘରେ ବସିବସି କେତେ ବୋର୍ ହେଉଛି, ସେକଥା ଭାବିଛ କେବେ?'' ଅଭିମାନଭରା ସ୍ୱରରେ କହିଥିଲେ ସ୍ତ୍ରୀ ସୁନନ୍ଦା।

- ''ହଉ ସୁନନ୍ଦା ବୁଝିଗଲି। ଆସନ୍ତାକାଲି ତମେ ବି ବାହାରିବ ମୋ' ସାଙ୍ଗରେ। ସାଙ୍ଗ ହୋଇ ଦୁଇଜଣଯାକ ଯିବା ପାର୍କକୁ। ସେଠି ବସି ଦେଖିବା ନୀଳ ଆକାଶର ଦୃଶ୍ୟ। ଦେଖିବ, ଗାନ୍ଧୀଙ୍କର ହସ କେମିତି ଟାଣିନେବ ତମ ମନକୁ।''

- ''ଧେତ୍! ଏ ବୟସରେ ଆଉ ପାର୍କ ଯିବାର ସଉକ ନାହିଁ ମୋର। ଯଦି ଯିବାକୁ ଚାହୁଁଛ, ମଲ୍‌କୁ ଯିବା ସାଙ୍ଗ ହୋଇ। ଅଟୋରିକ୍ସା ଡାକିବା, ସାଙ୍ଗ ହୋଇ ମଲ୍‌କୁ ଯିବା ଆଉ କିଛି ଜିନିଷ ମୁଁ କିଣିବି।''

- ''ଆଚ୍ଛା! ତମ କଥା ହେଲା। ଆସନ୍ତାକାଲି ଯିବା ମଲ୍‌କୁ। ମୁଁ ଅଟୋରିକ୍ସା ଡାକିଦେବି। ସାଙ୍ଗ ହୋଇ ଯିବା।'' ସ୍ତ୍ରୀଙ୍କୁ ଖୁସି କରିବା ପାଇଁ ଏତକ କଥା କହିଲେ ଶଙ୍କରବାବୁ, ଯଦିଓ ଭିଡ଼ ଭିତରକୁ ପଶିବା ପାଇଁ ଆଦୌ ଭଲ ଲାଗେ ନାହିଁ ତାଙ୍କୁ।

ସେଇ ରବିବାର ଅପରାହ୍ଣରେ ପାର୍କରେ ସାମାନ୍ୟ ବିଳମ୍ବରେ ପହଞ୍ଚିଲେ ବି ତାଙ୍କର ପ୍ରିୟ ସିମେଣ୍ଟ ବେଞ୍ଚ ଉପରେ ବସିଲେ ଏବଂ ଦେଖିଲେ, ପଶ୍ଚିମ ଆକାଶରେ ଅସ୍ତ ହେଉଥିବା ସୂର୍ଯ୍ୟଙ୍କୁ। ତା'ପରେ ଅନେଇଲେ ଗାନ୍ଧୀଙ୍କ ମୂର୍ତ୍ତିକୁ। ଗାନ୍ଧୀଙ୍କର ସେଇ ହସହସ ମୁହଁ। ସେଇ ହସ ଭିତରେ ସତେ ଯେମିତି ଲୁଚିରହିଛି ପୃଥିବୀର ସବୁପ୍ରକାର ସମସ୍ୟାର ସମାଧାନ!

ହଠାତ୍ ସାମାନ୍ୟ କୋଳାହଳ ଏବଂ ଚାରିଜଣ ଯୁବକଙ୍କ ଉପସ୍ଥିତି ତାଙ୍କର ଧ୍ୟାନ ଆକର୍ଷଣ କଲା। ଚାରିଜଣଙ୍କ ଭିତରେ ଏବେକାର ସିନେମାର ଖଳନାୟକ ଭଳି ଦେଖାଯାଉଥିବା ଓ ବେକରେ ରୁମାଲ୍ ଗୁଡ଼େଇଥିବା ଯୁବକଟି ହାତ ହଲାଇ ଅଙ୍ଗୁଳି ସାହାଯ୍ୟରେ ନିର୍ଦ୍ଦେଶ ଦେଇ କହିଲା, ''ଏ ବୁଢ଼ା! ଉଠ୍ ଏଠୁ! ଏଠି ଆମର କାମ ଅଛି।'' ତା' କଥାକୁ କାଟି ଆଉଜଣେ ଯୁବକ କହିଲା- ''ଆବେ ରହ! ବୟସ୍କ ଲୋକ। ଏମିତି କ'ଣ କଥାବାର୍ତ୍ତା କରୁଛୁ?'' ତା'ପରେ ସାମାନ୍ୟ ରହି କହିଲା- ''ମଉସା! ଆପଣ ଟିକେ ଅନ୍ୟ ଜାଗାକୁ ଚାଲିଯାଆନ୍ତୁ। ଆମେ ଚାରିଜଣ ଏଠି ବସି କାମଟିଏ କରିବୁ।''

ଶଙ୍କରବାବୁ ଅନେଇଲେ ଚାରିଜଣ ଯୁବକଙ୍କୁ। ନବ୍ୟ ଯୁବକ। ଏ ଜାତିର ଭବିଷ୍ୟତ ଏମାନେ। କ'ଣ କରିବେ ଏଠି ବସି? କହିଲେ- ''ବାବାମାନେ! ମୁଁ ସବୁଦିନ ଏଠି ବସେ। ସବୁଦିନ ଏଠି ସିମେଣ୍ଟ ବେଞ୍ଚରେ ବସି ସୂର୍ଯ୍ୟାସ୍ତକୁ ଉପଭୋଗ କରେ। ଆଉ ଗାନ୍ଧୀଙ୍କର...''

ତାଙ୍କ କଥା ଶେଷ ହୋଇ ନ ଥିଲା, ତୃତୀୟ ଯୁବକଟି ଚିଲେଇ ଉଠିଲା, ''ରଖ ହୋ ତମର ଗାନ୍ଧୀକୁ! ଗାନ୍ଧୀ ସକାଶେ ଦେଶଟା ନାରଖାର ହୋଇଗଲା। ଲୋକଙ୍କୁ ମାଇଚିଆ କରିଦେଇଗଲା ଏ ଗାନ୍ଧୀବୁଢ଼ାଟା।''

ସ୍ତବ୍ଧ ହୋଇ ତୃତୀୟ ଯୁବକଟିର କଥାକୁ ଶୁଣିଲେ ଶଙ୍କରବାବୁ। କ'ଣ କହୁଛି ଏ ଯୁବକଟି? ସମଗ୍ର ପୃଥିବୀ ଯାହାକୁ ସମ୍ମାନ ଦିଏ, ଦେବତା ଜ୍ଞାନକରେ, ଏ ଯୁବକଟି ତାଙ୍କୁ ଗାଳିଦେଉଛି! ତାଙ୍କର ଇଚ୍ଛା ହେଉଥିଲା, ଖୁବ୍ ଜୋର୍‌ରେ ଚିତ୍କାର କରି ଯୁବକଟି ମସ୍ତବଡ଼ ଭୁଲ୍ କରିଛି ବୋଲି କହିବାକୁ; କିନ୍ତୁ ସେ କିଛି କହିବା ପୂର୍ବରୁ ପ୍ରଥମ, ତୃତୀୟ ଓ ଚତୁର୍ଥ ଯୁବକ ତାଙ୍କର ହାତଧରି ତାଙ୍କୁ ଉଠାଇଦେଲେ ବସିବା ସ୍ଥାନରୁ ଏବଂ ଏକରକମ ଠେଲିଠେଲି ନେଇଗଲେ ଦଶଗଜ ଦୂରରେ ଥିବା ଆଉ ଏକ ସିମେଣ୍ଟ ବେଞ୍ଚ ପାଖକୁ।

ଶଙ୍କରବାବୁଙ୍କର ପ୍ରବଳ ଇଚ୍ଛା ହେଉଥିଲା 'ଠୋ' କରି ଚାପୁଡ଼ାଟେ ମାରିବା ପାଇଁ ତାଙ୍କ ହାତକୁ ଧରିଥିବା ଅଭଦ୍ର ଯୁବକର ଗାଲରେ; କିନ୍ତୁ ମାରିପାରିଲେ ନାହିଁ। ଜୀବନଯାକ ଗାନ୍ଧୀଦର୍ଶନରେ ବିଶ୍ୱାସ କରିଆସିଛନ୍ତି। ଆଉ ଆଜି କେମିତି ହିଂସାର ଆଶ୍ରୟ ନେବେ? ତେବେ, ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ବେଖାତିର ଭାବରେ ଅନେଇ ଗାନ୍ଧୀଙ୍କୁ ଗାଳିଦେଇଥିବା ପିଲାଟି ପ୍ରତି କେମିତି ଏକ ଘୃଣାଭାବ ସୃଷ୍ଟି ହେଉଥିଲା ତାଙ୍କ ହୃଦୟ ଭିତରେ।





ଏକପ୍ରକାର ଧକ୍କାମାରି ବସେଇ ଦେଲେ ଶଙ୍କରବାବୁଙ୍କୁ ସେଇ ଦଶଗଜ ଦୂରରେ ଥିବା ଆଉ ଏକ ସିମେଣ୍ଟ ବେଞ୍ଚରେ ତିନୋଟି ଯୁବକ। କ୍ରୋଧ, ଅପମାନକୁ ହଜମ କରି ଗୁମ୍ ହୋଇ ବସିରହିଲେ ଶଙ୍କରବାବୁ। ସୂର୍ଯ୍ୟାସ୍ତ ହୋଇସାରିଥିଲା। ଅନ୍ଧାର ମାଡ଼ିଆସିଥିଲା; କିନ୍ତୁ ପାର୍କକୁ ଆଲୋକିତ କରି ଜଳି ଉଠିଥିଲା ପାର୍କର ବଲ୍‌ବଗୁଡ଼ିକ।

ଚତୁର୍ଦ୍ଦିଗରେ ବିଞ୍ଚି ହୋଇଯାଇଥିଲା ବିଦ୍ୟୁତ୍ ଆଲୋକ। ଖୁବ୍ ଭଲଭାବରେ ଦିଶୁଥିଲା ସବୁକିଛି ପାର୍କର।

ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତିକୁ ଅନେଇଲେ ଶଙ୍କରବାବୁ। ମନେମନେ କହିଲେ, ''ଦେଖୁଛ ତ ବାପୁ! ତମର ପ୍ରିୟ ଦେଶର ଯୁବପିଢ଼ିର କି ଅବସ୍ଥା! କି ବିଶୃଙ୍ଖଳ ଏମାନେ! ସ୍ୱାଧୀନତାର କି ଅସତ୍ ବ୍ୟବହାର! ଛିଃ... ଛିଃ...! ଏଇମାନଙ୍କ ପାଇଁ କ'ଣ ତମେ ଆତ୍ମବଳି ଦେଇଥିଲ?''

ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ ଶଙ୍କରବାବୁ। ବାପୁଙ୍କ ଉପରୁ ନଜର ହଟେଇ ଅନେଇଲେ ଯୁବକମାନଙ୍କୁ। କ'ଣ କରୁଛନ୍ତି ଏ ବାଲୁଙ୍ଗାମାନେ? ଆଶ୍ଚର୍ଯ୍ୟଚକିତ ହୋଇଗଲେ ଶଙ୍କରବାବୁ। ବ୍ୟାଗ୍ ଭିତରୁ ବୋତଲଟାଏ ବାହାରକଲା ଯୁବକଟିଏ। ଚାରିଟା ଗିଲାସ ସଜେଇ ରଖିଲା ସିମେଣ୍ଟ ବେଞ୍ଚ ଉପରେ ଆଉ ଜଣେ ଯୁବକ। ଗିଲାସରେ ଢାଳିଲା ବୋତଲରେ ଥିବା ତରଳ ପଦାର୍ଥକୁ ବୋତଲକୁ ହାତରେ ଧରିଥିବା ଯୁବକଟି। ଧୀରେ ଚୁମୁକିନେଲା ଟିକେ ଗିଲାସର ପାନୀୟକୁ। କହିଲା, ''ବାଃ!''

ଚାରିଜଣ ବନ୍ଧୁ ଆପଣା ଆପଣା ଗିଲାସକୁ ତୋଳିଧରିଲେ ହାତରେ ଏବଂ କହିଲେ ସମସ୍ୱରରେ, ''ଚିୟର୍ସ'' ଏବଂ ଗିଲାସକୁ ଗିଲାସ ଦେହରେ ଛୁଆଁଇ ଶବ୍ଦଟିଏ ସୃଷ୍ଟି କଲେ। ଶଙ୍କରବାବୁ ବୁଝିଗଲେ ଗିଲାସରେ ଥିବା ପାନୀୟ କ'ଣ ହୋଇଥାଇପାରେ। ଏଇ କାମ ପାଇଁ ତା'ହେଲେ ସେଠାରୁ ତାଙ୍କୁ ତଡ଼ିଥିଲେ ଚାରିଟା ମଦ୍ୟପ, ବିଶୃଙ୍ଖଳ ଯୁବକ! କେତେବଡ଼ କାମ ସତେ ସେମାନଙ୍କର!

ନଜର ହଟେଇ ନେଲେ ସେମାନଙ୍କ ଉପରୁ ଶଙ୍କରବାବୁ। ଏକ ଗଭୀର ହତାଶାବୋଧ କାବୁ କଲା ତାଙ୍କୁ। ଦେଶକଥା, ବିଶେଷଭାବରେ ଯୁବପିଢ଼ି କଥା ଭାବି ମନଟା ତାଙ୍କର ଖାଉଁଳିଗଲା।

ଯୁବକ ଚାରିଜଣ କିନ୍ତୁ ମଦ ପିଇବାରେ ମସ୍‌ଗୁଲ୍ ରହିଲେ। ଗିଲାସର ମଦ ସରିବା ପରେ ପୁଣି ମଦ ଢଳାଗଲା ଗିଲାସରେ। ବ୍ୟାଗ୍ ଭିତରୁ ଆଉ ଏକ ମଦବୋତଲ ବାହାର କରାହେଲା। ଦ୍ୱିତୀୟ ଯୁବକଟି ଯିଏ ଶଙ୍କରବାବୁଙ୍କୁ ମଉସା ସମ୍ବୋଧନ କରିଥିଲା, ଅଧିକ ମଦ ପିଇବାକୁ ରାଜି ହେଉ ନ ଥିଲା। ତାକୁ ଥଟ୍ଟା କରି କିଛି କଥା କହି ହୋ'ହୋ' ହୋଇ ହସିଉଠିଲେ ଅନ୍ୟ ତିନିଜଣ ସାଙ୍ଗ। ରାଗରେ ଏବଂ ଲାଜରେ ପୂରା ଗିଲାସତକ ପାଟିରେ ଢାଳିଦେଲା ଯୁବକଟି। ସମ୍ଭବତଃ, ଭଲଘରର ପିଲାଟି କୁ-ସଙ୍ଗରେ ପଡ଼ିଯାଇଛି– ଭାବିଲେ ଶଙ୍କରବାବୁ। ଇଚ୍ଛା ନ ଥିଲେ ବି ମଝିରେ ମଝିରେ କଣେଇ କଣେଇ ଚାହୁଁଥା'ନ୍ତି ଉଦ୍‌ଭ୍ରାନ୍ତ ଯୁବକମାନଙ୍କୁ।

ପେଟ ଭିତରକୁ ଯାଇଥିବା ପାନୀୟ ଧୀରେଧୀରେ ଶରୀର ଆଉ ମନକୁ ପ୍ରଭାବିତ କରିବାକୁ ଲାଗିଲା। ଗୁଣୁଗୁଣୁ ହୋଇ ଗୀତ ଗାଇଲେ ଯୁବକମାନେ। ତାଳିମାରି ନାଚିଲେ। ପାଦ ଟଳମଳ ହେଉଥିଲା ସେମାନଙ୍କର। ସେମିତି ଟଳିଟଳି ସେମାନେ ପହଞ୍ଚିଗଲେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରେ। ହଠାତ୍ ଜଣେ ଯୁବକ ଗାନ୍ଧୀଙ୍କ ଚଷମାଟା ଟାଣିବାକୁ ଚେଷ୍ଟାକଲା। ଆଉ ଜଣେ ଯୁବକ ତା' ହାତ ଧରି ଅଟକେଇଲା ଏବଂ କହିଲା, ''ଥାଉ! ବୁଢ଼ାଟା ଦେଖିପାରିବନି। ନ ଦେଖିଲେ କେମିତି ଜାଣିବ ଆମେ କେମିତି ଆଗେଇଛୁ?''

ଏତକ କହି ସେ ହସିଲା ହୋ ହୋ ହୋଇ। ସମତାଳରେ ହସିଲେ ଅନ୍ୟ ଯୁବକମାନେ। ଚତୁର୍ଥ ଯୁବକଟି ହାତରେ ଧରିଥିବା ମଦଗିଲାସଟା ଗାନ୍ଧୀଙ୍କ ମୁହଁ ପାଖକୁ ନେଇ କହିଲା, ''ପିଇ... ପିଇ...! ପିଇଲେ ଜାଣିବୁ ମଜା। ପିଇ ନ ଥିଲୁ ବୋଲି ସମସ୍ତଙ୍କୁ କହିଲୁ ସହିଯାଅ ମାଇଚିଆ!'' ଏତକ କହି ହଠାତ୍ ଗାନ୍ଧୀଙ୍କ ମୁହଁ ଉପରକୁ ଛାଟିଲା ଗିଲାସରେ ଥିବା ମଦକୁ।

ଅସହ୍ୟ ମନେହେଲା ଶଙ୍କରବାବୁଙ୍କୁ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଏତେବଡ଼ ଅପମାନ! ଚିଲେଇଲେ, ''ଏ ଟୋକା! ଲାଜ ଲାଗୁନି ତୋତେ? ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରୁଛୁ!'' ଏତକ କହି ଏକରକମ ଦୌଡ଼ିଦୌଡ଼ି ଯାଇ ସେଇ ଯୁବକ ହାତରୁ ଗିଲାସଟି ଛଡ଼େଇ ଫିଙ୍ଗିଦେଲେ ଦୂରକୁ।

ଅପ୍ରତ୍ୟାଶିତ ଥିଲା ଶଙ୍କରବାବୁଙ୍କ ଏ କାର୍ଯ୍ୟଟି ଯୁବକମାନଙ୍କ ପାଇଁ। କିଛି ସମୟ ହତଭମ୍ବ ହୋଇ ନାଲିଆଖିରେ ଅନେଇ ରହିଲେ ଶଙ୍କରବାବୁଙ୍କୁ। ତା'ପରେ ଜଣେ ଯୁବକ ଠେଲିଦେଲା ଶଙ୍କରବାବୁଙ୍କୁ ଖୁବ୍ ଜୋର୍‌ରେ। ତଳେ ପଡ଼ିଗଲେ ଶଙ୍କରବାବୁ। ଯୁବକମାନେ ଘେରିଗଲେ ତାଙ୍କୁ ଏବଂ ବିଧା, ଚାପୁଡ଼ା କଷିଦେଲେ ତାଙ୍କ ମୁହଁରେ, ଗାଲରେ ଆଉ ପିଠିରେ। ଜଣେ ଯୁବକ ଲାତ୍ ମାରିଲା ଶଙ୍କରବାବୁଙ୍କୁ। ଦ୍ୱିତୀୟ ଯୁବକଟି ଖୁବ୍ ଜୋର୍‌ରେ ଚାପୁଡ଼ାଟିଏ ମାରିଲା ଶଙ୍କରବାବୁଙ୍କ ଗାଲରେ ଏବଂ କହିଲା, ''ଶଳା ବୁଢ଼ା!'' ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଯାଇଥିଲା ମଦ୍ୟପାନ ପରେ। ଧୀରେଧୀରେ ଉଠିବାକୁ ଚେଷ୍ଟା କରିଥିଲେ ଶଙ୍କରବାବୁ। ହଠାତ୍ ତାଙ୍କ ମୁଣ୍ଡ ଉପରେ ମଦବୋତଲକୁ ପିଟିଦେଲା ଜଣେ ଯୁବକ। ଚତୁର୍ଦ୍ଦିଗ ଅନ୍ଧାର ଦିଶିଲା ଶଙ୍କରବାବୁଙ୍କୁ।

ଡାକ୍ତରଖାନା ଶଯ୍ୟା ଉପରେ ଶୋଇଥିବା ଅବସ୍ଥାରେ ସଂଜ୍ଞା ଫେରିପାଇଲେ ଶଙ୍କରବାବୁ। ପାଖରେ ବସିଥିଲେ ସ୍ତ୍ରୀ ସୁନନ୍ଦା। କାନ୍ଦିକାନ୍ଦି କହିଲେ, ''ମୁଁ ମନା କରିଥିଲି ରବିବାରଟା ଆଜି, ଯାଅନାହିଁ ପାର୍କକୁ। ଗୁଣ୍ଡା, ବଦମାସଙ୍କର ଆଡ୍ଡା ହୋଇଗଲାଣି ପାର୍କଟା। ଓଃ... କେତେ ରକ୍ତ ଯାଇଛି ତମ ମୁଣ୍ଡରୁ! ଭାଗ୍ୟ ଭଲ, କିଛିଲୋକ ତମ ପାଖରେ ପହଞ୍ଚି ଟୋକାଙ୍କୁ ଘଉଡ଼ାଇ ତମକୁ ନେଇଆସିଲେ ଡାକ୍ତରଖାନା। ତମର ଯଦି କିଛି ହୋଇଯାଇଥା'ନ୍ତା!''

ସକେଇ ସକେଇ କାନ୍ଦିଲେ ସୁନନ୍ଦା। ହାତ ହଲେଇ ବାରଣ କଲେ ଶଙ୍କରବାବୁ। କହିଲେ, ''ମୋର କିଛି ହେଇନି। ହେଲେ ଗାନ୍ଧୀଙ୍କୁ...!'' ଆଗକୁ କିଛି କହିପାରିଲେ ନାହିଁ।

ସେଇ ଡାକ୍ତରଖାନାରେ ଶଙ୍କରବାବୁଙ୍କୁ ଭେଟିଲେ ଜଣେ ପୋଲିସ ଅଫିସର। କରମର୍ଦ୍ଦନ କରି କହିଲେ, ''ଆପଣ ବିପଦମୁକ୍ତ ଜାଣି ଆମେମାନେ ବହୁତ ଖୁସି। କିଛି ଭଲଲୋକ ଠିକ୍ ସମୟରେ ଆପଣଙ୍କୁ ଡାକ୍ତରଖାନାକୁ ନେଇଆସିଲେ ବୋଲି ଆପଣ ବଞ୍ଚିଗଲେ। ଆପଣ ଜାଣି ଖୁସି ହେବେ, ସେଇ ଚାରିଜଣ ମାତାଲ ଯୁବକଙ୍କୁ ଆମେ ନେଇଆସିଛୁ କଷ୍ଟଡିକୁ। ଆପଣ ଟିକେ ସୁସ୍ଥ ହେଲେ ସେମାନଙ୍କୁ ଚିହ୍ନଟ କରିବେ। ଆପଣଙ୍କ ଚିହ୍ନିବା ଉପରେ ନିର୍ଭର କରୁଛି ଅପରାଧୀମାନେ ଦଣ୍ଡ ପାଇବେ କି ନାହିଁ। ହଉ, ଆପଣ ଟିକେ ସୁସ୍ଥ ହୋଇଯାଆନ୍ତୁ। ମୁଁ ଆସିବି।''

ପୋଲିସ ଅଫିସର ଯିବା ପରେ ବହୁତ ସମୟଧରି ଭାବିଲେ ଶଙ୍କରବାବୁ ସେଇ ଚାରିଜଣ ଯୁବକଙ୍କ କଥା। ସେମାନେ ବିଶୃଙ୍ଖଳ ଏବଂ ମଦନିଶାରେ ଅପରାଧ କରୁଛନ୍ତି। ତାଙ୍କୁ ଦଣ୍ଡଦେବା ଉଚିତ ହେବ କି? ଜେଲ୍‌ରେ ରହିଲେ ସେମାନେ ଅଧିକ ଅପରାଧପ୍ରବଣ ହୋଇଯିବେନି ତ? ଗାନ୍ଧୀ ଥିଲେ କ'ଣ କରିଥା'ନ୍ତେ ସେମାନଙ୍କ ସମ୍ବନ୍ଧରେ? କି ନିଷ୍ପତ୍ତି ନେଇଥା'ନ୍ତେ? ଗାନ୍ଧୀ ସବୁବେଳେ କହୁଥିଲେ– ''ପାପକୁ ଘୃଣା କର, ପାପୀକୁ ନୁହେଁ।'' ଏମାନେ ଯୁବକ, ଅପରାଧ କରୁଛନ୍ତି। ପାପ କରିଛନ୍ତି। କିନ୍ତୁ ଏମାନେ ପାପୀ ବୋଲି ଏମାନଙ୍କୁ ଘୃଣା କରିବା ଠିକ୍ ହେବ କି? ଭାବନାର ଗଭୀର ଜଳରେ ବହୁ ସମୟ ଧରି ଉବୁଟୁବୁ ହେଲେ ଶଙ୍କରବାବୁ ଏବଂ ଶେଷରେ ଆଖି ତାଙ୍କର ଉଜ୍ଜ୍ୱଳିଉଠିଲା।

ପୋଲିସ ଅଫିସର, ସ୍ତ୍ରୀ ସୁନନ୍ଦା, କେତେଜଣ ବନ୍ଧୁ ଓ ଜଜ୍‌ଙ୍କ ଉପସ୍ଥିତିରେ ଚାରିଜଣ ବିଶୃଙ୍ଖଳ ଯୁବକଙ୍କୁ ଚିହ୍ନିପାରିଲେ ନାହିଁ ଶଙ୍କରବାବୁ। ବହୁସମୟ ଧରି ସେମାନଙ୍କ ମୁହଁକୁ ଦେଖିବା ପରେ କହିଲେ, ''ନା, ଠିକ୍‌ଭାବରେ ପନେପଡୁନି। ଏମାନଙ୍କ ବୟସ ପାଖାପାଖି; କିନ୍ତୁ ଏମାନେ କି ନା କହିପାରିବିନି।''

ପୋଲିସ ଅଫିସର ଅନୁରୋଧ କରିଥିଲେ, ''ଭଲଭାବରେ ଚିହ୍ନନ୍ତୁ। ଆପଣ ଠିକ୍ ଚିହ୍ନିପାରିବେ ସାର୍। ଆପଣଙ୍କ ବୟାନ ଉପରେ ସବୁକିଛି ନିର୍ଭର କରେ।''

– ''ନା, ଏମାନେ କି ନା, ମୁଁ ଠିକ୍‌ଭାବରେ କହିପାରିବି ନାହିଁ। ମୋର ଠିକ୍‌ରେ ମନେପଡୁନି।''

କିଛିଦିନ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ ଶଙ୍କରବାବୁ। ସୁନନ୍ଦାଙ୍କୁ ସାଙ୍ଗରେ ନେଇ ପାର୍କକୁ ଗଲେ। ବସିଲେ ସେଇ ସିମେଣ୍ଟ ବେଞ୍ଚ ଉପରେ ଏବଂ ଦେଖିଲେ ବାପୁଙ୍କ ମୁହଁ। ସେଇ ହସହସ ମୁହଁ।

ହଠାତ୍ ଶଙ୍କିଗଲେ ଶଙ୍କରବାବୁ। ସୁନନ୍ଦା ପଚାରିଲେ, ''କ'ଣ ହେଲା?'' ଶଙ୍କରବାବୁ କିଛି ଉତ୍ତର ଦେବା ପୂର୍ବରୁ ଚାରିଜଣ ଯୁବକ ଆସି ଛିଡ଼ା ହୋଇଗଲେ ତାଙ୍କ ଆଗରେ। ଆଶ୍ଚର୍ଯ୍ୟ ହୋଇ ଅନେଇଥିବା ଶଙ୍କରବାବୁଙ୍କୁ ନମସ୍କାର କଲେ ଚାରିଜଣଯାକ ଏକାସାଙ୍ଗରେ। ହଠାତ୍ ଦ୍ୱିତୀୟ ଯୁବକଟି ଆଣ୍ଠୁମାଡ଼ି ବସିପଡ଼ିଲା ଭୂଇଁରେ ଏବଂ ଜୋର୍‌ରେ ଶଙ୍କରବାବୁଙ୍କ ପାଦଦୁଇଟାକୁ ଜାବୁଡ଼ିଧରି କହିଲା, ''ମଉସା! ମୋତେ କ୍ଷମା କରିଦିଅନ୍ତୁ।''

*ପୂର୍ବତନ ସଭାପତି 'ଉତ୍କଳ ସାହିତ୍ୟ ସମାଜ'*
*କ୍ୱା.ନଂ.-୫୧୨, ସିଲ୍‌ଭର୍ ନିନିଙ୍ଗ୍ ଆପାର୍ଟମେଣ୍ଟ*
*ମିଶନ୍ ରୋଡ୍, କଟକ-୭୫୩୦୦୧*
*ମୋ: ୯୯୩୭୫୮୩୭୬୬*





# ଜିମ୍ ଜୀବନ



ଆକର୍ଷଣୀୟ ଶରୀର ନିଶାରେ ସେଲିବ୍ରିଟିଙ୍କଠୁ ଆରମ୍ଭ କରି ସାଧାରଣ ଯୁବପିଢି ସମସ୍ତେ ଏବେ ଜିମ୍ ନିଶାରେ। କିନ୍ତୁ ଅତ୍ୟଧିକ ୱର୍କଆଉଟ୍ ସହ ଭୁଲ୍ ଡାଏଟ୍ ପ୍ଲାନ ଏବଂ ଟ୍ରେନରଙ୍କ ଉଚିତ୍ ପରାମର୍ଶର ଅଭାବ ଏବେ ସମସ୍ୟାର କାରଣ ସାଜିଛି...

ଗ୍ଲାମର ଦୁନିଆରେ ଯିଏ ଫିଟ୍, ସିଏ ହିଟ୍। ସେଇଥିପାଇଁ ତ ଜିମ୍ ଯେମିତି ପାଲଟିଛି ସେଲିବ୍ରିଟିଙ୍କ ଦ୍ୱିତୀୟ ଘର। କଠିନ ୱର୍କଆଉଟ୍ ସହ ପ୍ଲାନ୍ଡ ଡାଏଟ୍‌କୁ ଆପଣେଇ ସେମାନେ ପାଆନ୍ତି ଆକର୍ଷଣୀୟ ଶରୀର। କିନ୍ତୁ ବେଳେବେଳେ ଦେଖାଯାଉଛି ଅଧିକ ଫିଟ୍ ବଡି ପାଇବା ନିଶାରେ ସେମାନେ ପାଲଟି ଯାଉଛନ୍ତି ଜିମ୍‌ହୋଲିକ୍, ଯାହାକି ସେମାନଙ୍କୁ ଟାଣିନେଉଛି ହୃଦ୍‌ଘାତଜନିତ ମୃତ୍ୟୁ ଆଡକୁ। ସାର୍ଟିଫାଏଡ୍ ଫିଟ୍‌ନେସ୍ ଟ୍ରେନର୍ ଥାଇ ସୁଷମ ଖାଦ୍ୟ ଖାଇ ମଧ୍ୟ ଏଭଳି ଘଟଣା ବଢ଼ିବାରେ ଲାଗିଛି। ତେବେ ଯେଉଁ ସାଧାରଣ ବ୍ୟକ୍ତି ସେଲିବ୍ରିଟିଙ୍କ ଫିଟ୍ ଶରୀରକୁ ଆଦର୍ଶ କରି ଜିମ୍ ଯାଉଛନ୍ତି, ସେମାନଙ୍କ ପାଖରେ ନା ଥାଆନ୍ତି ଉପଯୁକ୍ତ ଟ୍ରେନର୍ ନା ଥାଏ ପ୍ଲାନ୍ଡ ଡାଏଟ୍। ତେଣୁ ସେମାନେ ଜିମ୍‌ରେ କିଭଳି ୱର୍କଆଉଟ୍ କଲେ, କ'ଣ ଡାଏଟ୍ ଆପଣେଇଲେ ଏଭଳି ବିପଦରୁ ଦୂରେଇ ରହିବେ, ସେ ସମ୍ପର୍କରେ ଜାଣିବା ଜରୁରୀ।

ବିଗତ କିଛି ଘଟଣା ଦେଖିବାକୁ ଗଲେ ଜିମ୍‌ରେ ୱର୍କଆଉଟ୍ କରୁଥିବା ସମୟରେ ଅନେକେ ହାର୍ଟଆଟାକ୍‌ର ଶିକାର ହେଉଛନ୍ତି। କେହି କେହି ଏଥିପାଇଁ ଜିମ୍‌କୁ ଦାୟୀ କରୁଥିବାବେଳେ ଫିଟ୍‌ନେସ୍ ଟ୍ରେନରଙ୍କ କହିବା କଥା ସମ୍ପୂର୍ଣ୍ଣ ଭିନ୍ନ। ତେବେ କ'ଣ କୁହନ୍ତି ଟ୍ରେନର୍ ମାନେ...



ଦୁର୍ଗାଶିଷ ମହାନ୍ତି

## ଜଣେ ସାର୍ଟିଫାଏଡ୍ ଟ୍ରେନର୍ ହିଁ ସଠିକ୍ ପରାମର୍ଶ ଦେଇପାରିବେ

***-ଦୁର୍ଗାଶିଷ ମହାନ୍ତି, ପ୍ରତିଷ୍ଠାତା ଜେନେଭା ଫିଟ୍‌ନେସ୍ କ୍ଲବ***

ଜଣେ ସାର୍ଟିଫାଏଡ୍ ଟ୍ରେନର ଭାବେ ଦୀର୍ଘ ୨୦ ବର୍ଷ ହେବ ଟ୍ରେନିଂ ଦେଇ ଆସୁଥିବା ଦୁର୍ଗାଶିଷ ମହାନ୍ତି ପ୍ରଥମେ ୟୁଏସ୍ ମିଲିଟାରୀ ବେସ୍‌ରେ ଟ୍ରେନର ଭାବେ ଯୋଗଦିଅନ୍ତି। ଏହିପରି ସେ ୧୫ ବର୍ଷ ବିଦେଶରେ କାମ କରିବା ପରେ ଓଡ଼ିଶା ଆସି ଭୁବନେଶ୍ୱରରେ ପ୍ରତିଷ୍ଠା କରନ୍ତି ଜେନେଭା ଫିଟନେସ୍ କ୍ଲବ୍। ଅତ୍ୟଧିକ ଜିମ୍ ଅକାଳ ମୃତ୍ୟୁର କାରଣ ବୋଲି ଅଭିଯୋଗକୁ ନେଇ ସେ କୁହନ୍ତି, ପ୍ରକୃତରେ ଜିମ୍ ଯୋଗୁ କାହାର ମୃତ୍ୟୁ ହୁଏ ନାହିଁ। କିନ୍ତୁ ଏଥିପାଇଁ ଜଣେ ସାର୍ଟିଫାଏଡ୍ ଟ୍ରେନରଙ୍କ ପରାମର୍ଶ ସହ କେତୋଟି ଦିଗ ପ୍ରତି ଦୃଷ୍ଟି ରଖିବା ନିହାତି ଜରୁରୀ। ପ୍ରଥମ କଥା ହେଲା, ସାର୍ଟିଫାଏଡ୍ ଟ୍ରେନରଙ୍କଠାରୁ ପରାମର୍ଶ ନେଲେ ସେ ଆପଣଙ୍କ ସ୍ୱାସ୍ଥ୍ୟ ଓ ବୟସ ଅନୁସାରେ ଆପଣ କେତେ ସମୟ ଓ କେମିତି ୱର୍କଆଉଟ୍ କରିବେ ସେ ସମ୍ପର୍କରେ ଆପଣଙ୍କୁ ଉଚିତ ବାଟ ଦେଖାଇବେ। ସବୁବେଳେ ଓଭର୍ ୱର୍କଆଉଟ୍‌ଠାରୁ ଦୂରରେ ରହିବେ। ଆପଣଙ୍କ ଶରୀର ପାଇଁ ଯେତିକି ଆବଶ୍ୟକ ସେତିକି ଏକ୍ସରସାଇଜ୍ କରିବେ। ଯଦି ଆପଣଙ୍କର ହାର୍ଟ ପ୍ରୋବ୍ଲେମ୍ ବା ଅନ୍ୟ କୌଣସି ଶାରୀରିକ ସମସ୍ୟା ରହିଛି, ତା'ହେଲେ ଟ୍ରେନର ବା ଡାକ୍ତରଙ୍କ ପରାମର୍ଶରେ ନିୟମ ଭିତରେ ଏକ୍ସରସାଇଜ୍ କରନ୍ତୁ। ଏହାପରେ ଆଉ ଏକ ଜରୁରୀ କଥା ହେଲା ନ୍ୟୁଟ୍ରିସନ୍ ଫୁଡ୍। ଜିମ୍ ପାଇଁ ଖାଦ୍ୟର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଅଧିକାଂଶ ଜିମ୍ ଯାଉଥିବା ବ୍ୟକ୍ତି ମନଇଚ୍ଛା ପ୍ରୋଟିନ୍ ଖାଉଛନ୍ତି। ଜିମ୍ ପୂର୍ବରୁ 'ବିଫୋର ୱର୍କଆଉଟ୍ ଏନର୍ଜି' ଡ୍ରିଙ୍କ୍ ନେଉଛନ୍ତି, ଯାହା ଶରୀର ପାଇଁ ଖୁବ୍ ମାରାତ୍ମକ। ଆଉ ସବୁଠୁ ଚିନ୍ତାଜନକ କଥା ହେଲା, ଯାହାକି ଅଭିନେତାମାନଙ୍କ କ୍ଷେତ୍ରରେ ବେଶି ଦେଖାଯାଏ ମସ୍‌ଲ୍ସ ଗ୍ରୋଥ୍ ପାଇଁ ଷ୍ଟେରଏଡ୍ ନେବା। ଏହିସବୁ କାରଣ ପରବର୍ତ୍ତୀ ସମୟରେ ମୃତ୍ୟୁର କାରଣ ହୋଇପାରେ। କିନ୍ତୁ ଯଦି ସଠିକ ଉପାୟରେ ସାର୍ଟିଫାଏଡ୍ ଟ୍ରେନରଙ୍କ ପରାମର୍ଶରେ ୱର୍କଆଉଟ୍ କରିବେ, କୌଣସି ପ୍ରକାର ସମସ୍ୟା କେବେବି ଦେଖାଦେବନି।

## ଆବଶ୍ୟକତାଠାରୁ ଅଧିକ ଏକ୍ସରସାଇଜ୍ ବି କ୍ଷତିକାରକ

*-ଅମିତାଭ ରାଉତ*
*(ଜିମ୍ ଟ୍ରେନର୍)*

ନିଜର ଫିଟ୍‌ନେସ୍ ବଜାୟ ରଖିବା ଆଜିର ଦିନରେ ସବୁଠୁ ବଡ଼ ଚ୍ୟାଲେଞ୍ଜ କହିଲେ ଅତ୍ୟୁକ୍ତି ହେବନି। କାରଣ





# ଘାତକ ହୋଇଛି କି ଜିମ୍ !



**ପୁନିତ ରାଜକୁମାର:** କନ୍ନଡ଼ ସୁପରଷ୍ଟାର ପୁନିତ । ଲୋକପ୍ରିୟ ଅଭିନେତା ସହ ଜଣେ ସିଙ୍ଗର, ଟେଲିଭିଜନ୍ ପ୍ରେଜେଣ୍ଟର ଓ ପ୍ରଡ୍ୟୁସର୍ ବି ଥିଲେ । ସମାଜସେବା କରି ଅନେକଙ୍କର ଖୁବ୍ ନିଜର ହୋଇପାରିଥିଲେ । ହେଲେ ୨୯ ଅକ୍ଟୋବର ୨୦୨୧ରେ ଯେବେ ସେ ଜିମ୍‌ରେ ୱର୍କଆଉଟ୍ କରୁଥିଲେ, ହଠାତ୍ ହୃଦ୍‌ଘାତର ଶିକାର ହେଲେ । ଏହାପରେ ସଙ୍ଗେ ସଙ୍ଗେ ତାଙ୍କୁ ଡାକ୍ତରଖାନାରେ ଆଡମିଟ୍ କରାଯାଇଥିଲା । କିନ୍ତୁ ସ୍ଥିତି ଅତି ଗମ୍ଭୀର ଥିବାରୁ ତାଙ୍କୁ ବଞ୍ଚାଯାଇପାରି ନ ଥିଲା । ମାତ୍ର ୪୬ ବର୍ଷ ବୟସରେ ସେ ମୃତ୍ୟୁବରଣ କଲେ । ତାଙ୍କ ମୃତ୍ୟୁରେ ସମସ୍ତେ ହତବାକ୍ ହୋଇଯାଇଥିଲେ । ମୃତ୍ୟୁ ପୂର୍ବଦିନ ସନ୍ଧ୍ୟାରେ ପୁନିତ୍‌ଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲା । ହେଲେ ସେ ଡାକ୍ତରଙ୍କ ପାଖକୁ ଯାଇ ଚେକ୍‌ଅପ୍ କରି ନ ଥିଲେ । ଆଉ ପରଦିନ ସକାଳେ ଜିମ୍ ଯାଇ ଦୁଇ ଘଣ୍ଟାର ହେଭି ୱର୍କଆଉଟ୍ କରିଥିଲେ । ଏହି କାରଣରୁ ତାଙ୍କର ହୃଦ୍‌ଘାତ ହୋଇଥାଇପାରେ ବୋଲି ଡାକ୍ତର କୁହନ୍ତି ।

**ରାଜୁ ଶ୍ରୀବାସ୍ତବ:** ପପୁଲାର ଷ୍ଟାଣ୍ଡଅପ୍ କମେଡିଆନ୍, ଆକ୍ଟର ତଥା ରାଜନେତା ରାଜୁ ଶ୍ରୀବାସ୍ତବ ୫୮ ବର୍ଷ ବୟସରେ ମୃତ୍ୟୁବରଣ କଲେ । ଆଉ ତାଙ୍କର ମୃତ୍ୟୁ ବି ଜିମ୍‌ରେ ହେଭି ୱର୍କଆଉଟ୍ କରିବା ପାଇଁ ହୋଇଛି ବୋଲି କୁହାଯାଏ । ଚଳିତବର୍ଷ ଅଗଷ୍ଟ ୧୦ ତାରିଖରେ ରାଜୁ ଶ୍ରୀବାସ୍ତବ ଦିଲ୍ଲୀର ଏକ ଜିମ୍‌ରେ ଟ୍ରେଡ୍‌ମିଲ୍‌ରେ ୱର୍କଆଉଟ୍ କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତୁରନ୍ତ ତାଙ୍କୁ ଦିଲ୍ଲୀ ଏମ୍ସରେ ଆଡ୍‌ମିଟ୍ କରାଯାଇ




ଚିକିତ୍ସା କରାଗଲା । ହେଲେ ଗମ୍ଭୀର ହୃଦ୍‌ଘାତ ହୋଇଥିବାରୁ ତାଙ୍କ ଜୀବନ ବିପଦରେ ଥିଲା । ଦୀର୍ଘ ୪୧ ଦିନ ସେ ଜୀବନ ସହ ସଂଘର୍ଷ କରି ଶେଷରେ ୨୧ ସେପ୍ଟେମ୍ବର, ୨୦୨୨ରେ ମୃତ୍ୟୁବରଣ କଲେ ।

**ସିଦ୍ଧାନ୍ତ ବୀର ସୂର୍ଯ୍ୟବଂଶୀ:** ଲୋକପ୍ରିୟ ଟିଭି ଶୋ' କୁସୁମ୍, 'କସୌଟି ଜିନ୍ଦଗୀ କେ' ୱାରିସ୍ , ଜିନ୍ଦି ଦିଲ ମାନେନା, 'ମମତା' ପରି ୨୫ଟି ଟେଲିଭିଜନ୍ ଶୋ'ରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଥିଲେ ସିଦ୍ଧାନ୍ତ ବୀର ସୂର୍ଯ୍ୟବଂଶୀ । ତେବେ ନିକଟରେ ଅର୍ଥାତ୍ ୧୧ ନଭେମ୍ବର, ୨୦୨୨ରେ ମାତ୍ର ୪୬ ବର୍ଷ ବୟସରେ ସେ ଜିମ୍‌ରେ ୱର୍କଆଉଟ୍ କଲାବେଳେ ହୃଦ୍‌ଘାତର ଶିକାର ହୋଇ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ।




**ଅବିର ଗୋସ୍ୱାମୀ:** ଟିଭି ଓ ଫିଲ୍ମରେ ବେଶ୍ ନାଁ କରିଥିଲେ ଅବିର ଗୋସ୍ୱାମୀ । ୨୦୧୩ରେ ଜିମ୍‌ରେ ଟ୍ରେଡ୍‌ମିଲରେ ଦୌଡୁଥିବାବେଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଆଉ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁବରଣ କଲେ । ସେତେବେଳେ ତାଙ୍କୁ ମାତ୍ର ୩୭ ବର୍ଷ ବୟସ ହୋଇଥିଲା । ଅବିର 'ପ୍ୟାର୍ କା ଦର୍ଦ ହେ ମିଠା ମିଠା', 'କୁସୁମ' ଭଳି ଟିଭି ଶୋ'ରେ କାମ କରିବା ସହ 'ଲକ୍ଷ୍ୟ' ଓ 'ଖାକି' ଚଳଚ୍ଚିତ୍ରରେ ବି କାମ କରିଥିଲେ ।



**ସିଦ୍ଧାର୍ଥ ଶୁକ୍ଲା:** ଏହି ଲୋକପ୍ରିୟ ଅଭିନେତାଙ୍କ ମୃତ୍ୟୁ ଜିମ୍‌ରେ ୱର୍କଆଉଟ୍ କଲାବେଳେ ହୋଇ ନ ଥିଲେ ହେଁ, ଷ୍ଟେରଏଡ ଓ ବଡିବିଲ୍ଡିଂ ସପ୍ଲିମେଣ୍ଟର ଅତ୍ୟଧିକ ବ୍ୟବହାର ଯୋଗୁ ଘରେ ଶୋଇଥିବାବେଳେ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁବରଣ କରିଥିବା କୁହାଯାଏ ।

# ଅତ୍ୟଧିକ ବ୍ୟାୟାମ ଓ ହୃଦ୍‌ଘାତ



ଅତ୍ୟଧିକ ବ୍ୟାୟାମ ହୃଦ୍‌ଘାତ ଓ ହଠାତ୍ ମୃତ୍ୟୁର ଏକ ମୁଖ୍ୟକାରଣ । ଆଗକାଳରେ ଏହି ସମସ୍ୟା ବେଶୀ ବୟସରେ ହେଉଥିଲା, କିନ୍ତୁ ଏବେ ପ୍ରାୟ ୪୦ ବର୍ଷ କିମ୍ବା ତା'ଠାରୁ କମ୍ ବୟସରେ ହୃଦ୍‌ଘାତଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି ।

ହୃତ୍‌ପିଣ୍ଡ ମଣିଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହାର ମାଂସପେଶୀ ପମ୍ପକୁ ଶରୀରର ସମସ୍ତ ଅଙ୍ଗରୁ ଦୂଷିତ ରକ୍ତ ଆସିଥାଏ ଏବଂ ଏହା ବିଶୁଦ୍ଧୀକରଣ ପାଇଁ ଫୁସ୍‌ଫୁସ୍‌କୁ ପ୍ରେରିତ ହୋଇ ସେଠାରୁ ବିଶୁଦ୍ଧ ରକ୍ତ ସାରା ଶରୀରକୁ ସଂଚାଳିତ ହୋଇଥାଏ । ହେଲେ ବିଭିନ୍ନ କାରଣରୁ ହୃତ୍‌ପିଣ୍ଡର କରୋନାରୀ ଧମନୀରେ କୋଲେଷ୍ଟରଲ ପ୍ଲାକ୍ ଜମିଯାଏ । ଅତ୍ୟଧିକ ବ୍ୟାୟାମରେ ଧମନୀର ଭିତର ପଟ କାନ୍ଥରେ ଅଧିକ କ୍ୟାଲସିୟମ ଡିପୋଜିଟ ହୋଇଯାଏ ଏବଂ ଏଥିରୁ କିଛି ଅଂଶ ଖସିଆସି ଧମନୀକୁ ବ୍ଲକ କରିଦେଲେ ହୃତ୍‌ପିଣ୍ଡକୁ ରକ୍ତ ସଞ୍ଚାଳନ ବନ୍ଦ ହୋଇ ହୃଦ୍‌ଘାତ ବା' ଷ୍ଟ୍ରୋକ୍ ହୋଇଥାଏ ।

ଯୁବା ବୟସରେ ହୃଦ୍‌ଘାତର ମୁଖ୍ୟ କାରଣ ହେଉଛି ରକ୍ତରେ ଅତ୍ୟଧିକ କୋଲେଷ୍ଟରଲ ବା ଚର୍ବି ଅଂଶ, ଉଚ୍ଚ ରକ୍ତଚାପ, ଧୂମପାନ, ଡ୍ରଗ ସେବନ, ଅତ୍ୟଧିକ ମୋଟାପଣିଆ, ବେଶୀ ଚର୍ବିଯୁକ୍ତ ଫାଷ୍ଟଫୁଡ୍ ବା ଜଙ୍କ୍‌ଫୁଡ୍ ଖାଇବା, ମାନସିକ ଚାପ, ବ୍ୟାୟାମର ଅଭାବ ତଥା ଅନିୟନ୍ତ୍ରିତ ଜୀବନଶୈଳୀ । ପ୍ରାୟ ୭୦ ପ୍ରତିଶତ କ୍ଷେତ୍ରରେ ଆଗରୁ କୌଣସି ଲକ୍ଷଣ ନ ଥାଇ ବ୍ୟାୟାମ କଲାବେଳେ ହୃଦ୍‌ଘାତ ହୋଇ ହଠାତ୍ ମୃତ୍ୟୁ ହୋଇଥାଏ ।

ବ୍ୟାୟାମଜନିତ ହୃଦ୍‌ଘାତ କେବଳ ଯେ ହଠାତ୍ ହାର୍ଟ ଆଟାକ୍ କରିଥାଏ ତାହା ନୁହେଁ, ଏହା ହୃତ୍‌ପିଣ୍ଡର କ୍ରିୟାରେ ମଧ୍ୟ ଅନିୟମିତତା କରି ହୃଦ୍‌ଯନ୍ତ୍ରର କ୍ରିୟାକୁ ବନ୍ଦ କରେ ଓ ସଙ୍ଗେ ସଙ୍ଗେ ମୃତ୍ୟୁ ହୋଇଥାଏ । ତେବେ ୨୫ ବର୍ଷରୁ ୫୦ ବର୍ଷ ଭିତରେ ଏହି କାରଣରୁ ଯେତେ ରୋଗୀଙ୍କ ହଠାତ୍ ମୃତ୍ୟୁ ହୋଇଥାଏ, ତା' ମଧ୍ୟରୁ ୯୯ ପ୍ରତିଶତ ହେଉଛି ଧୂମପାନ କରୁଥିବା ବ୍ୟକ୍ତି ।

ତେଣୁ ବ୍ୟାୟାମ କରିବା ପୂର୍ବରୁ ବିଶେଷଜ୍ଞଙ୍କ ଦ୍ୱାରା ସଂପୂର୍ଣ୍ଣ ଚେକ୍‌ଅପ୍ କରାଇ ବ୍ୟାୟାମ କରିବା ଆବଶ୍ୟକ ।

**– ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ**
(ହୃଦ୍‌ବକ୍ଷଶଲ୍ୟ ବିଶେଷଜ୍ଞ)



ଅମିତାଭ

ବର୍ତ୍ତମାନ ଅଧିକାଂଶଙ୍କର ଖାଦ୍ୟପେୟଠୁ ଆରମ୍ଭ କରି ବିଭିନ୍ନ ଇ-ଗ୍ୟାଜେଟ୍‌ର ଅଧିକ ସମୟ ବ୍ୟବହାର ଓ ଆବଶ୍ୟକ ସମୟ ନ ଶୋଇବା ଆଦି ବିଭିନ୍ନ ଦିଗରୁ ସମ୍ପୂର୍ଣ୍ଣ ଲାଇଫଷ୍ଟାଇଲ୍ ବଦଳିଯାଇଛି । ଫଳରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ଯାହାକୁ ଦୂର କରିବା ଲାଗି ଅନେକେ ଜିମ୍‌ରେ ଏକ୍ସରସାଇଜ୍ କରିବାକୁ ଆସୁଛନ୍ତି । ଅଧିକାଂଶ ଯୁବପିଢ଼ି ଫିଟ୍‌ନେସ୍ ସହିତ ସ୍ଲିମ୍ ତଥା ଆଟ୍ରାକ୍ଟିଭ୍ ଫିଗର ପାଇଁ ଆସୁଛନ୍ତି । ହେଲେ ସେମାନଙ୍କ ମଧ୍ୟରୁ କେତେଜଣ ଶୀଘ୍ର ରେଜଲ୍ଟ ପାଇଁ ଓଭର ଏକ୍ସରସାଇଜ୍ କରି ଅସୁବିଧାର ସମ୍ମୁଖୀନ ହେଉଥିବା ନଜିର ରହିଛି । ତେଣୁ ଜଣେ ଜିମ୍ ଟ୍ରେନର ଭାବେ ମୋ ଜିମ୍‌କୁ ଆସୁଥିବା ପ୍ରତ୍ୟେକଙ୍କ ଶରୀରର ଆବଶ୍ୟକତାକୁ ଆଖିଆଗରେ ରଖି ବିଭିନ୍ନ ଏକ୍ସରସାଇଜ୍ କରାଇଥାଏ । କାହାର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଜିମ୍ ଜଏନ୍ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥାଏ । ଟ୍ରେଡ୍‌ମିଲ୍ ହେଉ ଅବା ଅନ୍ୟ କୌଣସି ଜିମ୍ ଗ୍ୟାଜେଟ୍ ବ୍ୟବହାର କରିବାକୁ କହିବା ବେଳେ ସେ ସେଥିରେ କେତେ କମ୍ଫର୍ଟେବଲ୍ ସେ ଦିଗରେ ଯଥେଷ୍ଟ ଧ୍ୟାନ ଦେଇଥାଏ । ଏକ୍ସରସାଇଜ୍ ବେଳେ ସାମାନ୍ୟ ଅସୁବିଧା ଅବା କଷ୍ଟ ଅନୁଭବ ହେଲେ ଜବରଦସ୍ତ କରିବାକୁ ନ କହି ତୁରନ୍ତ ବନ୍ଦ କରିବାକୁ କହିଥାଏ । ତେବେ ମୋ ମତରେ ଏକ୍ସପର୍ଟଙ୍କ ଅନୁଧ୍ୟାନରେ ଆବଶ୍ୟକ ମାତ୍ରାରେ ଏକ୍ସରସାଇଜ୍ କଲେ ଏହାର ବେଷ୍ଟ ରେଜଲ୍ଟ ମିଳିଥାଏ ।

## ଟ୍ରେନରଙ୍କ ଅନୁଧ୍ୟାନରେ କରିବା ଆବଶ୍ୟକ

**– ଆଲୋକ ରଞ୍ଜନ ଲେଙ୍କା** (ପ୍ରଶିକ୍ଷାର୍ଥୀ)



ଆଲୋକ

ଜିମ୍ ମୁଖ୍ୟତଃ ଦୁଇଟି କାରଣ ପାଇଁ ଯାଆନ୍ତି । କେହି କେହି ବଡି ବିଲ୍ଡିଂ ତ ଆଉ କେହି ଫିଟ୍‌ନେସ୍ ପାଇଁ । ମଧ୍ୟ ଏବଂ ବୟସ୍କମାନେ ଫିଟ୍‌ନେସ୍ ସକାଶେ ଯାଉଥିବା ବେଳେ ଯୁବପିଢ଼ି ବିଶେଷକରି ଅନେକ ଯୁବକ ବଡି ବିଲ୍ଡିଂ ପାଇଁ ଜିମ୍ ଯାଆନ୍ତି । ମୁଁ ମଧ୍ୟ ଏଥିପାଇଁ ପ୍ରାୟ ୭-୮ ବର୍ଷ ହେବ ଯାଉଛି । ଫିଟ୍‌ନେସ୍ ୱର୍କଆଉଟ୍ ତୁଳନାରେ ବଡି ବିଲ୍ଡିଂ ପାଇଁ ଯଥେଷ୍ଟ ଅଧିକ ପରିଶ୍ରମ ପଡ଼ିଥାଏ । ସେଥିପାଇଁ ଅଏଲି ଫୁଡ୍, ଜଙ୍କ୍ ଫୁଡ୍ ଏବଂ ଅନ୍ୟାନ୍ୟ ହାଇ କ୍ୟାଲୋରି ଫୁଡ୍ ପରିବର୍ତ୍ତେ ପ୍ରପର ଡାଏଟ୍ ଏବଂ ରେଷ୍ଟ ନେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ଆଦୌ ଅଣଦେଖା କରେନି । ସବୁଠୁ ବଡ଼ କଥା ହେଉଛି, ପ୍ରତ୍ୟେକ ଏକ୍ସରସାଇଜ୍ ଟ୍ରେନରଙ୍କ ପରାମର୍ଶ ଏବଂ ଅନୁଧ୍ୟାନରେ ହିଁ କରିଥାଏ । କାରଣ ଏଥିରେ ସାମାନ୍ୟ ବ୍ୟତିକ୍ରମ ହେଲେ ମସଲ୍ସ କିମ୍ବା ଅର୍ଥୋ ପ୍ରୋବ୍ଲେମ୍ ଦେଖାଦେବାର ଆଶଙ୍କା ରହିଛି । ତେବେ ବର୍ତ୍ତମାନ ଓଭର ଏକ୍ସରସାଇଜ୍ ପାଇଁ କେତେକଙ୍କଠାରେ ହାର୍ଟଷ୍ଟ୍ରୋକ୍ ଦେଖାଦେଉଛି । ତେଣୁ ମୋ ମତରେ ଶୀଘ୍ର ପତଳା ହେବା ଲକ୍ଷ୍ୟରେ କେହିବି ମନଇଚ୍ଛା ଆବଶ୍ୟକତାଠାରୁ ଅଧିକ ଏକ୍ସରସାଇଜ୍ କରିବା ଠିକ୍ ନୁହେଁ । ବିଶେଷକରି ସୁରକ୍ଷା ଦୃଷ୍ଟିରୁ ହାର୍ଟ ପ୍ରୋବ୍ଲେମ୍ ଥିବା ଲୋକେ ଜିମ୍‌ରେ ଏକ୍ସରସାଇଜ୍ ନ କରିବା ଭଲ ।





ଆଜିର ଦିନରେ ସମସ୍ତେ କାର୍ଯ୍ୟବ୍ୟସ୍ତ । ଆଉ ଏହି ବ୍ୟସ୍ତବହୁଳ ଜୀବନରେ ସୁସ୍ଥ ରହିବା କୌଣସି ବରଦାନଠୁ କମ୍ ନୁହେଁ । ଏମିତିରେ ଅନେକଙ୍କ ପାଇଁ ଫିଟ୍‌ନେସ୍ ମନ୍ତ୍ର ପାଲଟିଛି ଏକ୍ସରସାଇଜ୍ । ହେଲେ କଥାରେ ଅଛି ଅତି ସର୍ବତ୍ର ଗର୍ହିତମ୍, ଅର୍ଥାତ୍ ବର୍ତ୍ତମାନ ଫିଟ୍‌ନେସ୍ ଆଳରେ ଆବଶ୍ୟକତାଠାରୁ ଅଧିକ ଏକ୍ସରସାଇଜ୍ ଅନେକଙ୍କ ପାଇଁ ସାଜୁଛି କାଳ, ଯାହା ପ୍ରତି ବେଳହୁଁ ସାବଧାନ ରହିବା ଆବଶ୍ୟକ ।

**–ରୋଜାଲିନ୍, ଶିବାନୀ, ମାସୀ**



ବିଏମ୍ ବୈଶାଳୀ